

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୯ ଜୁଲାଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 29 JULY 2023
Vol.No. 35 ■ No. 200 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସୋମବାର ଧାର୍ଯ୍ୟ ହେବ ଅନାସ୍ଥା ପ୍ରସ୍ତାବ ତାରିଖ: ଉପସ୍ଥିତ ରହିବେ ମୋଦି



ନୂଆଦିଲ୍ଲୀ,୨୮/୦୭ : କେନ୍ଦ୍ରରେ କ୍ଷମତାସୀନ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ବିରୋଧରେ କଂଗ୍ରେସ ଆଣିଥିବା ଅନାସ୍ଥା ପ୍ରସ୍ତାବ ଆସନ୍ତା ସପ୍ତାହରେ ଗୃହରେ ଆଗତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ଏହି ଅନାସ୍ଥା ପ୍ରସ୍ତାବ ଉପସ୍ଥାପନ କରାଯିବ। ସେହିପରି ଏହା ଉପରେ କେଉଁ ଦିନ ଆଲୋଚନା ହେବ, ତା'ର ତାରିଖ ମଧ୍ୟ ସୋମବାର ଧାର୍ଯ୍ୟ କରାଯିବ ବୋଲି ଜଣାପଡ଼ିଛି। ଅଗଷ୍ଟ ୧ ତାରିଖ ମଙ୍ଗଳବାର ପ୍ରଧାନମନ୍ତ୍ରୀ ମୋଦି ମହାରାଷ୍ଟ୍ର ଯିବାର ଅଛି। ତେଣୁ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ଓ ଏହାର ଉତ୍ତର ସହ ଭୋଟ ବୁଧବାର ଓ ଗୁରୁବାର ହୋଇପାରେ। କାରଣ ପ୍ରଧାନମନ୍ତ୍ରୀ ମୋଦି ହିଁ ଆଲୋଚନା ଶେଷରେ ସବୁ ସଦସ୍ୟ ଉଠାଇଥିବା ପ୍ରଶ୍ନର ଉତ୍ତର ଦେବେ। ତେଣୁ ସେ ଗୃହରେ ଉପସ୍ଥିତ ରହିବା ଜରୁରୀ। ଗୋଟିଏ ରିପୋର୍ଟରେ କୁହାଯାଇଛି ଯେ ବୁଧବାର ଦିନ ୧୨ଟାରୁ ହିଁ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ହେବ। ବାଚସ୍ପତି ସବୁ ଦଳର ସଦସ୍ୟଙ୍କୁ ନିଜର ମତ ରଖିବା ପାଇଁ ଉପଯୁକ୍ତ ସମୟ ଦେବେ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ଜୁଲାଇ ୨୦ରୁ ଆରମ୍ଭ ହୋଇଥିବା ସଂସଦର ମୌସୁମୀ ଅଧିବେଶନ ଅଗଷ୍ଟ ୧୧ ଯାଏ ଚାଲିବ। ସରକାର ବହୁ ଗୁରୁତ୍ୱପୂର୍ଣ୍ଣ ବିଲ ଗୃହରେ ଉପସ୍ଥାପନ କରିବାକୁ ନଜର ରଖିଛନ୍ତି। ହେଲେ ମଣିପୁର ହିଂସାକୁ ନେଇ ଗୃହ ଠିକ ଭାବେ ଚାଲି ପାରୁନି। ମଣିପୁର ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦି ବିବୃତି ରଖୁ ନଥିବାରୁ ବିରୋଧୀ ତାଙ୍କ ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ଏହାକୁ ମାତ ଦେବା ପାଇଁ ସରକାରଙ୍କ ପାଖରେ ଆବଶ୍ୟକ ସଂଖ୍ୟା ରହିଛି। ଏକଥା ବିରୋଧୀ ଭଲ ଭାବେ ଜାଣିଛନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ବିବୃତି ପାଇଁ ବିରୋଧୀ ବାଧ୍ୟ ହୋଇ ଅନାସ୍ଥା ପ୍ରସ୍ତାବ ଆଣିଥିବା କହିଛନ୍ତି। ୫୪୩ ଆସନ ବିଶିଷ୍ଟ ଲୋକସଭାରେ ଏବେ ୫ଟି ଆସନ ଖାଲି ପଡ଼ିଛି। ଫଳରେ ଏଠାରେ ମ୍ୟାଜିକ ନମ୍ବର ହେଉଛି ୨୭୦। ବିଜେପି ପାଖରେ ଏକାକୀ ୩୦୧ ସାଂସଦ ରହିଥିବା ବେଳେ ଏନଡିଏ କଥା ବିଚାରକୁ ନେଲେ ଏହା ୩୩୧ ରହିଛି।

## ବିଜେଡି ଓ ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତି ନଷ୍ଟ କରୁଥିଲେ ନବ ଦାସ, ସେଥିପାଇଁ ମାରିଦେଲି: ଗୋପାଳ

ଭୁବନେଶ୍ୱର, ୨୮/୦୭ (ନି.ପ୍ର): ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ସମସ୍ତଙ୍କ ସମ୍ମୁଖରେ ଗୁଳି ମାରି ହତ୍ୟା କରିବା ଅଭିଯୋଗରେ ଜେଲରେ ଥିବା ପୁଲିସ୍ ଏଏସଆଇ ଗୋପାଳ କ୍ରିଷ୍ଣା ଦାସଙ୍କ ସ୍ୱୀକାରୋକ୍ତି ଏବେ ପଦାକୁ ଆସିଛି । ନବଙ୍କ ହତ୍ୟା ପଛରେ ବହୁ ବଡ଼ବଡ଼ିଆଙ୍କ ସମ୍ପୃକ୍ତି ଓ ଷଡ଼ଯନ୍ତ୍ରର ଦିଗକୁ ଏପର୍ଯ୍ୟନ୍ତ କ୍ରାଇମବ୍ରାଂଚ ଖୋଳତାଡ଼ କରିନଥିବାବେଳେ ଗୋପାଳଙ୍କ ଜମାନବନ୍ଦୀ ଭାବେ ଏଭଳି କିଛି ତଥ୍ୟ ଉଜାଗର ହୋଇଛି ଯାହା ସିଧାସଳଖ ମୃତ ନବ ଦାସଙ୍କ ବାହୁବଳୀ ଚରିତ୍ରକୁ ଇଙ୍ଗିତ କରିବା ସହ ବିଜେଡି ଓ ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତି ରକ୍ଷା



ପାଇଁ ଗୋପାଳ ଏପରି କଠୋର ନିଷ୍ପତ୍ତି(ହତ୍ୟା) ନେଇଥିବା ତା'ର ଜମାନବନ୍ଦୀରୁ ଜଣାପଡୁଛି । କ୍ରାଇମବ୍ରାଂଚ ଡିଏସପି ରମେଶ ଚନ୍ଦ୍ର ଦୋରାଙ୍କ ନିକଟରେ ଗତ ଫେବୃୟାରୀ ୧ ତାରିଖରେ ଅଭିଯୁକ୍ତ ଗୋପାଳ ତା'ର ଜମାନବନ୍ଦୀରେ କହିଛି ଯେ, ନବ ଦାସ ବହୁତ ଅନ୍ୟାୟ କରୁଥିଲେ। ସବୁ ସରକାରୀ କର୍ମଚାରୀ ଓ ପୁଲିସ ବାଲାଙ୍କୁ ଧମକଚମକ ଦେଇ ସବୁକାମ କରୁଥିଲା ଓ ଗୁଣ୍ଡାଗିରି କରୁଥିବା ତା'ର ପିଲାଙ୍କୁ ସେ ସର୍ପୋଟ କରି ସେମାନଙ୍କୁ ଥାନାରୁ ଛାଡ଼ିବା ପାଇଁ ପୁଲିସ ଉପରେ ଚାପ ପକାଉଥିଲା । ସେ ବିଜେଡି ଦଳ ଓ ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତି ମଧ୍ୟ ନଷ୍ଟ କରୁଥିଲା ।

▶▶ପୃଷ୍ଠା ୭

## ୧୭ ଜିଲ୍ଲାକୁ ବର୍ଷା ପାଇଁ ସତର୍କ ସୂଚନା ଜାରି



ଭୁବନେଶ୍ୱର, ୨୮/୦୭ (ନି.ପ୍ର): ଲଘୁଚାପ ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ୨୪ ଘଂଟା ମଧ୍ୟରେ ମୟୂରଭଂଜ, କେନ୍ଦୁଝର, ବାଲେଶ୍ୱର ଜିଲ୍ଲାରେ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏଥିନେଇ ଏହି ୩ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ଏହି ସମୟ ମଧ୍ୟରେ ପ୍ରବଳ ବର୍ଷା ନେଇ ଅନ୍ୟ ୧୪ ଜିଲ୍ଲାକୁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଏହି ଜିଲ୍ଲାଗୁଡିକ ହେଲା ଭଦ୍ରକ, ଯାଜପୁର, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ସୋନପୁର, ବଲାଙ୍ଗିର, କଳାହାଣ୍ଡି, ନୂଆପଡ଼ା ଓ ନବରଙ୍ଗପୁର। ସେହିପରି ଆସନ୍ତାକାଲି ପାଇଁ ୧୪ ଜିଲ୍ଲାକୁ ପ୍ରବଳ ବର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ଓଏସ୍ଏସ୍‌ସି ପ୍ରଶ୍ନ ପତ୍ର ଲିକ୍ ଘଟଣାର ସିବିଆଇ ତଦନ୍ତ କରାନ୍ତୁ: ବିଜେପି

### ପ୍ରଶ୍ନପତ୍ର ଲିକ୍: ସମ୍ପୃକ୍ତ ୮୮ ପରୀକ୍ଷାର୍ଥୀଙ୍କୁ ଆଜୀବନ ବ୍ୟାନ୍ ଲାଗି ସୁପାରିଶ




ଭୁବନେଶ୍ୱର, ୨୮/୦୭ (ନି.ପ୍ର): ଶିକ୍ଷିତ ବେକାର ଯୁବକ ଯୁବତୀ ଯେଉଁମାନେ ସରକାରୀ ଚାକିରୀ ଆଶାରେ ଅଛନ୍ତି ଓଡିଶା ସରକାର ସେମାନଙ୍କ ସହିତ ପ୍ରତାରଣା କରିଛନ୍ତି । ଜେଇ ସିଭିଲ ମେନ୍ ପରୀକ୍ଷାର ପ୍ରଶ୍ନ ପତ୍ର ଲିକ୍ ଘଟଣାର ତଦନ୍ତ କରୁଥିବା ବାଲେଶ୍ୱର ଏସ୍‌ପିଙ୍କ ବୟାନ ପ୍ରମାଣିତ କରୁଛି ଯେ, ସରକାର ଚାହୁଁ ନାହାନ୍ତି ଅସଲ ଖଳନାୟକ ଧରାପଡନ୍ତୁ। ଏଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ପ୍ରଶ୍ନ ପତ୍ର ଲିକ୍ ହୋଇଥିବା ପ୍ରିଂଟିଙ୍ଗ ପ୍ରେସ୍ ବିରୋଧରେ କାହିଁକି ଏଫ୍ଆଇଆର କରାଯାଇନାହିଁ ? ଏହି ବଡ କେଳେଙ୍କାରୀର ତଦନ୍ତ ଓଡିଶା ପୋଲିସ କରିଲେ ସତ ସାମ୍ନାକୁ ଆସିପାରିବ ନାହିଁ । ଓଡିଆ ପିଲାଙ୍କ ଭାଗ୍ୟ ଭବିଷ୍ୟତ ସହିତ ଆଉ ଖେଳ ନଖେଳି ସରକାର ଏହି ଘଟଣାରେ ସିବିଆଇ ତଦନ୍ତ କରାନ୍ତୁ ବୋଲି ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି । ଘଟଣାରେ ଯାହାକୁ ମାଷ୍ଟର ମାଇଣ୍ଡ ବୋଲି କୁହାଯାଉଛି ତାକୁ ଧରିବାର ମାତ୍ର ୨୪ ଘଂଟା ଭିତରେ ଓଡିଶା ଷ୍ଟାଫ୍ ସିଲେକ୍ସନକୁ କ୍ଲିନ ଚିଟ ଦେବା ପଛରେ ଉଦ୍ଦେଶ୍ୟ କ'ଣ? କେବଳ ଜଣେ ପିଅନ ଦ୍ୱାରା ଏଭଳି କୋଟି କୋଟି ଟଙ୍କାର ଦୁର୍ନୀତି ସମ୍ଭବ କି ? ଓଡିଶାରେ ହେଉଥିବା ସମସ୍ତ ଚାକିରୀ ପରୀକ୍ଷାରେ ପ୍ରଶ୍ନ ପତ୍ର ଲିକ୍ ହେଉଛି କେମିତି ? ଓଟିଇଟି, ପୋଲିସ କନେଷ୍ଟବଳ, ଏଏସ୍‌ଓ, ଆର୍‌ଆଇ, ଅମିନ, ପିଇଓ ଭଳି ପରୀକ୍ଷାରେ ହୋଇଥିବା ପ୍ରଶ୍ନ ପତ୍ର ଲିକ୍‌ର ତଦନ୍ତ ହୋଇଛି କି? ପ୍ରଶ୍ନ ପତ୍ର ଲିକ୍‌ରେ ଓଡିଶା ବୋଧହୁଏ ଦେଶରେ ଏକ ନମ୍ବର ହେବ । ପିଅନ, ଦଲାଲଙ୍କୁ ଦୋଷ ଦେଇ ଅସଲ ଦୁର୍ନୀତି ଗ୍ରସ୍ତମାନଙ୍କୁ ଖସାଇ ଦେବା ୫ଟି କି ବୋଲି ଶ୍ରୀ ବିଶ୍ୱାଳ ପ୍ରଶ୍ନ କରିଛନ୍ତି । ଓଡିଶା ଷ୍ଟାଫ୍ ସିଲେକ୍ସନ ଏବେ ଓଡିଶା ସ୍କାମ୍ ସିଲେକ୍ସନ ହୋଇଛି । ଏବେ ଚେଆରମ୍ୟାନ ଥିବା ଅଭୟ ଯେତେବେଳେ ପୋଲିସ ଡିଜି ଥିଲେ ତାଙ୍କ ସମୟରେ ହିଁ ଓଡିଶାରେ ମମିତା ମେହେର ହତ୍ୟାକାଣ୍ଡ, ପରୀ ହତ୍ୟାକାଣ୍ଡ ହୋଇଥିଲା ଯେଉଁଥିରେ ତଦନ୍ତ ପୁରା ବାଟବଣା ହୋଇଥିଲା । ତାଙ୍କ ସମୟରେ ଓଡିଶାର ଅପରାଧ ହାର ୬୫% ବୃଦ୍ଧି ପାଇଥିଲା । ସଚିବ ଥିବା ମନୋରଂଜନ ମଲ୍ଲିକଙ୍କୁ ୨୦୨୦ରେ

▶▶ପୃଷ୍ଠା ୭

## ଦୁଇ ପ୍ରଯୋଜକ ଗୋଷ୍ଠୀ ମୁହାଁମୁହିଁ

ଭୁବନେଶ୍ୱର, ୨୮/୦୭ (ନି.ପ୍ର): ଉତ୍କଳ ସିନେ ଚାମ୍ବର ଅଫ୍ କମର୍ସରେ ସାମ୍ବାଦିକ ସମ୍ମିଳନୀ ବେଳେ ମୁହାଁମୁହିଁ ହୋଇଛନ୍ତି ଦୁଇ ପ୍ରଯୋଜକ ଗୋଷ୍ଠୀ। ଗୋଟିଏ ଗୋଷ୍ଠୀ ସାମ୍ବାଦିକ ସମ୍ମିଳନୀ କରିଥିବା ବେଳେ ଅନ୍ୟ ଗୋଷ୍ଠୀର ସଦସ୍ୟମାନେ ସେଠାରେ ପହଂଚି ହୋହାଲ୍ଲାକରିଥିଲେ। କଥା ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ଖବର ପାଇ ସହୀଦନଗର ପୋଲିସ୍ ଘଟଣାସ୍ଥଳରେ ପହଂଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ସୂଚନା ଅନୁଯାୟୀ ପ୍ରଯୋଜକ ଟୁଟୁ ନାୟକ ୟୁସିସିରେ ଅନିୟମିତତା କରିଥିବା ଅଭିଯୋଗ ହୋଇଥିଲା । ବର୍ତମାନର ଅଧ୍ୟକ୍ଷ ଏବଂ ସାଧାରଣ ସମ୍ପାଦକ ଏହି ଅଭିଯୋଗ କରି ସାମ୍ବାଦିକ ସମ୍ମିଳନୀ କରିଥିଲେ। ଏହି ଅଭିଯୋଗ ପରେ ଟୁଟୁ ନାୟକଙ୍କ ସମର୍ଥକ ମଧ୍ୟ ପାଲଟା ଅଭିଯୋଗ ଆଣିଥିଲେ । ସେମାନଙ୍କ ବିନା ଅନୁମତିରେ କେମିତି ଅନ୍ୟମାନଙ୍କୁ କାର୍ଯ୍ୟଭାର ଦିଆଗଲା ବୋଲି ପ୍ରଶ୍ନ କରିଥିଲେ।

## ପ୍ରଥମ ଯାତ୍ରୀ ଭାବେ ମହିଳାଙ୍କୁ ବାରଣ କଲେ ଜରିମାନା ଗଣିବେ ବସ୍ ମାଲିକ

ଭୁବନେଶ୍ୱର, ୨୮/୦୭ (ନି.ପ୍ର): ବସର ପ୍ରଥମ ଯାତ୍ରୀ ଭାବେ ମହିଳାଙ୍କୁ ବାରଣ କଲେ ତଣ୍ଡ ଗଣିବାକୁ ପଡିବ। ମହିଳା ଯାତ୍ରୀଙ୍କୁ ଯଦି କୌଣସି ବସ କର୍ମଚାରୀ ପ୍ରଥମେ ପାସେଞ୍ଜର ଭାବେ ଉଠାଇବାକୁ ବାରଣ କରିବେ

▶▶ପୃଷ୍ଠା ୭




## ଭିଜିଲାନ୍ସ ହାତରେ ଧରାପଡ଼ିଲେ ଅତିରିକ୍ତ ତହସିଲଦାର

ଭୁବନେଶ୍ୱର, ୨୮/୦୭ (ନି.ପ୍ର): ନୟାଗଡ ଜିଲ୍ଲାର ଗଣିଆ ତହସିଲର ଅତିରିକ୍ତ ତହସିଲଦାର ବନମାଳୀ ପରିଡା ୧୦ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି । ଭିଜିଲାନ୍ସ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଜବତ କରାଯାଇଥିବା ଏକ ବାଲି ଟ୍ରକ ଛାଡିବାକୁ ସେ ୧୩ ହଜାର ଟଙ୍କା ଲାଂଚ ମାଗିଥିଲେ । ଆଜି ପ୍ରଥମ କିସ୍ତିରେ ୧୦ ହଜାର ଟଙ୍କା ନେବା ବେଳେ ଭିଜିଲାନ୍ସ ବିଭାଗର କର୍ମଚାରୀ ମାନେ ତାଙ୍କୁ ଧରିଥିଲେ । ଏ ସମ୍ପର୍କରେ ଏକ ମାମଲା ରୁଜୁ କରାଯାଇ ଏହାର ଜାଂଚ କରାଯାଉଛି ।

## ୮ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଲେ ଆଇଆଇସି, ମହିଳା ଏଏସ୍ଆଇ



କୋରାପୁଟ, ୨୮/୦୭ (ନି.ପ୍ର): ଭିଜିଲାନ୍ସ ଜାଲରେ ପୁଣି ପୁଲିସ ବାବୁ ଓ ବାବୁଆଣୀ। କୋରାପୁଟ ଜିଲ୍ଲା ଦଶମନ୍ତପୁର ଥାନା ଆଇଆଇସି ଚନ୍ଦ୍ରଭାନୁ ମହାନ୍ତି ଓ ମହିଳା ଏଏସ୍ଆଇ ଦୀପିକା ହୀରା ୮ ହଜାର ଟଙ୍କା ଲାଞ୍ଚ ନେଉଥିଲା ବେଳେ ଶୁକ୍ରବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଉଭୟ ଶ୍ରୀ ମହାନ୍ତି ଓ ଶ୍ରୀମତୀ ହୀରା ଏକ ମାମଲାର ରଫାଦଫା କରିବା ପାଇଁ ଅଭିଯୋଗକାରୀଙ୍କୁ ୧୩ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପୂର୍ବରୁ ୫ ହଜାର ଟଙ୍କା ନେଇ ସାରିଥିବା ବେଳେ ଆଜି ବାକି ୮ ହଜାର ଟଙ୍କା ନେଉଥିଲେ। ତେବେ ପୂର୍ବ ଯୋଜନା ଅନୁସାରେ ଭିଜିଲାନ୍ସ ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ଅତର୍କିତ ଚଢ଼ଉ କରିଥିଲେ। ଘଟଣାସ୍ଥଳରୁ ଲାଞ୍ଚ ଟଙ୍କା ଜବତ ହୋଇଛି। ଏହି ଲାଞ୍ଚ କାରବାରରେ ଥାନାର ଆଉ କେହି କର୍ମଚାରୀ ସଂପୃକ୍ତ ଅଛନ୍ତି ନା ନାହିଁ, ସେ ନେଇ ଯାଞ୍ଚ କରୁଛନ୍ତି ଭିଜିଲାନ୍ସ ଅଧିକାରୀ।

## ରାମମନ୍ଦିର କେବେ ଖୋଲିବ ?
## ଘୋଷଣା ହୋଇନି ତାରିଖ, କିନ୍ତୁ ବୁକିଂ ପାଇଁ ଲୋକଙ୍କ ଭିଡ଼

ନୂଆଦିଲ୍ଲୀ,୨୮/୦୭ : ଅଯୋଧ୍ୟାରେ ନିର୍ମାଣ ଚାଲିଥିବା ଭବ୍ୟ ମନ୍ଦିରକୁ ନେଇ ଲୋକଙ୍କ ମଧ୍ୟରେ ଏବେ ଠାରୁ ବେଶ ଉତ୍ସାହ ଦେଖିବାକୁ ମିଳିଛି। ୨୦୨୪ ଜାନୁଆରୀରେ ଏହି ଭବ୍ୟ ମନ୍ଦିର ଶ୍ରଦ୍ଧାଳୁଙ୍କ ପାଇଁ ଖୋଲିପାରେ। ତେବେ ଏଯାଏ ମନ୍ଦିର କମିଟି କିମ୍ବା ଭାରତ ସରକାରଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ତାରିଖ ଘୋଷଣା କରାଯାଇ ନାହିଁ। କିନ୍ତୁ ଲୋକଙ୍କ ଆଶା ଯେ ୨୦୨୪ ଜାନୁଆରୀ ତୃତୀୟ ସପ୍ତାହ ବେଳକୁ ମନ୍ଦିରର ପ୍ରାଣ ପ୍ରତିଷ୍ଠା ହେବ। ଏଥିପାଇଁ ଏବେ ଠାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ମନ୍ଦିର ଉଦଘାଟନ ଉତ୍ସବରେ ସାମିଲ ହେବା ପାଇଁ ଲୋକମାନେ ଏବେ ଠାରୁ ଅଯୋଧ୍ୟାରେ ହୋଟେଲ, ଗେଷ୍ଟ ହାଉସ ଓ ଧର୍ମଶାଳା ବୁକିଂ କରିବା ଆରମ୍ଭ କରିଦେଇଛନ୍ତି। ଦିନକୁ ଦିନ ବୁକିଂ ପାଇଁ ଲୋକଙ୍କ ଚାହିଦା ବଢ଼ିବାରେ ଲାଗିଛି। ଦେଶର ବିଭିନ୍ନ ପ୍ରାନ୍ତରେ ଥିବା ଟ୍ରାଭେଲ ଏଜେଣ୍ଟଙ୍କୁ ଏଥିପାଇଁ ଲୋକମାନେ ଯୋଗାଯୋଗ ମଧ୍ୟ କରୁଛନ୍ତି। ସେମାନେ ଅଯୋଧ୍ୟରେ ଯଥାଶୀଘ୍ର ହୋଟେଲ ବୁକିଂ କରିବା ପାଇଁ ଉଦ୍ୟମ କରୁଛନ୍ତି। ଅଯୋଧ୍ୟାରେ ଥିବା ହୋଟେଲ, ଗେଷ୍ଟ ହାଉସ ଓ ଧର୍ମଶାଳାଗୁଡ଼ିକ ଲୋକମାନେ ଜାନୁଆରୀ ୨୦ରୁ ୨୬ ମଧ୍ୟରେ ବୁକିଂ କରିବାକୁ ଅଧିକ ଆଗ୍ରହ ଦେଖାଉଛନ୍ତି। କାରଣ ଏହି ସମୟରେ ହିଁ ମନ୍ଦିରର ପ୍ରାଣ ପ୍ରତିଷ୍ଠା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଅଯୋଧ୍ୟାରେ ଥିବା ଗୋଟିଏ ବଡ଼ ହୋଟେଲର ମାଲିକ କହିଛନ୍ତି, "ହୋଟେଲ ବୁକିଂ ପାଇଁ ଅଧିକାଂଶ ଅନୁରୋଧ ଟ୍ରାଭେଲ ଏଜେଣ୍ଟମାନଙ୍କ ପକ୍ଷରୁ ଆସୁଛି। ଏବେ ସେମାନେ ହୋଟେଲ ବୁକିଂ କରିବାକୁ ଚାହୁଁଛନ୍ତି। ଏହାଦ୍ୱାରା ସେମାନେ



ପରବର୍ତ୍ତୀ ସମୟରେ ଏଠାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଠାରୁ ଭଡ଼ା ବାବଦରେ ଅଧିକ ଟଙ୍କା ହାସଲ କରିବାକୁ ସକ୍ଷମ ହେବେ। ୨୦୨୪ ଜାନୁଆରୀ ତୃତୀୟ ସପ୍ତାହରେ ଏଠାରେ ପ୍ରବଳ ଭିଡ଼ ହେବାର ସମ୍ଭାବନା ରହିଛି। କାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାନୁଆରୀ ତୃତୀୟ ସପ୍ତାହରେ ଅଯୋଧ୍ୟାରେ ରାମ ମନ୍ଦିରର ଉଦଘାଟନ କରିବେ।" ମନ୍ଦିର ଟ୍ରଷ୍ଟ ଉଦଘାଟନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ ପତ୍ର ପଠାଇ ଯାଇସାରିଛି ବୋଲି କହିବା ପରେ ଅଯୋଧ୍ୟା ବାହାରେ ରହିଥିବା ଶ୍ରଦ୍ଧାଳୁଙ୍କ ମନରେ ରାମ ମନ୍ଦିରକୁ ନେଇ ଉତ୍କଣ୍ଠା ବଢ଼ି ଯାଇଛି। ସାଧାରଣ ଶ୍ରଦ୍ଧାଳୁଙ୍କ ବ୍ୟତୀତ ରାମ ମନ୍ଦିର ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତି ରାୟ ଉଦଘାଟନ ଉତ୍ସବ ପାଇଁ ୧୦ ହଜାର ଅତିଥିଙ୍କୁ ନିମନ୍ତ୍ରଣ କରାଯିବ ବୋଲି ସୂଚନା ଦେଇଛନ୍ତି।

▶▶ପୃଷ୍ଠା ୭

# ଦାବି ପୁରଣ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ଚାଲ ଅଭିଯାନରେ ଏକତ୍ରିତ ହେଲେ ଠିକା କର୍ମଚାରୀ

ଜୟପୁର, ୨୮/୦୭ (ନି.ପ୍ର): ଦାବି ପୁରଣ ନେଇ ମୁଖ୍ୟମନ୍ତ୍ରୀ ଙ୍କୁ ଭେଟିବା ଚାଲ ଅଭିଯାନରେ ଜୟପୁର ଠାରେ ଏକତ୍ରିତ ହେଲେ ଠିକା କର୍ମଚାରି । ଓଡିଶା ସରକାରୀ ଆଉଟସୋର୍ସି କର୍ମଚାରି ମହାସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ଭୁବନେଶ୍ୱର ଯିବା ପାଇ ସମୁହ ଅନୁମତି ମାଗିଛନ୍ତି । ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଟେଣ୍ଡଂଟଙ୍କୁ ସମୁହ ଅନୁମତି ଦେବାକୁ ପତ୍ର ଦେଇଛନ୍ତି । ସ୍ଥାୟୀ ନିଯୁକ୍ତି ସହିତ ୧୦ ଦଫା ଦାବି ପୁରଣ ନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଭୁବନେଶ୍ୱର ଠାରେ ଆସନ୍ତା ୩୧ ତାରିଖରେ ବିଶାଳ ଶୋଭାଯାତ୍ରା ରେ ସାମିଲ ହେବା ପାଇ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ କାଯ୍ୟରତ ଠିକା କର୍ମଚାରି ମାନେ ସମୁହ ଆବେଦନ କରିଥିଲେ । ଯାହାକୁ ଚିକିତ୍ସାଳୟର ସୁପରିଟେଣ୍ଡେଂଟ ସମୁହ ଛୁଟିରେ ଯିବା ବିଷୟ ଠିକା ନେଇଥିବା ସଂସ୍ଥାକୁ ଦେବାକୁ ପରାମର୍ଶ ଦେଇଥିଲେ । ପରେ ସମସ୍ତ ଠିକା କର୍ମଚାରି ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଙ୍କୁ ଭେଟି ସବୁ କଥା ପ୍ରକାଶ କରିଥିଲେ । ସମସ୍ତେ ଛୁଟିରେ ଗଲେ ରୋଗି ହଇରାଣ ହେବେ ସେଥି ପାଇଁ ସମସ୍ତେ ନ ଯାଇ ଏଠାରେ କିଛି ରହି ଭୁବନେଶ୍ୱର କିଛି ଯିବାକୁ ପରାମର୍ଶ ଦେଇଥିଲେ । ଆସନ୍ତା ୩୧ ତାରିଖରେ ଠିକା ନିଯୁକ୍ତି ବନ୍ଦ କରି ସ୍ଥାୟୀ ନିଯୁକ୍ତି କରିବା, ଦରମା ବୃଦ୍ଧି କରିବା, ମହିଳା ମାନଙ୍କୁ ପ୍ରସୁତି କାଳିନ ଛୁଟି ଦେବା, ସମସ୍ତ କର୍ମଚାରିଙ୍କ ଇପିଏଫ, ଇଏସଆଇ, ଇନସ୍ୟୁରାନ୍ସ ଠିକ ସମୟରେ ଜମା କରିବା ଭଳି ୧୦ ଦଫା ଦାବି ନେଇ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ନେଇ ରାଜ୍ୟ ସ୍ତରିୟ ସମାବେଶ ଅଛି ।

# ଗ୍ରାମ୍ୟ ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକ

## ପ୍ରକଳ୍ପ ଓ ବ୍ୟୟବରାଦ ଧାର୍ଯ୍ୟ ସମୟରେ ଶେଷକର

ଭୁବନେଶ୍ୱର, ୨୮/୦୭ (ନି.ପ୍ର): ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା ସମସ୍ତ ଯୋଜନାର ସମୀକ୍ଷା କରିଛନ୍ତି ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ। ଲୋକ ସେବା ଭବନସ୍ଥ ଗ୍ରାମ୍ୟ ଉନ୍ନୟନ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ଅଧକ୍ଷତା କରି କହିଲେ ଯେ ଗ୍ରାମାଂଚଳର ସଫଳତା ଏହାର ଭିତିଭୂମୀ ବିକାଶ ଉପରେ ପର୍ଯ୍ୟବେଶିତ। ରାସ୍ତା, ସେତୁ ଓ କୋଠାବାଡି ନିର୍ମାଣ କାମ ତ୍ୱରାନ୍ୱିତ ପ୍ରକ୍ରିୟାରେ ସମ୍ପୁର୍ଣ୍ଣ ହେବା ବିଭାଗର ଗୁରୁ ଦାୟିତ୍ୱ। ପ୍ରକଳ୍ପ ସମ୍ପୁର୍ଣ୍ଣ ପାଇଁ ଡିଭିଜନମାନେ ବିଭାଗକୁ ଦେଉଥିବା ସମୟ ସୀମା ଉପରେ ଧ୍ୟାନ ଦେବା ଜରୁରୀ । ଏଣୁ ବିଭିନ୍ନ ପ୍ରକଳ୍ପ ପାଇଁ ଦିଆ ଯାଇଥିବା ଅନୁଦାନ ରାଶି ଧାର୍ଯ୍ୟ ସମୟ ମଧ୍ୟରେ ଖର୍ଚ୍ଚ ହେବା ଜରୁରୀ । ବିଭାଗ ଦ୍ୱାରା ପ୍ରଥମ ତ୍ରୈମାସିକରେ ୩୦% ଓ ଦ୍ୱିତୀୟ ତ୍ରୈମାସିକ ପାଇଁ ୨୦% ବଜେଟ ଅନୁଦାନ ଡିଭିଜନମାନଙ୍କୁ ପ୍ରଦାନ କରାଯାଇଛି। ବରଗଡ, କୋରାପୁଟ, ଜଗତସିଂପୁର ଓ ବାଲେଶ୍ୱର ଭଳି ଡିଭିଜନ ମାନଙ୍କରେ ତ୍ରୈମାସିକ ବ୍ୟୟ ଖୁବ ସନ୍ତୋଷଜନକ ଥିବାବେଳେ କେତେକ ଡିଭିଜନରେ ପ୍ରକଳ୍ପ ପାଇଁ ଦିଆଯାଇ ଥିବା ଅର୍ଥ ବିନିଯୋଗ ସନ୍ତୋଷଜନକ ହୋଇ ନ ଥିବାରୁ ଶ୍ରୀ ସିଂହ ବିଭାଗୀୟ ଅଧିକାରୀମାନଙ୍କୁ ବିହିତ ପଦକ୍ଷେପ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ଅଗଷ୍ଟ ଶେଷ ସୁଦ୍ଧା ସମସ୍ତ ଡିଭିଜନ ଅନ୍ୟୁନ ୩୦ ପ୍ରତିଶତ ଅନୁଦାନ ଖର୍ଚ୍ଚ କରିବା ସହ ଅଗଷ୍ଟ ମାସରେ ସମସ୍ତ ଡିଭଜନ ସର୍ବନିମ୍ନ ୮ କୋଟି ଟଙ୍କା ଖର୍ଚ୍ଚ କରି ରିପୋର୍ଟ ପ୍ରଦାନ କରିବାକୁ ଶ୍ରୀ ସିଂହ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ଶତ ପ୍ରତିଶତ ପ୍ରଶାସନିକ ଅନୁମୋଦନ ସହ ସମସ୍ତ ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ଚାଲୁ ରଖିବାକୁ ସେ କହିଥିଲେ। ବିଜୁ ସେତୁ ଯୋଜନା ଅଧୀନରେ ୨୦୨୧-୨୨ ଆର୍ଥିକ ବର୍ଷରୁ ଚାଲୁ ରହିଥିବା ପ୍ରକଳ୍ପଗୁଡିକର ପୂର୍ଣ୍ଣାଙ୍ଗ ରିପୋର୍ଟ ବିଭାଗକୁ ଅବଗତ କରାଇବା ସହିତ ଅସଂପୂର୍ଣ୍ଣ କାମଗୁଡିକ ଆସନ୍ତା ଅକ୍ଟୋବର ଶେଷ ସୁଦ୍ଧା ସାରିବାକୁ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଥିଲେ । ସେହିପରି ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ବାକି ଥିବା ୧୩ ଗୋଟି ସର୍ବେକ୍ଷଣ ଅନୁସନ୍ଧାନ ରିପୋର୍ଟ ଚଳିତ ମାସ ଶେଷ ସୁଦ୍ଧା ଦାଖଲ ପାଇଁ କ୍ଷେତ୍ରାଧିକାରୀମାନଙ୍କୁ କହିବା ସହ ୩୨୦ଟି ଟେଣ୍ଡରରୁ ଅନ୍ୟୁନ ୩୦୦ଟି ଚୂଡାନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜି.ଏ.ଡି ଓ ପ୍ରଶାସନିକ ଅନୁମୋଦନକୁ ମଧ୍ୟ ଏଥି ସହିତ ସାମିଲ ହେବା ଦରକାର ବୋଲି କହିଥିଲେ। ରାଜ୍ୟର ସମସ୍ତ ୬୦ ଗୋଟି ଡିଭିଜନ ଏବଂ ୧୩ ଟି ଇଞ୍ଜିନିୟରିଂ ସର୍କଲ ସଂସ୍ଥାର ମୁଖ୍ୟଯନ୍ତ୍ରୀ ଏବଂ ସର୍ବୋଚ୍ଚ ଯନ୍ତ୍ରୀମାନେ ଆଭାସୀ ମାଧ୍ୟମରେ ଏହି ସମୀକ୍ଷା ବୈଠକରେ ଯୋଗଦେଇଥିଲେ।

# ମୁକ୍ତା ଯୋଜନା ଉପରେ ସମୀକ୍ଷା ବୈଠକ

ଜୟପୁର, ୨୮/୦୭ (ନି.ପ୍ର): ଜୟପୁର ପୌରସଭା ଗୃହରେ ମୁକ୍ତା ଯୋଜନା ଉପରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ପୁର୍ବରୁ ହୋଇଥିବା ୧୦ କୋଟି ଟଙ୍କାର କାର୍ଯ୍ୟର ସମିକ୍ଷା କରିବା ସହ ତରୁନ୍ତ ଅଧା ରହିଥିବା କାଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହା ସହ ଆର୍ଥିକ ବର୍ଷ ୨୩-୨୪ରେ ୧୩୧ଟି କାର୍ଯ୍ୟ ପାଇ ୧୨ କୋଟି ଟଙ୍କାର ଅଟକଳ କରାଯାଇଛି । ସହରର ୨୮ଟି ଓାର୍ଡରେ ରାସ୍ତା, ଡ୍ରେନ, ପାର୍କ ଓ ସୌନ୍ଦର୍ଯ୍ୟ କରଣ କାଯ୍ୟ ହେବ । ବୈଠକରେ ଜୟପୁର ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧକ୍ଷ ବି.ସୁନିତା, ପୌର କାର୍ଯ୍ୟନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ସହ ପୌରାଂଚଳର କାଉନସିଲରମାନେ ଉପସ୍ଥିତ ଥିଲେ । ଜୟପୁର ସହରର ଓାର୍ଡରେ ଚାଲିଥିବା ମୁକ୍ତ ଯୋଜନାର କାର୍ଯ୍ୟ ସମୟସୀମା ଭିତରେ ସମିକ୍ଷା କରିବା । ଏନେଇ ଏସଏସଜି ଗ୍ରୁପକୁ ସାମିଲ କରି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି ।

# ଜିଲ୍ଲା ବରିଷ୍ଠ ନାଗରିକ ସଂଘର ପ୍ରତିଷ୍ଠା ଦିବସ ପାଳନ ସମାରୋହ

ବଲାଙ୍ଗୀର, ୨୮/୦୭ (ନି.ପ୍ର): ତ୍ରିବେଣୀ ହୋଟେଲ ଠାରେ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ପ୍ରତିଷ୍ଠା ଦିବସ ତଥା ବାର୍ଷିକ ଉତ୍ସବ ବିକ୍ରମାନନ୍ଦ ବହିଦାରଙ୍କ ସଭାପତିତ୍ୱରେ ପାଳନ ହୋଇଥିଲା । ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଏବଂ ଯୁଗଲ କିଶୋର ସାହୁ ସଂପାଦକ ଓଡିଶା ବରିଷ୍ଠ ନାଗରିକ ମହାସଂଘ ଭୁବନେଶ୍ୱରଙ୍କ ସହିତ ଅନ୍ୟାନ୍ୟ ଜିଲ୍ଲା, ସବ୍ ଡିଭିଜନରୁ ଅନେକ କର୍ମକର୍ତା ଏବଂ ସକ୍ରିୟ ସଭ୍ୟ ଯୋଗ ଦେଇଥିଲେ । ବିଧାୟକ ଶ୍ରୀଯୁକ୍ତ ମିଶ୍ର, ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁ ଏବଂ ବିଶିଷ୍ଟ ଶିକ୍ଷାବିଦ୍ ଜଗନ୍ନାଥ ବେଜଙ୍କୁ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ମାନିତ କରିଥିଲେ ଏବଂ ବରିଷ୍ଠ ନାଗରିକମାନଙ୍କର ଜୀବନଶୈଳି, ଅଧିକାର ତଥା ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଉପରେ ବକ୍ତବ୍ୟ ରଖିଥିଲେ। ବଲାଙ୍ଗୀର ଜିଲ୍ଲା ସମ୍ପୁର୍ଣ୍ଣା ମାତୃଛାୟା ବୃଦ୍ଧାଶ୍ରମର ଅନ୍ତେବାସୀମାନଙ୍କୁ ମହିଳା ସଂଗଠନର ସଭ୍ୟାମାନେ ଉତରିୟ ଦେଇ ସମ୍ମାନିତ କରିଥିଲେ। ମୁଖ୍ୟବକ୍ତା ଶ୍ରୀ ସାହୁ ସଂପାଦକ ବରିଷ୍ଠ ନାଗରିକମାନଙ୍କ ସମସ୍ୟା ସମ୍ବନ୍ଧେ ଏବଂ ସୁବିଧା ସୁଯୋଗ, ଭତା ବୃଦ୍ଧି, ରେଲୱେ କନସେସନ ଏବଂ କିପରି ଭାବରେ ଶାନ୍ତିରେ ରହିବେ ସେ ଉପରେ ପରାମର୍ଶ ଦେଇଥିଲେ। ସଂଘର ଉପଦେଷ୍ଟା ବିକ୍ରମାନନ୍ଦ ବହିଦାର ସଂଘର ଆଭିମୁଖ୍ୟ, ଭବିଷ୍ୟତ କାର୍ଯ୍ୟପନ୍ଥା ଏବଂ ସଂପାଦକ ବସନ୍ତ ଆଚାର୍ଯ୍ୟ ସଂଘର ବାର୍ଷିକ ବିବରଣୀ ପାଠ କରିଥିଲେ । ଉକ୍ତ ଉତ୍ସବରେ ଶତାଧିକ ସଭ୍ୟ / ମହିଳା ସଭ୍ୟା ଏବଂ ବୃଦ୍ଧାଶ୍ରମର କର୍ମକର୍ତା ସଭାପତି ସନ୍ତୋଷିନୀ ମେହେର, ସଂପାଦକ ରଶ୍ମି ପାତ୍ର ଏବଂ କୋଷାଧକ୍ଷ ସଞ୍ଜଲି ଶତପଥି ସହଯୋଗ କରିଥିଲେ। ସଂଘର ଉପଦେଷ୍ଟା ସୁବାଷ ଚନ୍ଦ୍ର ପଣ୍ଡା ସଭା କାର୍ଯ୍ୟ ପରିଚାଳନା କରିଥିଲେ ଏବଂ ଶେଷରେ ପ୍ରତାପ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶାଳ ରକ୍ତଦାନ ଶିବିର ପାଇଁ ମହିଳା କଲେଜରେ ପ୍ରସ୍ତୁତି ବୈଠକ: ଛାତ୍ରୀଙ୍କୁ ସଚେତନ କଲେ ଏସପି

ସୁବର୍ଣ୍ଣପୁର, ୨୮/୦୭ (ନି.ପ୍ର): ଆଜି ସୁବର୍ଣ୍ଣପୁର ଜିଲ୍ଲା ମୋ ସରକାର ଆମ ପୋଲିସ ମାଧ୍ୟମ ରେ ଆଗାମୀ ଅଗଷ୍ଟ ୪ ତାରିଖ ଦିନ ହେବାକୁ ଥିବା ବିଶାଳ ରକ୍ତ ଦାନ ଶିବିର ଆୟୋଜନ କରିବା ସକାଶେ ସୋନପୁର ବିଜୁ ପଟ୍ଟନାୟକ ମହିଳା କଲେଜରେ ଏକ ପ୍ରସ୍ତୁତି ବୈଠକ ଓ ମୋଟିଭେସନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୋଗ ଦେଇ ରକ୍ତ ଦାନ ର ଉପକାରିତା, ରକ୍ତ ଦାନ ପ୍ରତି ସଚେତନତା ତଥା ରକ୍ତ ଦାନ ପ୍ରତି ଯୁବ ପିଢ଼ି ଙ୍କୁ କିପରି ଅଧିକ ରୁ ଅଧିକ ଆଗ୍ରହ ବୃଦ୍ଧି କରାଯାଇ ପାରିବ ସେ ବିଷୟ ରେ +୩ ଛାତ୍ରୀଙ୍କୁ ପ୍ରେରଣା ପ୍ରଦାନ କରିଥିଲେ। ଏବଂ ଆମେ ଦୁର୍ଘଟଣାରେ ରାସ୍ତାରେ ରକ୍ତ ନଦେଇ ରୋଗୀଙ୍କୁ ରକ୍ତ ଦେଇ ଜୀବନ ବଂଚାଇବା ବୋଲି ଉତ୍ସାହିତ ଉତ୍ସାହିତ କରି ସଡ଼କ ସୁରକ୍ଷା ଉପରେ ମଧ ଶ୍ରୀ ପଣ୍ଡା ସଚେତନ କରିଥିଲେ ।

# ବିପଦ ସଂଙ୍କୁଳ ବିଦ୍ୟୁତ ତାର ତଳେ ଘର କରିଥିବା ଲୋକଙ୍କ ସର୍ଭେ ହେବ

ଜୟପୁର, ୨୮/୦୭ (ନି.ପ୍ର): ଜୟପୁର ସହରରେ ବିପଦ ସଙ୍କୁଳ ବିଦ୍ୟୁତ ତାର ତଳେ ଘର କରି ରହୁଛନ୍ତି । ଯାହକୁ ନେଇ ଜୟପୁର ଉପ ଜିଲାପାଳ କାର୍ଯ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଛି । ଜୟପୁର ଉପ ଜିଲାପାଳ ବେଦ ବର ପ୍ରଧାନଙ୍କ ଆହ୍ୱାନରେ ଅନୁଷ୍ଠିତ ବୈଠକରେ ପୌର କାର୍ଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ଓ ଓପିଟିସିଏଲର ଅଧିକାରିମାନେ ଉପସ୍ଥିତ ଥିଲେ । ଜୟପୁର ସହର ଗ୍ଲୋବାଲ ମେଡିକାଲ ଅଂଚଳ, ଗୋଡିଆ ଧୋବା ସାହି ବାଇ ପାସ ରୋଡ, ଜୟନଗର, ପାଓାର ହାଉସ ଅଂଚଳ ଦେଇ ୧୩୨ କେଭି ଓ ୨୨୦ କେଭି ଲାଇନ ଯାଇଛି । ଏହି ଲାଇନ ତଳେ ଲୋକ ମାନେ ଘର କରି ରହୁଛନ୍ତି। ଯାହାକି ଆଗାମୀ ଦିନରେ ବିପଦ ସୃଷ୍ଟି କରିବ । ଲାଇନ ଯାଇଥିବା ଉଭୟ ପଟେ ୫ ଫୁଟ ଲେଖାଏ ଛାଡିବାର ନିୟମ ରହିଛି । କିନ୍ତୁ ଏହାକୁ ଅବମାନନା କରି ତାର ତଳେ ଘର କରି ରହୁଛନ୍ତି ।

# କେନ୍ଦୁଝରରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଆୟୋଜିତ ପ୍ରସ୍ତୁତି ବୈଠକ

କେନ୍ଦୁଝର, ୨୮/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ୭୭ ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ୨୭ ତାରିଖ ଗୁରୁବାର ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ଜିଲ୍ଲାପାଳ ଆଶିଷ ଠକରେଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ଠାକରେ ଆଗାମୀ ସ୍ୱାଧିନତା ଦିବସକୁ ଜାତୀୟ ଭାବନା ସହ ବିପୁଳ ଆନନ୍ଦ ଉଲ୍ଲାସ ଓ ଉତ୍ସାହ ଉଦୀପନା ସହିତ ପାଳନ କରିବା ପାଇଁ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଛନ୍ତି । ଜିଲ୍ଲାପାଳଙ୍କ ଉପସ୍ଥିତିରେ ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ କେନ୍ଦୁଝର ସଂଜୀବ ବାରିକ ପ୍ରସ୍ତୁତି ବୈଠକର ସଂଯୋଜନା କରିବା ସହିତ କାର୍ଯ୍ୟସୂଚୀ ସଂପର୍କରେ ବିବରଣୀ ପ୍ରଦାନ କରି ଆଲୋଚନା ଆରମ୍ଭ କରିଥିଲେ । ଜିଲ୍ଲାସ୍ତରୀୟ ସମାରୋହ ପାଇଁ ସ୍ଥାନ ଆଗାମୀ ମାସ ତଥା ଅଗଷ୍ଟ ୩ ତାରିଖ ସୁଦ୍ଧା ନିର୍ଦ୍ଧାରଣ କରାଯିବାକୁ ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତି ନିଆଯାଇଛି । ପ୍ରସ୍ତୁତି ବୈଠକର ନିଷ୍ପତି ଅନୁୟାୟୀ ସ୍ୱାଧୀନତା ଦିବସ ଅବସରରେ ପ୍ରତ୍ୟୁଷରେ ରାମଧୂନ୍ ପ୍ରଚାର, ସକାଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଭାତଫେରୀ, ସକାଳ ୭ ଘଟିକାରୁ ଘ୭.୩୦ମି. ମଧ୍ୟରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତଥା ଶିକ୍ଷାନୁଷ୍ଠାନମାନଙ୍କରେ ଜାତୀୟ ପତାକା ଉତୋଳନ, ସକାଳ ଘ୮.୪୫ମି. ସମୟରେ ମହାପୁରୁଷମାନଙ୍କର ପ୍ରତିମର୍ତିରେ ମାଲ୍ୟାର୍ପଣ, ସକାଳ ଘ୯.୧୫ମି. ସମୟରେ ଜିଲ୍ଲାସ୍ତରୀୟ ସମାରୋହରେ ଜାତୀୟ ପତାକା ଉତୋଳନ, ସମ୍ମିଳିତ ଆନୁଷ୍ଠାନିକ ପ୍ୟାରେଡ୍ ଏବଂ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ୟାରେଡ୍ ?ରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମିଷ୍ଟାନ୍ନ ବଂଟନ, ଅପରାହ୍ନରେ କେନ୍ଦୁଝର ଅଡିଟୋରିୟମ୍‌ଠାରେ କବିତା ପାଠୋତ୍ସବ, ଧରଣୀଧର ସ୍ପୋଟସ୍ କମ୍ପ୍ଲେକ୍ସ୍ ଶଙ୍କରପୁରଠାରେ ପ୍ରଦର୍ଶନୀ ଫୁଟବଲ ମ୍ୟାଚ ଏବଂ ସନ୍ଧ୍ୟାରେ କେନ୍ଦୁଝର ଅଡିଟୋରିୟମ୍‌ଠାରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ସ୍ୱାଧୀନତା ଦିବସ ଦିନ ପୂର୍ବାହ୍ନ ଘ୯.୧୫ ମି. ସମୟରେ ଜିଲ୍ଲାସ୍ତରୀୟ ସମାରୋହରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ୍ ?ରେ ଅଭିବାଦନ ଗ୍ରହଣ କରିବେ । ସମ୍ମିଳିତ ପ୍ୟାରେଡ୍‌କୁ ଅଧିକ ଆକର୍ଷଣୀୟ କରିବା ପାଇଁ ଆଗାମୀ ଅଗଷ୍ଟ ମାସ ୧୧ ରୁ ୧୩ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସକାଳ ୮ ଘଟିକା ସମୟରେ ପ୍ୟାରେଡ୍ ଅଭ୍ୟାସ ଅନୁଷ୍ଠିତ ହେବ ବୋଲି ସ୍ଥିରିକୃତ ହୋଇଛି । ସ୍ୱାଧୀନତା ଦିବସ ଉପଲକ୍ଷେ ଆଗାମୀ ଅଗଷ୍ଟ ମାସ ୦୪ ରୁ ୦୭ ତାରିଖ ମଧ୍ୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ବର୍ଗରେ ପ୍ରବନ୍ଧ, ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ଚିତ୍ରକଳା, କୁଇଜ, ଦୃଷ୍ଟିଶକ୍ତିବାଧିତ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ମ୍ୟୁଜିକ୍ ଚେୟାର, ଛାତ୍ରୀ ଓ ମହିଳାମାନଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା ଆୟୋଜନ କରାଯିବାକୁ ନିଷ୍ପତି ନିଆଯାଇଛି । ଏତଦ୍ ବ୍ୟତୀତ ସ୍ୱାଧୀନତା ଦିବସ ସମାରୋହର ସୁପରିଚାଳନା ନିମନ୍ତେ ଆଇନ ଶୃଙ୍ଖଳା, ଟ୍ରାଫିକ୍ କଂଟ୍ରୋଲ୍, ଆଶୁ ଚିକିତ୍ସା, ପାନୀୟ ଜଳ ଯୋଗାଣ ଓ ପରିମଳ, ନିରବଛିନ୍ନ ବିଦ୍ୟୁତ ଯୋଗାଣ ଆଦି ପ୍ରସଙ୍ଗ ସମ୍ପର୍କରେ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଟକୋ କୁଜୁର, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଏସ୍.ଡି.ପି.ଓ ମହେନ୍ଦ୍ରନାଥ ମୁର୍ମୁ, ଜିଲ୍ଲା ଚିକିତ୍ସା ଅଧିକାରୀ (ସ୍ୱାସ୍ଥ୍ୟସେବା) ତଥା ସୁପରିନ୍‌ଟେଣ୍ଡେଂଟ୍ ଡାକ୍ତର ଭବାନୀ ଶଙ୍କର ଦେ, କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ଡା. ମଧୁସ୍ମିତା ସାମନ୍ତରାୟ, ଆଇ.ଆଇ.ସି. ଟାଉନଥାନା ସୁନିଲ କର, ସର୍ଜେଂଟ୍ ବିଜୟ କୁମାର ତିର୍କିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି, ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନର କର୍ମକର୍ତା, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତା ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରି ସ୍ୱାଧିନତା ଦିବସ ପାଳନକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ମତାମତ ପ୍ରଦାନ କରିଥିଲେ ।

# ସଡକ ସୁରକ୍ଷା କମିଟି ସମୀକ୍ଷା ବୈଠକ ଅନୁଷ୍ଠିତ

ପୁରୀ , ୨୮/୦୭ (ନି.ପ୍ର): ସଡ଼କ ସୁରକ୍ଷା ଏକ ସାମୁହିକ ଦାୟିତ୍ୱ ।ବିଭିନ୍ନ ବିଭାଗ ପରସ୍ପର ମଧ୍ୟରେ ସୁସମନ୍ୱୟ ରଖି କାର୍ଯ୍ୟ କଲେ ଏହାର ସୁଫଳ ମିଳିବା ସହ ଅନେକ ଜୀବନ ରକ୍ଷା ହୋଇ ପାରିବ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ। ଗତକାଲି ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପରିବହନ ବିଭାଗ ପକ୍ଷରୁ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା ।ଏଥିରେ ଅଧକ୍ଷତା କରି ଶ୍ରୀ ସାହୁ ସଡକ ସୁରକ୍ଷା ପାଇଁ ଥିବା ନିୟମ ଓ ମାର୍ଗଦର୍ଶିକା କୁ ଅନୁପାଳନ କରାଗଲେ ନିର୍ଶ୍ଚିତ ଭାବେ ଦୁର୍ଘଟଣା ହ୍ରାସ ପାଇବା ସହ ସଡକ ସୁରକ୍ଷିତ ରହିପାରିବ ।ଜାତୀୟ ରାଜପଥ କର୍ତୃପକ୍ଷ, ପୂର୍ତ ବିଭାଗ, ପୋଲିସ ବିଭାଗ, ପରିବହନ ବିଭାଗ ସ୍ୱାସ୍ଥ୍ୟ ବିଭାଗର ମିଳିତ ସହଯୋଗ ପାଇଁ ସେ ପରାମର୍ଶ ଦେବା ମାସିକ ଭାବେ ଅଗ୍ରଗତି ତଥ୍ୟ ପ୍ରଦାନ ପାଇଁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ସଡକ ସୁରକ୍ଷା ପାଇଁ ନିୟମିତ ଯୁଗ୍ମ ଧରପଗଡ ଜାରି ରଖିବା,ଲୋକ ମାନଙ୍କୁ ସଚେତନ କରାଇବା, ଦୁର୍ଘଟଣା ପ୍ରବଣ ସ୍ଥାନ ଓ କାରଣ ଚିହ୍ନଟ କରି ବୈଜ୍ଞାନିକ ପଦ୍ଧତିରେ ଏହାର ନିରାକରଣ ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରାରମ୍ଭରେ ଆଂଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲ୍ଲାର ତଥ୍ୟ ଉପସ୍ଥାପନ କରିଥିଲେ। ଜିଲ୍ଲାରେ ୨୦୨୧ ରେ ୧୯୭ ଟି ଦୁର୍ଘଟଣା ଘଟିଥିବା ବେଳେ ୧୨୬ ଜଣଙ୍କ ର ମୃତ୍ୟୁ ହୋଇଥିଲା। ସେହିପରି ୨୦୨୨ରେ ୧୯୭ ଟି ଦୁର୍ଘଟଣା ହୋଇ ୧୪୬ ଜଣଙ୍କ ର ମୃତ୍ୟୁ ଘଟିଥିଲା। ୨୦୨୩ ଜୁନ ମାସ ସୁଦ୍ଧା ୮୮ ଟି ଦୁର୍ଘଟଣା ହୋଇ ଥିବା ବେଳେ ୮୦ ଜଣଙ୍କ ର ମୃତ୍ୟୁ ଘଟିଛି।୨୦୨୩ ଜୁନ ମାସ ପର୍ଯ୍ୟନ୍ତ ୨୩୧୧ ବିନା ହେଲମେଟ ଯାଞ୍ଚ କରାଯାଇ ୨୬୭ ଲାଇସେନ୍ସ ସସପେଣ୍ଡ କରାଯାଇଥିବା ବେଳେ ଦ୍ରୁତ ଗତି କ୍ଷେତ୍ରରେ ୨୯୧୫ କେଶ ମଧ୍ୟରୁ ୬୬୫ ଲାଇସେନ୍ସ ସସପେଣ୍ଡ କରାଯାଇଛି। ସିଟବେଲ୍ଟ ଉଲ୍ଲଙ୍ଘନ କ୍ଷେତ୍ରରେ ୨୭୩ଜଣ,ଗାଡି ଚାଳନା ବେଳେ ମୋବାଇଲ ବ୍ୟବହାର କ୍ଷେତ୍ରରେ ୧୬୧ ଜଣ,ମାଦକ ଦ୍ରବ୍ୟ ସେବନ କରି ଗାଡି ଚାଳନା କ୍ଷେତ୍ରରେ ୨୨୫ ଜଣଙ୍କୁ ଚିହ୍ନଟ କରାଯାଇଛି। ମୋଟ ୬୬୭୯ କେଶ ମଧ୍ୟରୁ ୧୦୯୧ ଜଣଙ୍କ ଲାଇସେନ୍ସ ରଦ୍ଧ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।ଜୁନ ମାସ ରେ ମୋଟ ୭୨୦ ଚାଲାଣ କଟାଯାଇ ୩୮୩ ଫଏସଲା ହୋଇ ୨୩.୭୯.୪୫୯ ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ବେଳେ ୩୩୭ ଟି ପେଣ୍ଡିଙ୍ଗ ରହିଛି ବୋଲି ପରିବହନ ବିଭାଗ ସୂତ୍ରରୁ ପ୍ରକାଶ ।ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଟ୍ରାଫିକ ଡିଏସପି ନିରଞ୍ଜନ ଶବର,ଜାତୀୟ ରାଜପଥ ପ୍ରତିନିଧି ହିମାଦ୍ରୀ ଭୂଷଣ ପରିଡା, ପୂର୍ତ ବିଭାଗ ସହକାରୀ ଯନ୍ତ୍ରୀ ସରୋଜ କୁମାର ମିଶ୍ର, ରଞ୍ଜନ କୁମାର ସାହୁ, ମହେନ୍ଦ୍ର କୁମାର ବିଶ୍ୱାଳ,ସରୋଜ କୁମାର ଆଚାର୍ଯ୍ୟ, ଅମ୍ବିକା ଚନ୍ଦ୍ର ପତି,ତନ୍ମୟ ମହାପାତ୍ର,ଓ ଅନ୍ୟାନ୍ୟ ଅଧିକାରୀ, ସଦସ୍ୟ ମାନେ ଯୋଗ ଦେଇଥିଲେ।

# ପଂଚାୟତ ଉଚ୍ଚ ବିଦ୍ୟାଳୟ, ବନ୍ଧପଡାଠାରେ ତମାଖୁ ମୁକ୍ତ ଯୁବ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ

ବଲାଙ୍ଗୀର, ୨୮/୦୭ (ନି.ପ୍ର): ଆଜି ପୁଇଁତଲା ବ୍ଲକ ଅନ୍ତର୍ଗତ ପଂଚାୟତ ଉଚ୍ଚ ବିଦ୍ୟାଳୟ, ବନ୍ଧପଡାଠାରେ ପରିଚାଳନା ପରିଷଦର ସଭାପତି ଶ୍ୟାମସୁନ୍ଦର ବଗର୍ତୀଙ୍କ ସଭାପତିତ୍ୱରେ ପ୍ରଧାନ ଶିକ୍ଷକ ଆନନ୍ଦ ବଡ଼ପଣ୍ଡା ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମରେ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଗୋଷ୍ଠୀ ସ୍ୟାସ୍ଥ୍ୟ କେନ୍ଦ୍ର ଜାମଗାଁ ତରଫରୁ ବନବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ହରିପ୍ରିୟା ସେନାପତି,ଆର. ଡବ୍ଲୁ ବ୍ଲେସିନା ବାରିକ ଯୋଗଦେଇ ପିପିଟି ମାଧ୍ୟମରେ ତମାଖୁ ବ୍ୟବହାରର କୁପ୍ରଭାବ ସମାଜ ଉପରେ କିପରି ପଡୁଛି, ଆମ ବିଦ୍ୟାଳୟକୁ କିପରି ତମାଖୁ ମୁକ୍ତ କରିବା ତାହା ଉପରେ ବିଷଦ ଭାବେ ଆଲୋକପାତ କରିଥିଲେ । ଏହି ଅବସରରେ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷା କର୍ମଚାରୀ ତମାଖୁ ବର୍ଜନ ସଚେତନତାରେ ସାମିଲ ହେବା ପାଇଁ ଶପଥ ନେଇଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ, କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା, କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ମେଁମେନଟୋ ପ୍ରଦାନ କରାଯାଇଥିଲା। କୁଇଜ ପ୍ରତିଯୋଗିତାରେ ସତ୍ୟବ୍ରତ ପଧାନ, ରୋଶନାରାଣୀ ଗୁରୁ, ଖୁସିରାମ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ପ୍ରବନ୍ଧ ପ୍ରତିଯୋଗିତାରେ ସତ୍ୟବ୍ରତ ପଧାନ, କାହ୍ନା ସାଣ୍ଡ ଓ ସୌମ୍ୟ ରଞ୍ଜନ ତାଣ୍ଡି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ଶୀତୁ କର୍ଣ୍ଣ, ସହଦେବ ମହାକୁର ଓ ନିତୁରାଣୀ ଦେହୁରୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମରେ ଗୌନ୍ତିଆ ପଲତା,ଅଜିତ ଗୁରୁ, ପବିତ୍ର ମୋହନ ପଧାନ, ହରିବୋଲ ପଧାନ ସହଯୋଗ କରିଥିଲେ ଓ ସଭା ଶେଷରେ ଖେଳ ଶିକ୍ଷକ ପ୍ରବୀଣ ନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଇପିଏଫ ଅଧିକାରୀଙ୍କ ପାଖରେ କାଗଜ କଳ ପିଏଫ୍ ଆଲୋଚନା

ଜୟପୁର, ୨୮/୦୭ (ନି.ପ୍ର): ଭବିଷ୍ୟନିଧି ଅଧିକାରୀଙ୍କ ନୋଡାଲ୍ ଅଫିସର୍ ଅକ୍ଷୟ ବେହେରାଙ୍କ ଅଧକ୍ଷତାରେ କେସିସି ବ୍ୟାଙ୍କ ସଭା କକ୍ଷରେ ଅନୁଷ୍ଠିତ ହୋଇଛି । ଡିଏଲଓ ବୃନ୍ଦାବନ ସେଠୀ ଉପସ୍ଥିତ ରହି ବିଭିନ୍ନ ସଂସ୍ଥା ର ଶ୍ରମିକ ମାନଙ୍କ ପି ଏଫ୍ ଏବଂ ପେନସନ ସମସ୍ୟା ସମାଧାନ ବିଷୟରେ ଶୁଣିଥିଲେ । ଇପିଏଫଓ ଆସୋସିଏସନ୍ କୋରାପୁଟ ଜିଲ୍ଲା ସଭାପତି ନଳିନୀ ରଥ ଙ୍କ ନେତୃତ୍ୱରେ ସେବା କାଗଜ କଳ ଓ କେସିସି ବ୍ୟାଙ୍କ କର୍ମଚାରୀ ଙ୍କ ପି ଏଫ୍ ଓ ପେନସନ ସୁବିଧା ଶୀଘ୍ର ଯୋଗାଇ ଦେବା ପାଇଁ ଦାବି କରିଥିଲେ। ନୋଡାଲ୍ ଅଫିସର୍ କହିଛନ୍ତି ଯେ କାଗଜ କଳର ସମୁଦାୟ ୧୨୨୨ ଜଣ ଶ୍ରମିକ ଙ୍କ ପି ଏଫ୍ କଲିକତା ଆଂଚଳିକ ପିଏଫ୍ କମିଶନ ଅଫିସ୍ ର ଅନୁମତିକୁ ଅପେକ୍ଷା କରିଛି । କାଗଜ କଳ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ପ୍ରତିନିଧି ବସନ୍ତ ବେହେରା କାଗଜ କଳ କର୍ତୃପକ୍ଷ ୨୦୨୩ ଏପ୍ରିଲ୍ ରୁ ବେସିକ୍ ଓ ଡିଏ ରୁ ପି ଏଫ୍ କାଟିବା ପାଇଁ ଜଣାଇଛନ୍ତି।


# ଧୋଇ ହୋଇଗଲା ପଣ୍ଡିଆବିଲି ଅସ୍ଥାୟୀ ରାସ୍ତା

ଖୋର୍ଦ୍ଧା, ୨୮/୦୭ (ନି.ପ୍ର): ହୀରାକୁଦ ଗେଟ ଖୋଲିଲେ ଜଟଣୀ ବ୍ଲକ ଅଧିନ ବେଣାପଞ୍ଚରୀ ପାଞ୍ଚୟତ ପାଣ୍ଡିଆବିଲି ଗ୍ରାମକୁ ଦୁଃଖ ଆସୁଛି ।ତେବେ ପାଣ୍ଡିଆବିଲି ଗ୍ରାମକୁ ଯିବାପାଇଁ, ନଦୀ ଉପରେ ନିର୍ମାଣ ହୋଇଥିବା ଅସ୍ଥାୟୀ ରାସ୍ତାଟି ଧୋଇ ହୋଇଯାଇଛି। ହୀରାକୁଦର ୧୨ଟି ଗେଟ ଖୋଲାଯିବା ପରେ ସମସ୍ତ ନଦୀର ଜଳସ୍ତର ବୃଦ୍ଧି ପାଉଛି। ଦୟାନଦୀରେ ହୀରାକୁଦ ଜଳ ପ୍ରବେଶ କରିବା ଫଳରେ ଏହାର ଜଳସ୍ତର ବୃଦ୍ଧି ପାଇଛି ।ଫଳରେ ରାଜୁଆ ଓ ଦୟାନଦୀର ସଙ୍ଗମସ୍ଥଳ ଉପରେ ନିର୍ମାଣ ହୋଇଥିବା ଅସ୍ଥାୟୀ ରାସ୍ତା ଭାଙ୍ଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହି ଅସ୍ଥାୟୀ ନଦୀବନ୍ଧ ରାସ୍ତା ଉପରେ ଖୋର୍ଦ୍ଧା ଜିଲ୍ଲା, ପୁରୀ ଜିଲ୍ଲାର ହଜାର ହଜାର ଜନସାଧାରଣ ନିର୍ଭର କରିଥାନ୍ତି ।ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ୨୦ହଜାରରୁ ଉର୍ଦ୍ଧ ଲୋକ ଯିବା ଆସିବା କରିଥାନ୍ତି। ଏହି ରାସ୍ତା ଭାଙ୍ଗିବା ଫଳରେ ଅନେକ ଲୋକ ଏବେ ହଇରାଣ ହରକତ ହେଉଛନ୍ତି। ଲୋକମାନେ ବାଧ ହୋଇ ନିଜ ଜୀବନକୁ ବାଜି ଲଗାଇ ଦେଶୀ ଡଙ୍ଗାରେ ଯାତାୟତ କରୁଛନ୍ତି। ନଦୀରେ ଜଳସ୍ତର ବଢୁଥିବାରୁ, ବିପଦ ରହିଛି ଦେଶୀ ଡଙ୍ଗାରେ ଯାତାୟତ କରିବା ପାଇଁ। କେତେବେଳେ ବି ଘଟିପାରେ କିଛି ଦୁର୍ଘଟଣା। ସେଥିପାଇଁ ପ୍ରଶାସନ ସଜାଗ ରହିବାର ଆବଶ୍ୟକତା ରହିଛି ।ଭାରତ ସ୍ୱାଧୀନତାକୁ ୭୫ ବର୍ଷ ପୁରିଥିଲେବି ବର୍ତ୍ତମାନ ସୁଦ୍ଧା ଖୋର୍ଦ୍ଧା ଜିଲା ପଣ୍ଡିଆବିଲି ଗ୍ରାମକୁ, ଯିବାପାଇଁ ନଦୀ ଉପରେ ବ୍ରିଜ ନିର୍ମାଣ ହୋଇପାରିଲାନାହିଁ। ନିର୍ବାଚନ ଆସିଲେ ବ୍ରିଜ ନିର୍ମାଣ ପାଇଁ ନେତାଙ୍କ ପ୍ରତିଶ୍ରୁତି ପ୍ରତିଶୃତିରେ ହିଁ ରହିଯାଇଛି।

# ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର

ସମ୍ବଲପୁର, ୨୮/୦୭ (ନି.ପ୍ର): ନାକଟିଦେଉଳ ବ୍ଲକ ଠାରେ ବିଭିନ୍ନ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ଆଜି ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ମେଗା ଶିବିର ଆୟୋଜିତ ହୋଇଯାଇଛି । ରେଢ଼ାଖୋଲ ଏବଂ ନାକଟିଦେଉଳ ବ୍ଲକ ର ପାଖାପାଖି ୨୦୦ଜଣ ହିତାଧିକାରୀ ଏହି ମେଗା କ୍ୟାମ୍ପ ରେ ଯୋଗ ଦେଇଥିଲେ । କ୍ୟାମ୍ପ ରେ ୧୫ ଜଣ ହିତାଧିକାରୀଙ୍କୁ ବିବାହ ସହାୟତା ପାଇଁ ୭ ଲକ୍ଷ ଟଙ୍କା, ୧୧ ଜଣ ହିତାଧିକାରୀଙ୍କୁ ମୃତ୍ୟୁ ସହାୟତା ବାବଦରେ ୨୧ ଲକ୍ଷ ଟଙ୍କା, ୯(ନଅ) ଜଣ ହିତାଧିକାରୀଙ୍କୁ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ୪୫ ହଜାର ଟଙ୍କା, ୩ ଜଣଙ୍କୁ ଶିକ୍ଷା ସହାୟତା ପାଇଁ ୫୪ ହଜାର ଟଙ୍କା ର ଚେକ ପ୍ରଦାନ କରାଯାଇଛି। ଆଜିର ଏହି ମେଗା ଶିବିର ରେ ୩୮ ଜଣ ହିତାଧିକାରୀଙ୍କୁ ୨୮ ଲକ୍ଷ ୨୨ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି ।ସେହିପରି ଶହେଜଣ ହିତାଧିକାରୀଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଛି ।

# ଅତିଥିଙ୍କୁ ଛେପ ପକାଇ କରନ୍ତି ସ୍ୱାଗତ



ପ୍ରଥମେ ଛେପରେ ସ୍ୱାଗତ କରନ୍ତି। ଅର୍ଥାତ୍ କିଏ ତାଙ୍କ ଘରକୁ ଆସିଲା ତାଙ୍କ ଉପରକୁ ପକାଯାଇଥାଏ ଛେପ। ଏହି ଜନଜାତିର ଲୋକଙ୍କ ଘରକୁ କୌଣସି ଅତିଥି ଆସିଲେ ସେମାନେ ପରସ୍ପର ସହ ପ୍ରଥମେ ହାତ ମିଳାଇଥାନ୍ତି ଏବଂ ପରେ ଏହି ହାତରେ ଛେପ ପକାଇଥାନ୍ତି। ଲୋକଙ୍କ କହିବା କଥା ହେଉଛି ଏହା ଏକ ସମ୍ମାନର ପ୍ରତୀକ। ସେହିପରି ନବଜାତ ଶିଶୁକୁ ଆଶୀର୍ବାଦ ଦେବା ପାଇଁ ତା' ଉପରେ ଛେପ ପକାଯାଇଥାଏ। ଏହା କରିବା ଦ୍ୱାରା ଶିଶୁର ସମସ୍ତ ପାପ ଦୂର ହୋଇଥାଏ ବୋଲି ସେମାନଙ୍କର ବିଶ୍ୱାସ।

ଘରକୁ ଅତିଥି ଆସିଲେ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥାଏ। ସେମାନଙ୍କ ପାଇଁ ଭିନ୍ନ ପ୍ରକାରର ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଇଥାଏ। ଭାରତରେ ଅତିଥିଙ୍କୁ ଭଗବାନ ଭାବେ ଗ୍ରହଣ କରାଯାଏ। ହେଲେ ଏମିତି ଏକ ଜନଜାତି ଅଛି ଯେଉଁମାନେ ଅତିଥିମାନଙ୍କୁ ଛେପ ପକାଇ ନିଜ ଘର ଓ ପରିବାରରେ ସ୍ୱାଗତ କରିଥାନ୍ତି।

କେନିଆ ଏବଂ ତାଞ୍ଜାନିଆରେ ମସିହା ନାମରେ ଏପରି ଏକ ଜନଜାତି ବାସ କରନ୍ତି ଯେଉଁମାନଙ୍କର ସ୍ୱାଗତ କରିବାର ପରମ୍ପରା ସମ୍ପୂର୍ଣ୍ଣ ଭିନ୍ନ। ଏମାନେ ଘରକୁ ଆସୁଥିବା ଅତିଥିଙ୍କୁ



# ଆଖି ସମ୍ପର୍କିତ ତଥ୍ୟ

ମନୁଷ୍ୟ ଶରୀରର ଏକ ପ୍ରମୁଖ ଅଙ୍ଗ ଭାବେ ଚକ୍ଷୁକୁ ବିବେଚନା କରାଯାଏ। ଚକ୍ଷୁ ସମ୍ପର୍କିତ କିଛି ତଥ୍ୟ ଏକ ଜାପାନୀ ପତ୍ରିକାରେ ପ୍ରକାଶ ପାଇ, ଲୋକଙ୍କ ଦ୍ୱାରା ଆଦୃତ ହେଲା ପରେ ସୋସିଆଲ ସାଇଟରେ ମଧ୍ୟ ଏସବୁ ତଥ୍ୟ ପ୍ରକାଶିତ ହେଲା।

- ମନୁଷ୍ୟର ଚକ୍ଷୁ ଏକ ଡିଜିଟାଲ କ୍ୟାମେରା ହୋଇଥିଲେ, ତାହାର କ୍ଷମତା ୫୭୬ ମେଗାପିକ୍ସେଲ ହୋଇଥାନ୍ତା।

- ବର୍ତ୍ତମାନ ଠାରୁ ୧୦ ହଜାର ବର୍ଷ ପୂର୍ବେ ମନୁଷ୍ୟ ଡୋଳାରେ ରଙ୍ଗ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ପରିବେଶ ପରିବର୍ତ୍ତନ ସହିତ ବଂଶାନୁକ୍ରମିକ କାରଣରୁ ଏବେ ମନୁଷ୍ୟର ଆଖି ଡୋଳାରେ ରଙ୍ଗ ଭିନ୍ନତା ପରିଲକ୍ଷିତ ହେଉଛି।

- ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଗାଜର ପ୍ରଚୁର ପରିମାଣରେ ଉପଲବ୍ଧ ହେଉଥିଲା। ସୈନିକମାନଙ୍କୁ ଏହା ଚକ୍ଷୁ ପାଇଁ ଏକ ଚମତ୍କାର ଖାଦ୍ୟ ଭାବେ ଅବଗତ କରାଯାଇ ନିୟମିତ ସକାଳ-ସନ୍ଧ୍ୟାରେ ୧ କିଲୋ ଲେଖାଏଁ ଗାଜର ଖାଇବାକୁ ଦିଆଯାଉଥିଲା। ସେ ପର୍ଯ୍ୟନ୍ତ କୌଣସି ପରୀକ୍ଷା କିମ୍ବା ଗବେଷଣାରୁ ଏହି ତଥ୍ୟ ଉନ୍ମୋଚନ ହୋଇଥିଲା। ପରେ ବିଶେଷଜ୍ଞମାନେ ପ୍ରକାଶ କଲେ ଯେ ଆଖି ପାଇଁ ଗାଜର ଏକ ଉତ୍ତମ ଖାଦ୍ୟ।

- ମନୁଷ୍ୟ ଚକ୍ଷୁର ଫୋକୋସିଙ୍ଗ ମସଲ ଦୈନିକ ୧୦ଲକ୍ଷ ଥର ଅତିକ୍ରମ କରିଥିବାର ତଥ୍ୟ ପ୍ରକାଶିତ।

- ଆଖି ମେକଅପରେ ବ୍ରିଟେନ ଯୁବତୀ ଓ ମହିଳା ସର୍ବାଗ୍ରେ। ଏମାନେ ମାସକୁ ୨୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଛାଇନଥାନ୍ତି।

# ସୁଗାର ଫ୍ରି ଓ ଲୋ-ଫ୍ୟାଟ୍‌ର ସତ୍ୟତା




ପ୍ୟାକେଟ ଖାଦ୍ୟ ଉପରେ ନୋ-ଫ୍ୟାଟ, ନୋ ସୁଗାର, ଲୋ କଲେଷ୍ଟ୍ରୋଲ, ଲୋ ସଲ୍ଟ ଲେଖାଯାଇଥିବା ଦେଖି ଆପଣ ଅନେକ ସମୟରେ ଭାବୁଥିବେ ସ୍ୱାସ୍ଥ୍ୟକର ଖାଦ୍ୟ ନେଉଛନ୍ତି। କିନ୍ତୁ କମ୍ପାନୀମାନଙ୍କ ଦାବିରେ ସବୁବେଳେ ସତ୍ୟତା ନଥାଏ। ଏହି ନୂଆ ତଥ୍ୟ ଜର୍ଣ୍ଣାଲ ଅଫ ଆକାଡେମୀ ଅଫ ନ୍ୟୁଟ୍ରିସିୟାନ ଆଣ୍ଡ ଡାଏଟିକ୍ସରେ କୁହାଯାଇଛି। ଗତ ୫ ପା* ବର୍ଷରେ ଆମେରିକାର ୮ କୋଟିରୁ ଅଧିକ ଖାଦ୍ୟପେୟ ଉପରେ ଅଧ୍ୟୟନ କରି ପ୍ରଫେସର ଲିଣ୍ଡସେ ସ୍ମିମ ଟେଲି ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ଅନେକ ପ୍ୟାକେଟ ଉପରେ ଲେଖାଯାଇଥାଏ ଯେ, ଏଥିରେ ସୁଗାର ଓ ମିଠାପଣ ନାହିଁ। ଏହାର ଅର୍ଥ ଏଥିରେ ସୁକ୍ରୋଜ ନାହିଁ। କିନ୍ତୁ ଫ୍ରକଟୋଜ, ଡେକ୍ସଟ୍ରୋଜ, ମେଲିଟୋଲ ଓ ଫ୍ରେକ୍ଟିସ କର୍ଣ୍ଣ ସିରଫ ପ୍ରଭୃତି ରହିଥାଏ, ଯାହାକି ଖୁବ କ୍ଷତିକାରକ। ସେହିପରି କେତେକ ଖାଦ୍ୟପଦାର୍ଥ ପ୍ୟାକେଟରେ ଲୋ-ଫ୍ୟାଟ ଲେଖାଯାଇଥାଏ। ଅର୍ଥ ଏଥିରେ କଲେଷ୍ଟ୍ରୋଲ ନାହିଁ। କିନ୍ତୁ ଏଥିରେ ଟ୍ରାନ୍ସ ଫ୍ୟାଟ ଓ କ୍ୟାଲୋରି- ଡେନସ ଫ୍ୟାଟ ରହିଥାଏ। ଯାହାକି ଧମନୀକୁ ଅବରୋଧ କରିପାରେ।

# ଗୃହୀ-ସନ୍ନ୍ୟାସୀ

ଅନେକ ଅନ୍ୟକୁ ପ୍ରତାରିତ କରି ସଂପଦ କମାନ୍ତି। ସେମାନେ ବିଳାସପୂର୍ଣ୍ଣ ଜୀବନଯାପନ କରନ୍ତି। ପ୍ରାସାଦରେ ରହନ୍ତି। ମୂଲ୍ୟବାନ ପୋଷାକ ପିନ୍ଧନ୍ତି। ଯାହା ଇଚ୍ଛା କରିପାରନ୍ତି ଏବଂ ପାଇପାରନ୍ତି। ତେବେ, ସେମାନଙ୍କ ହୃଦୟ ଓ ମନ ଅପବିତ୍ର। ତେଣୁ, ସେମଳାନଙ୍କ ପକ୍ଷେ ଭଗବାନଙ୍କ ସାନ୍ନିଧ ଲାଭ ଅସମ୍ଭବ। ମୃତ୍ୟୁ ବେଳେ ସେମାନେ ଭୟଭୀତ ହୁଅନ୍ତି। ତୀବ୍ର ହତାସା ସେମାନଙ୍କୁ ଘାରେ। ଏଭଳି ଜୀବନ ବଂଚିବା ଅପେକ୍ଷା ସ୍ୱଗୃହରେ ସନ୍ନ୍ୟାସୀଙ୍କ ପରି ବଂଚିବା ଉତ୍ତମ। ନଜକୁ ଆଧ୍ୟାତ୍ମିକ ଗୁରୁମାନଙ୍କ ରଚନା ପାଠରେ ନିୟୋଜିତ କର। ନିଜକୁ ନିୟନ୍ତ୍ରଣ ରଖ। ସର୍ବଦା ସତ୍‌ଚିନ୍ତା କର, ସତସଙ୍ଗରେ ରହ ଏବଂ ମିଥ୍ୟା କହନାହିଁ। ଅନ୍ୟକୁ ସାହାଯ୍ୟ କର। ଜ୍ଞାନ ଦ୍ୱାରା ମନ ଉପରେ ବିଜୟ ହାସଲ କରିପାରିଲେ, ପୂର୍ଣ୍ଣ କୁଟିର ମଧ ଭଗବାନଙ୍କ ପ୍ରସାଦ ପାଲଟିଯିବ। ଘର ବାହାରେ ଗୁଣୀ ଓ ବିଦ୍ୱାନଙ୍କ ଗହଣରେ ରହ। ଭଗବାନ ସର୍ବଶ୍ରେଷ୍ଠ ସଂପଦ ଏବଂ ଏକମାତ୍ର ସତ୍ୟ। ଭଗବାନଙ୍କ ସେବକ ହେବା ଅର୍ଥ ତାଙ୍କୁ ଏବଂ ତାଙ୍କ ସୃଷ୍ଟିକୁ ଭଲ ପାଇବା। ସେ ମିଥ୍ୟା ଏବଂ ଛଳନାକୁ ଘୃଣା କରନ୍ତି। କେବଳ ଭଗବତ୍ ଚିନ୍ତାରେ ନିମଗ୍ନ ରହିଲେ ସକଳ ଦୁଃଖକଷ୍ଟରୁ ମୁକ୍ତି ମିଳେ।

# କନିଷ୍ଠ ସିଇଓ ତାଲିକାରେ ଦୁଇଭାଇ




ଖେଳିବା କୁଦିବା ବୟସରେ କୋଟି କୋଟି ଟଙ୍କା ଆୟ କରୁଥିବା କମ୍ପାନୀର ସିଇଓ ହୋଇପାରିଛନ୍ତି ଚେନ୍ନାଇର ଦୁଇ ଭାଇ ଶ୍ରବଣ କୁମାରନ ଓ ସଞ୍ଜୟ କୁମାରନ। ଚେନ୍ନାଇରେ ଜନ୍ମିତ ଏହି ଦୁଇଭାଇ ପିଲାଦିନୁ କମ୍ପ୍ୟୁଟର ଗେମ ଖେଳିବାରେ ଅଧିକ ସମୟ ବିତାଉଥିଲେ। ଏହି ସଉକ ୧୨ବର୍ଷୀୟ ଶ୍ରବଣ ଓ ୧୦ବର୍ଷୀୟ ସଞ୍ଜୟଙ୍କୁ ସଫଳତାର ଶୀର୍ଷରେ ପହଂଚାଇଛି। ଏହି ଦୁଇଭାଇ କେବଳ ଗେମ ଖେଳରେ ରୁଚି ନରଖି ନିଜେ ନୂଆ ଗେମ ତିଆରି କରିବା ପାଇଁ ସ୍ଥିର କଲେ। ଶ୍ରବଣ ଅଷ୍ଟମରେ ଓ ସଞ୍ଜୟ ଷଷ୍ଠ ଶ୍ରେଣୀରେ ପଢ଼ିବା ବେଳେ ଅନେକ ଗୁଡ଼ିଏ ମୋବାଇଲ ଆପ୍ ତିଆରି କରିଥିଲେ। ଭିନ୍ନ କିଛି କରିବା ପାଇଁ କୁମାରନ ଭ୍ରାତା ଏକ କମ୍ପାନୀ ପ୍ରତିଷ୍ଠା କରିବାକୁ ଚିନ୍ତାକଲେ। ତେବେ ବୟସ ହୋଇ ନଥିବାରୁ ସେମାନଙ୍କୁ ରେଜିଷ୍ଟ୍ରେସନ୍ ମିଳି ନଥିଲା। ଉଭୟ ପିତାମାତାଙ୍କ ନାମରେ ଏକ କମ୍ପାନୀ 'ଗୋ ଡାଇମେନସନ' ନାମରେ ରେଜିଷ୍ଟ୍ରେସନ କଲେ। ଏହି କମ୍ପାନୀର ବ୍ୟାନର ତଳେ ଅନେକ ଗୁଡ଼ିଏ ଉଚ୍ଚକୋଟୀର ମୋବାଇଲ ଆପ ତିଆରି କରିବା ସହ ପ୍ରଥମ ଗେମିଙ୍ଗ ଆପ 'କ୍ୟାଚ ମି କପ୍' ଲଞ୍ଚ୍ କଲେ। ଏଥିରେ ଚୋର ଜେଲରୁ ପଳାୟନ କରେ ଓ ତାକୁ ଧରିବାକୁ ପୁରା ପୁଲିସ ଟିମ ଲାଗିଥାଏ। ଏହା ଏତେ ମଜାଦାର ଥିଲା ଯେ ପ୍ରଥମ ସସପ୍ତାହରେ ୨୦୦୦ ଡାଉନଲୋଡ଼ ହୋଇଥିଲା। ଯାହା ଏହି ଦୁଇଭାଇଙ୍କୁ ଉତ୍ସାହିତ କରିଥିଲା। ଏହା ପରଠାରୁ



ଉଭୟ ଆଉ ପଛକୁ ଫେରି ଚାହିଁନାହାନ୍ତି। ଗୋ ଡାଇମେନସନ କମ୍ପାନୀ ବ୍ୟାନରରେ ୧୦ରୁ ଅଧିକ ଆପ ଲଂଚ୍ କରିଛନ୍ତି ଭାଇଆଲଫାବେଟ କି ବୋର୍ଡ଼ର ଓ କଲର ପ୍ୟାଲେଟ ଭଳି ଦୁଇଟି ଶିକ୍ଷଣୀୟ ଆପ ମଧ୍ୟ ପ୍ରସ୍ତୁତ କରି ଏହାର ମାର୍କେଟିଂ ମଧ୍ୟ କଲେ। ଏମାନେ ଏବେ କମ୍ପାନୀ ପରିଚାଳନା କରୁଥିବା ସବୁଠାରୁ କମ ବୟସର ଡାଇରେକ୍ଟର ତାଲିକାରେ ରହିଛନ୍ତି। ବର୍ତ୍ତମାନ ଶ୍ରବଣଙ୍କ ବୟସ ୧୬ ଓ ସଞ୍ଜୟଙ୍କର ୧୪। ତାଙ୍କ ଆପର ପ୍ରତ୍ୟେକ କ୍ଲିକରେ ତାଙ୍କୁ ୦.୦୭ ଡଲାର ଆୟ ହୋଇଥାଏ। ଏମାନଙ୍କ କମ୍ପାନୀ ଭାରତ ସମେତ ଚୀନ ଓ ଆମେରିକାର କମ୍ପାନୀଙ୍କ ସହ ମଧ୍ୟ କଂଟ୍ରାକ୍ଟ କରିଛି। କୁମାରନ ଭାଇ ପ୍ରମାଣିତ କରିଛନ୍ତି ଯେ ସଫଳତା ପାଇଁ ବୟସର ସୀମା ନାହିଁ। ନିଷ୍ଠା, ଧୈର୍ଯ୍ୟ ଓ କଠିନ ପରିଶ୍ରମ ଯେକୌଣସି ବ୍ୟକ୍ତିକୁ ସଫଳ କରିପାରେ।

# ଗ୍ଲାମରସ ଫେସ୍ ପାଇଁ....





- ମୁଲତାନୀ ମାଟିରେ ଗୋଲାପ ଜଳ ମିଶାଇ ତ୍ୱଚାରେ ଲଗାଇଲେ ଚେହେରାରେ ଚମକ ଆସିଥାଏ।

- କଂଚା କ୍ଷୀର ତ୍ୱଚା ପାଇଁ ବହୁତ ଭଲ। ଦୁଇ ଚାମଚ କଂଚା କ୍ଷୀର ନେଇ ମୁହଁରେ ଲଗାନ୍ତୁ। କ୍ଷୀର ଶୁଖିଗଲା ପରେ ଖାଇବା ଲୁଣ ନେଇ ମୁହଁରେ ଧୀରେଧୀରେ ମାଲିସ କରନ୍ତୁ। ଏପରି କରିବା ଦ୍ୱାରା ମୃତ ତ୍ୱଚାର ବାହାରିଯାଏ ଏବଂ ଚେହେରା ସୁନ୍ଦର ଦେଖାଯାଏ।

ବେସନ, ହଳଦୀ, ଲେମ୍ବୁ, ଦହି ଓ ଗୋଲାପ ଜଳ ମିଶାଇ ଲେପ ତିଆରି କରି ଚେହେରାରେ ଲଗାନ୍ତୁ। ସପ୍ତାହକୁ ଥରେ ଏହି ଲେପକୁ ଲଗାଇଲେ ତ୍ୱଚାରେ ଚମକ ଆସିଥାଏ।

- ନିମ୍ବ ତ୍ୱଚାକୁ ରୋଗ ପ୍ରତିରୋଧକ ଶକ୍ତି ଦେଇଥାଏ। ନିମ୍ବକୁ ଚେହେରାରେ ଲଗାଇବା ଦ୍ୱାରା ବ୍ରଣ ସମସ୍ୟା ଦୂର ହୋଇଥାଏ। କଦଳୀ ଚେହେରାରୁ କୁଂଚନ ଦୂରକରିବାରେ ସାହାଯ୍ୟ କରେ। ପାଚିଲା କଦଳୀକୁ ଚେହେରାରେ ଲଗାଇ ଅଧାଘଂଟା ପରେ ମୁହଁ ଧୋଇ ଦିଅନ୍ତୁ। ନିୟମିତ ରୂପେ ଆପଣ କଦଳୀକୁ ଚେହେରା ପାଇଁ ବ୍ୟବହାର କଲେ ଜାଣିପାରିବେ କଦଳୀ କେତେ ଦରକାରୀ।

# ବ୍ରତ-ଉପବାସର ନିୟମ




ହିନ୍ଦୁ ଧର୍ମର ପ୍ରମୁଖ ବିଶେଷତ୍ୱ ହେଉଛି ପର୍ବପର୍ବାଣିରେ ଉପବାସ-ବ୍ରତ ପାଳନ କରିବା। କାହିଁ କେଉଁ କାଳରୁ ଭାରତୀୟ ପରମ୍ପରାରେ ଏସବୁ ପାଳିତ ହୋଇ ଆସୁଛି। ବିଦେଶୀ ରାଷ୍ଟ୍ରର ଲୋକେ ଭାରତର ଏହି ନିୟମକୁ ଅନେକ ବର୍ଷ ପରେ ଗ୍ରହଣ କରିଛନ୍ତି। ଆମେରିକୀୟ ବିଶେଷଜ୍ଞଙ୍କ ମତରେ ବ୍ରତ ଉପବାସ ପାଳନ କରିବା ଶରୀର ପାଇଁ ଖୁବ୍ ଆବଶ୍ୟକ। ପରୀକ୍ଷାରୁ ଜଣାପଡ଼ିଛି ଯେ ଉପବାସ ରହିଲେ ପାଚନ ତନ୍ତ୍ରକୁ କିଛି ସମୟ ଆରାମ ମିଳେ। ଅମ୍ଳ ରୋଗୀଙ୍କ ପାଇଁ ଏହା ଖୁବ୍ ଲାଭଦାୟକ। ଅରୁଚି, ମୁଣ୍ଡବିନ୍ଧା, ଅମ୍ଳ, ଜ୍ୱର, ଅଜୀର୍ଣ୍ଣ, ମୋଟାପଣ ଆଦି ରୋଗରୁ ଉପବାସ କଲେ ରକ୍ଷା ମିଳେ। ଭାରତୀୟ ପଣ୍ଡିତଙ୍କ ମତରେ ବ୍ରତ-ଉପବାସ କରିବା ଦିନ ମନରେ ହିଂସାଭାବ ଆଣିବା ଅନୁଚିତ। ଏହିଦିନ ମିଛ ନକହି ଈଶ୍ୱରଙ୍କ ନିକଟରେ ନିଜକୁ ସମର୍ପି ଦେବା ପ୍ରାର୍ଥନା କରିବା ଭଲ। ଉପବାସରେ ଦିନବେଳା ଶୋଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ମାସକୁ ଅନ୍ତତଃ ଥରୁଟିଏ ଉପବାସ କରିବା ଉଚିତ।

# ସ୍ନାନର ଉପାୟ

ଭାରତୀୟ ପରମ୍ପରାରେ ପ୍ରତ୍ୟେହ ସ୍ନାନ କରିବା ପ୍ରମୁଖ ନିତ୍ୟକର୍ମ ଭାବରେ ବିବେଚନା କରାଯାଏ। କାହିଁ କେଉଁକାଳରୁ ଲୋକେ ଦିନର ପ୍ରାରମ୍ଭ ସ୍ନାନ କରିବା ପରେ ପୂଜାପାଠ କରିଥାନ୍ତି। ଆୟୁର୍ବେଦ ଉପଚାରରେ ସ୍ନାନର ବିଭିନ୍ନ ନୀତିନିୟମ ତଥା ବିଧି ଉଲ୍ଲେଖ ରହିଛି। ସକାଳର ପ୍ରଥମ ପ୍ରହରରେ ସ୍ନାନ କଲେ ଆଳସ୍ୟ ଦୂର ହୋଇଥାଏ। ବିଭିନ୍ନ ପରୀକ୍ଷାରୁ ଜଣାପଡ଼ିଛି ଯେ ଭାରତୀୟମାନେ ସକାଳେ ସ୍ନାନ



କରିବା କାରଣର ଅବସାଦ ରୋଗ ସେମାନଙ୍କୁ ଆକ୍ରାନ୍ତ କରିନଥାଏ। ପ୍ରତ୍ୟେକ ଋତୁରେ ଥଣ୍ଡା ପାଣିରେ ସ୍ନାନ କଲେ ରୋଗପ୍ରତିରୋଧକ ଶକ୍ତି ବଢ଼ିଥାଏ। ନଖ ଉଷୁମ ପାଣିରେ ସ୍ନାନ କଲେ ଶରୀର ଜୀବାଣୁମାନ ନଷ୍ଟ ହୋଇଥାନ୍ତି। ଛାତ୍ରଛାତ୍ରୀମାନେ ଉଷୁମ ପାଣିରେ ସ୍ନାନ କରିବା ଅନୁଚିତ। ଏହା ସେମାନଙ୍କ ସବାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ। ଅତ୍ୟଧିକ ପରିଶ୍ରମୀମାନେ ନଖ ଉଷୁମ ପାଣିରେ ସ୍ନାନ କରିବା ଉପକାରୀ।

# ଏଠି କେହି ହୁଅନ୍ତି ନାହିଁ ବୁଢ଼ା କି ବୁଢ଼ୀ

ପରମ୍ପରା ଓ ଅନ୍ଧବିଶ୍ୱାସ ନାମରେ ଭାରତରେ ଆଜିବି ଅନେକ ଅଜବ ପ୍ରକାରର ଘଟଣା ଦେଖିବାକୁ ମିଳେ। ଯାହାକୁ ସହଜରେ ବିଶ୍ୱାସ କରିବା ମୁସ୍କିଲ। ତାମିଲନାଡୁରେ ଏପରି ଏକ ଜାଗା ଅଛି ଯେଉଁଠାରେ ପରମ୍ପରା ନାମରେ ଘରର କୌଣସି ସଦସ୍ୟ ବୁଢ଼ା କିମ୍ବା ବୁଢ଼ୀ ହେଲେ ତାଙ୍କୁ ହତ୍ୟା କରାଯାଏ। ଆଉ ହତ୍ୟା କରୁଥିବା ବ୍ୟକ୍ତି ଅନ୍ୟ କେହି ନୁହଁନ୍ତି ବରଂ ସେହି ପରିବାରର ସଦସ୍ୟମାନେ। ତାମିଲନାଡୁର ଠଲାଇକୁଠନ ନାମକ ଏହି ଭୟାନକ କୁପ୍ରଥା ଅନୁଯାୟୀ ପରିବାର ସଦସ୍ୟମାନେ ନିଜ ପରିବାରର ବୟସ୍କଙ୍କୁ ହତ୍ୟା କରିଛନ୍ତି। ଏହି ଅବସରରେ ଗ୍ରାମର ଅନ୍ୟ ଲୋକଙ୍କ ଉପସ୍ଥିତି ମଧ୍ୟ ଦେଖିବାକୁ ମିଳେ। ତାମିଲନାଡୁର ଦକ୍ଷିଣାଂଚଳ ଜିଲାମାନଙ୍କରେ ଏହି ଘଟଣା ଆଜିବି ଦେଖାଯାଉଛି। ଯେଉଁ କାରଣରୁ ଏହିସବୁ ଅଂଚଳରେ ବୁଢ଼ା ବୁଢ଼ୀଙ୍କୁ ଦେଖିବାକୁ ମିଳେନାହିଁ। ବୟସ୍କଙ୍କୁ ହତ୍ୟା କରି ଅନ୍ତିମ ସତ୍କାର କରିବା ଏଠାରେ ଏକ ସମ୍ମାନଜନକ ପଦକ୍ଷେପ ବୋଲି ଗ୍ରହଣ କରାଯାଏ। ସବୁଠାରୁ ବିଚିତ୍ର ବିଷୟ ହେଉଛି ଏହି ବୟସ୍କମାନେ ନିଜକୁ ହତ୍ୟା କରିବା ପାଇଁ ପରିବାର ସଦସ୍ୟଙ୍କୁ ଅନୁରୋଧ କରିଥାନ୍ତି। ତେବେ ଯେପରି ପୁଲିସ ଏହି ଘଟଣାର ସୁରାକ ନପାଇବ ସେଥିପାଇଁ ମଧ୍ୟ ବ୍ୟବସ୍ଥା କରାଯାଏ। ବିଶେଷ କରି ବୟସ୍କଙ୍କୁ ମାରିବା ପାଇଁ ଥଣ୍ଡା ପାଣିର ବ୍ୟବହାର କରାଯାଏ। ଏହାଦ୍ୱାରା ସେମାନଙ୍କୁ ହୃଦଘାତ ହୋଇଥାଏ ବୋଲି କୁହାଯାଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଚୀନ୍: ପରିବର୍ତ୍ତନରୁ ପ୍ରତ୍ୟାଶା

ଚୀନ୍ ସହିତ କାରବାର କରିବା ଅନେକ ଦେଶର ମନ୍ତ୍ରୀ ଏବଂ ବିଦେଶ କାର୍ଯ୍ୟାଳୟର କୂଟନୀତିଜ୍ଞମାନଙ୍କ ନିମନ୍ତେ ସର୍ବାଧିକ କଠିନ କାର୍ଯ୍ୟ ସାବ୍ୟସ୍ତ ହୋଇ ଆସିଛି, କାରଣ ବିଶ୍ୱର ଏହି ଦ୍ୱିତୀୟ-ବୃହତ୍ତମ ଅର୍ଥନୀତିର ରାଜନୀତି ସଦା ସର୍ବଦା ଅସ୍ୱଚ୍ଛ ରହିଥାଏ, ଏମିତିକି ଏହାର ଗତିବିଧି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଥିବା ପେସାଦାର ବ୍ୟକ୍ତି ବା ଦେଶମାନଙ୍କ ପାଇଁ ମଧ୍ୟ । ଚୀନ୍‌ର ରାଜଧାନୀ ବେଜିଂର କେନ୍ଦ୍ର ସ୍ଥଳରେ ଅବସ୍ଥିତ ମୂଳତଃ ଏକ ସୁନ୍ଦର ହ୍ରଦ ଥିବା ଏକ ରାଜକୀୟ ବଗିଚା ଝୋଙ୍ଗନାନ୍‌ହାଇରେ ଯେଉଁ ରାଜନୀତିକ ଖେଳ ଚାଲିଛି, ତାହା ଅତ୍ୟନ୍ତ ଗୋପନୀୟତାର ପ୍ରାଚୀର ଦ୍ୱାରା ଆବୃତ୍ତ ରହିଛି ; ତା' ଉପରେ କିପରି ସର୍ବସାଧାରଣଙ୍କ ଦୃଷ୍ଟି ନ ପଡ଼ିବ, ସେଥିପାଇଁ ଢେର୍ ସତର୍କତା ଅବଲମ୍ବନ କରାଯାଇଛି। ମଙ୍ଗଳବାର ଦିନ ଚୀନ୍‌ର ବିଦେଶ ମନ୍ତ୍ରୀ କିନ୍ ଗାଙ୍ଗ୍‌ଙ୍କୁ ତାଙ୍କ ପଦରୁ ଅଚାନକ ବହିଷ୍କାର କରାଯିବା ଏବଂ ତାଙ୍କ ସ୍ଥାନରେ ତାଙ୍କର ପୂର୍ବସୁରୀ ୱାଙ୍ଗ୍ ୟିଙ୍କୁ ପୁନର୍ବାର ନିଯୁକ୍ତି ପ୍ରଦାନ କରାଯିବା ଭଳି ଏକ ଘଟଣା ଚୀନ୍‌ର ରାଜନୀତିକ ଇତିହାସରେ ଏକ ଅଭୂତପୂର୍ବ ବିକାଶ ଭାବରେ ଘଟିଯାଇଛି । କିନ୍ତୁ ଏହା ପଛର କାରଣ କ'ଣ, ତାହା କେବେହେଲେ ସର୍ବଧାରଣରେ ପ୍ରକାଶ ପାଇବାର ସମ୍ଭାବନା ନାହିଁ । ଶ୍ରୀଯୁକ୍ତ କିନ୍‌ଙ୍କୁ ବହିଷ୍କାର କରିବାର ଆଦେଶନାମାରେ ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍ ନିଜେ ସ୍ୱାକ୍ଷର କରିଥିଲେ। ସୂଚନାଯୋଗ୍ୟ ଯେ ବିଦେଶ ମନ୍ତ୍ରୀ ଭାବରେ ନିଯୁକ୍ତ ହେବା ପୂର୍ବରୁ ଶ୍ରୀଯୁକ୍ତ କିନ୍ ସ୍ୱଳ୍ପ ସମୟ ପାଇଁ ହେଲେ ସୁଦ୍ଧା ଅତ୍ୟନ୍ତ ଉଚ୍ଚ ସ୍ତରର ପଦବୀ ଭାବରେ ବିବେଚିତ ଆମେରିକାର ରାଷ୍ଟ୍ରଦୂତ ଭାବରେ କାର୍ଯ୍ୟ କରିଥିଲେ। ପରନ୍ତୁ, ସମ୍ପ୍ରତି ସେ ଚୀନ୍‌ର ରବର ଷ୍ଟାମ୍ପ୍ ସଂସଦର ଏକ ବୈଠକ ପରେ ପଦରୁ ବହିଷ୍କୃତ ହୋଇଛନ୍ତି ଏବଂ ତାଙ୍କ ସ୍ଥାନରେ ପୁନର୍ବାର ୱାଙ୍ଗ୍ ୟିଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ତେବେ, ସେ ଏବେ ମଧ୍ୟ ଚୀନ୍‌ର ଏକ ପ୍ରମୁଖ ଭୂମିକା- ପାଞ୍ଚଜଣ ଷ୍ଟେଟ୍ କାଉନ୍ସିଲରଙ୍କ ମଧ୍ୟରୁ ଜଣେ ହୋଇ ରହିବା, ସମଗ୍ର ଘଟଣାକୁ ପ୍ରହେଳିକାପୂର୍ଣ୍ଣ କରି ଦେଇଛି ଏବଂ ଅନ୍ୟ ସମସ୍ତ ରାଷ୍ଟ୍ରର କୂଟନୀତିଜ୍ଞଙ୍କୁ ଅନେକ କିଛି କଳ୍ପନା କରିବା ଭିତରକୁ ଠେଲି ଦେଇଛି- ଏଇ ଦୃଷ୍ଟିରୁ ଯେ ଉପରୋକ୍ତ ପଦରୁ ବହିଷ୍କୃତ ହେବା ପୂର୍ବରୁ ଏକଦା ସେ ରାଷ୍ଟ୍ରପତି ଶ୍ରୀଯୁକ୍ତ ଜିଙ୍କର ଅତ୍ୟନ୍ତ ଘନିଷ୍ଠ ବ୍ୟକ୍ତି ଭାବରେ ବିବେଚିତ ହେଉଥିଲେ ଏବଂ ରାଷ୍ଟ୍ରପତିଙ୍କ ବିଦେଶ ଗସ୍ତ ସମ୍ପର୍କିତ ସମସ୍ତ କାର୍ଯ୍ୟକ୍ରମକୁ ସ୍ଥିର କରୁଥିଲେ । ଏସବୁକୁ ମିଶାଇ ଯଦି ଦେଖାଯାଏ, ତା'ହେଲେ ଏହାକୁ ଏକ ବିପଜ୍ଜନକସମଷ୍ଟି ଆଖ୍ୟା ଦିଆଯାଇପାରେ, ବିଶେଷକରି ଗଣତନ୍ତ୍ରଗୁଡ଼ିକ ପାଇଁ । ଭାରତ ପାଇଁ 'ଗଧିଆ ଯୋଦ୍ଧା' ଭାବରେ ଖ୍ୟାତ କୂଟନୀତିଜ୍ଞ ଶ୍ରୀଯୁକ୍ତ କିନ୍‌ଙ୍କ ବହିଷ୍କାର କିଛି ଫରକ ଆଣିବାକୁ ଯାଉନାହିଁ, ଯେହେତୁ ଶ୍ରୀଯୁକ୍ତ ୱାଙ୍ଗ୍ ୟ ହିଁ ପୁନର୍ବାର ବିଦେଶ ମନ୍ତ୍ରୀ ଭାବରେ ଅଧିଷ୍ଠିତ ହୋଇଛନ୍ତି । ଶ୍ରୀଯୁକ୍ତ ୟି ଅନେକ ରାଷ୍ଟ୍ରଙ୍କ ପାଇଁ ଜଣେ ପରିଚିତ ବ୍ୟକ୍ତିତ୍ୱ ଏବଂ ଶ୍ରୀଯୁକ୍ତ କିନ୍‌ଙ୍କ ଅପେକ୍ଷା ଚୀନର ଜଣେ ଉଚ୍ଚ-ସ୍ତରୀୟ ଦଳୀୟ କର୍ମକର୍ତ୍ତା । ଭାରତ ହେଉ ବା ଅନ୍ୟ ଯେ କୌଣସି ରାଷ୍ଟ୍ରଙ୍କ ସହିତ ଶ୍ରୀଯୁକ୍ତ ୟି ବେଶ୍ କିଛି ବର୍ଷ ଧରି କାରବାର କରି ଆସିଥିବାରୁ ତାଙ୍କର ପ୍ରତ୍ୟାବର୍ତ୍ତନ ଅନେକଙ୍କ ମନରେ ଆଶ୍ୱାସନା ଭରିଦେବା ସ୍ୱାଭାବିକ । ଭାରତ କ୍ଷେତ୍ରରେ ସେ ତାଙ୍କର ପ୍ରତିପକ୍ଷ ସୁବ୍ରମଣ୍ୟମ୍ ଜୟଶଙ୍କରଙ୍କ ସହିତ ବେଜିଂରେ କାର୍ଯ୍ୟ କରିବା ଦିନଠାରୁ ପରିଚିତ । ଏହା ସତ୍ତ୍ୱେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି)ରେ ଚୀନ୍ ଅସ୍ୱାଭାବିକ ଆଚରଣକୁ ନେଇ କିଛି ପ୍ରଗତି ହୋଇପାରି ନାହିଁ, ଯାହା ବିଷୟରେ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ ଚଳିତ ସପ୍ତାହରେ ଜୋହାନସ୍ବର୍ଗଠାରେ ଅନୁଷ୍ଠିତ ବ୍ରିକସ୍ ଏନ୍ଏସ୍ଏମାନଙ୍କ ବୈଠକରେ ଶ୍ରୀଯୁକ୍ତ ୟିଙ୍କୁ ଉପରୋକ୍ତ ପ୍ରସଙ୍ଗରେ କିଛି ସ୍ପଷ୍ଟ କଥା କହିଥିଲେ । ଏହା ବାଦ୍ ରହିଛି ଚୀନ୍ ସହିତ ଭାରତର ଦ୍ୱିପାକ୍ଷିକ ବାଣିଜ୍ୟ ବ୍ୟବସାୟ ପ୍ରସଙ୍ଗ । ଏହା ସମ୍ପ୍ରତି ଦୁଇ ରାଷ୍ଟ୍ରଙ୍କ ଭିତରେ ହୁଏତ ଦ୍ରୁତ ଗତିରେ ଚାଲୁ ରହିଥାଇପାରେ- ୨୦୨୨ରେ ୧୧୫.୨ ବିଲିଅନ୍ ଡଲାର ହୋଇଥିବା ବେଳେ ଭାରତର ବ୍ୟବସାୟିକ ନିଅଣ୍ଟ ୧୧୦.୨ ବିଲିଅନ୍ ଡଲାର- କିନ୍ତୁ ଭାରତ ଏଲସିରେ ସମ୍ପୂର୍ଣ୍ଣ ଭାବରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ଉପରେ ଗୁରୁତ୍ୱାରୋପ କରି ଆସୁଛି, ଯେଉଁଥିପାଇଁ ଏହା ନ ହେବା ପର୍ଯ୍ୟନ୍ତ ଦ୍ୱିପାକ୍ଷିକ ସମ୍ପର୍କ ସୁଧୁରିବାର ସମ୍ଭାବନା କ୍ଷୀଣ ଏବଂ ଏ ଦୁଇ ପଡ଼ୋଶୀ ରାଷ୍ଟ୍ରଙ୍କ ଭିତରେ ତାଳମେଳର ଅଭାବ ରହିବ ହିଁ ରହିବ। ଚୀନ୍ ତା'ର ବିସ୍ତାରବାଦୀ ନୀତିକୁ ସହଜରେ ପରିହାର କରିବା କ୍ୱଚିତ୍ ଆଶା କରାଯାଇପାରେ । ତେବେ ଭାରତ ସହିତ ଆଂଶିକ ଅସମ୍ପୃକ୍ତିରୁ ଚୀନ୍ ଫାଇଦା ଉଠାଇ ଆସିଥିବା ଦେଖାଯାଉଛି । ସୀମା ପ୍ରସଙ୍ଗରେ ଦୁଇ ରାଷ୍ଟ୍ର ସେମାନଙ୍କ ନିଜ ନିଜର ସ୍ଥିତିରେ ଅଟଳ ରହିଥିବାରୁ ଏବଂ ପରସ୍ପରର ବିରୋଧାଚରଣ କରୁଥିବାରୁ ଚୀନ୍‌ର ବିଦେଶ ମନ୍ତ୍ରଣାଳୟରେ ଯେତେ ବଡ଼ ବା ଛୋଟ ଧରଣର ପରିବର୍ତ୍ତନ ଘଟିଲେ ସୁଦ୍ଧା ନିକଟ ଭବିଷ୍ୟତରେ ଏହି ଅସୁବିଧାଜନକ ସମ୍ପର୍କରେ ସେମିତି କିଛି ବିଶେଷ ପରିବର୍ତ୍ତନ ଘଟିବା ଆଶା କରାଯାଏ ନାହିଁ । ଅତଏବ, ଶ୍ରୀଯୁକ୍ତ କିନ୍ ହୁଅନ୍ତୁ କି ଶ୍ରୀଯୁକ୍ତ ୟି- ଚୀନର ବିଦେଶ ମନ୍ତ୍ରୀ ଯିଏ ବି ହୁଅନ୍ତୁ ନା କାହିଁକି, ସୀମା ସମସ୍ୟା ସମାଧାନ ନହେବା ପର୍ଯ୍ୟନ୍ତ ଭାରତ ଉପରେ ତାହା ବିଶେଷ କିଛି ଫରକ ପକାଇବାର ସମ୍ଭାବନା ନାହିଁ । ତଥାପି ଭାରତ ତା'ର ଉଦ୍ଦେଶ୍ୟ ସାଧନ ପାଇଁ ଉଦ୍ୟମ ଅବ୍ୟାହତ ରଖିବା ଉଚିତ।

## କୃତ୍ରିମ ବୁଦ୍ଧିମତାର ପ୍ରଭାବ



ଡକ୍ଟର ଲକ୍ଷ୍ମଣ ସାହୁ

ଆଜିକାଲି ସବୁଠାରୁ ଚର୍ଚ୍ଚିତ ବିଷୟ ହେଉଛି କୃତ୍ରିମ ବୁଦ୍ଧିମତା ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (AI) । ସାମ୍ପ୍ରତିକ ସମୟରେ ଚାଟ୍‌ଜିପିଟିର ବୃଦ୍ଧି ଆମେ ସମସ୍ତେ ଦେଖୁଛୁ । ଏହି କୃତ୍ରିମ ବୁଦ୍ଧିମତା (OpenAI ) ନାମକ ଏକ ଟେକ୍ନୋଲୋଜି କମ୍ପାନୀ ଦ୍ୱାରା ବିକଶିତ ହୋଇଥିଲା । ଏହା ମାନବ ଭାଷାରେ ଯେକୌଣସି ପ୍ରଶ୍ନର ଉତ୍ତର ଫଟାଫଟ ଦେଇପାରେ । ଏପରିକି ଚାହିଦା ଅନୁଯାୟୀ କବିତା ହେଉ କି ପ୍ରବନ୍ଧ ହେଉ ଲେଖିପାରୁଛି । ବର୍ତ୍ତମାନ ବିଭିନ୍ନ ଦେଶରେ ତା'ର ଚାହିଦା ହୁ ହୁ ବୃଦ୍ଧି ପାଉଛି ।

ବିଶେଷ କରି ରୋଜଗାର କ୍ଷେତ୍ରରେ ଏହି ଆଶ୍ଚର୍ଯ୍ୟଜନକ ଟେକ୍ନୋଲୋଜି ଆମ ଜୀବନରେ କି ପ୍ରଭାବ ପକାଇପାରେ ସେ ବିଷୟରେ ଚିନ୍ତା କରିବାର କୌଣସି ଅସୁବିଧା ନାହିଁ । ତା'ସତ୍ତ୍ୱେ ଲୋକଙ୍କ ମନରେ ଏବେ ବଡ଼ ଧରଣର ସନ୍ଦେହ ସୃଷ୍ଟି ହେବାରେ ଲାଗିଛି । କାରଣ ଏହି ଅତ୍ୟାଧୁନିକ ଜ୍ଞାନକୌଶଳ ଆଶୀର୍ବାଦ ନା ଅଭିଶାପ ବୋଲି ଅନେକଙ୍କ ମନରେ ପ୍ରଶ୍ନ ଉଙ୍କି ମାରେ ? ଗତ ୯ ଜୁଲାଇରେ ଆମର ରାଜ୍ୟରେ କୃତ୍ରିମ ବୁଦ୍ଧିଜୀବୀ ଚାଳିତ ନ୍ୟୁଜ୍ ଆଙ୍କର୍ ସହିତ 'ଲିସା' ସହିତ ପ୍ରାରମ୍ଭିକ ପର୍ଯ୍ୟାୟ ସମାପ୍ତ କଲା । ଓଡ଼ିଶାର ଏକ ସୁନ୍ଦର ହସ୍ତତନ୍ତ ପରିହିତା ଲିସାଙ୍କୁ ଦେଖିଲେ ସେ ବୁଝିବାର କୌଣସି ଉପାୟ ନାହିଁ ଯେ ସେ ଜଣେ ମାଂସ ଏବଂ ରକ୍ତ ମଣିଷ କି ରୋବଟ୍ । ସମ୍ବାଦର ଆରାମଦାୟକ ଉପସ୍ଥାପନା ଦେଖି ଆଶ୍ଚର୍ଯ୍ୟ ହେବାର କୌଣସି ଉପାୟ ନାହିଁ । କିନ୍ତୁ ଏହାପୂର୍ବରୁ, ନଭେମ୍ବର ୨୦୧୮ ରେ ଚୀନ୍ ବିଶ୍ୱର ପ୍ରଥମ କୃତ୍ରିମ ବୁଦ୍ଧିଜୀବୀ ଉପସ୍ଥାପିକା ଆଣିଥିଲା।

ଏଥିସହ ଚଳିତ ବର୍ଷ କୁଏତର ଏକ ନ୍ୟୁଜ୍ ଚ୍ୟାନେଲ୍ 'ଫିଡା' ନାମକ ଏକ ଏଇ ନ୍ୟୁଜ୍ ରିପୋର୍ଟର ଆଣିଛି । ଏପରିକି ନିକଟରେ ତାଇୱାନ କୃତ୍ରିମ ବୁଦ୍ଧିଜୀବୀ ସମ୍ବାଦ ଉପସ୍ଥାପିକାମାନଙ୍କୁ ମଧ୍ୟ ପରିଚିତ କରାଇଛି । ବର୍ତ୍ତମାନ ବିଶ୍ୱରେ ବିଭିନ୍ନ ଦେଶ ଏହି ସମାନ ମାର୍ଗକୁ ଅନୁସରଣ କରୁଛନ୍ତି । କୃତ୍ରିମ ବୁଦ୍ଧିମତା ଦ୍ୱାରା ପରିଚାଳିତ ରୋବଟ୍ କିମ୍ବା ମେସିନଗୁଡିକର ଭବିଷ୍ୟତ ଅଧିକ ବ୍ୟବହାରରେ ଆସିବ ବୋଲି ଚିନ୍ତା କରାଯାଉଛି । ବିଭିନ୍ନ କାର୍ଯ୍ୟ ପାଇଁ ଅଧିକ ଉନ୍ନତ ରୋବଟ୍ ବିକଶିତ କରିବା ପାଇଁ ବିଭିନ୍ନ ଦେଶରେ ବିଭିନ୍ନ ସଂସ୍ଥା ଦ୍ୱାରା ବିପୁଳ ପୁଞ୍ଜି ବିନିଯୋଗ ସମ୍ଭାବ୍ୟ କଳ୍ପନାକୁ ବଢାଇ ଦେଇଛି । ସାଧାରଣ ଲୋକଙ୍କ ଠାରୁ ଅର୍ଥନୀତିଜ୍ଞ ପର୍ଯ୍ୟନ୍ତ ସମସ୍ତେ ଚାକିରି ବଜାର ପାଇଁ ଚିନ୍ତିତ ହୋଇ ପଡିଛନ୍ତି । କାରଣ ବିନା ମଣିଷରେ ପ୍ରତ୍ୟେକ କାର୍ଯ୍ୟ ରୋବଟ୍ ଦ୍ୱାରା ସମ୍ଭବ ହେବ ବୋଲି କେହି ଭାବି ନଥିଲେ । ଯଦି ବିନା ମଣିଷରେ ମେସିନ୍ ସେହି ସବୁ କାମ କରେ, ତେବେ ଭବିଷ୍ୟତରେ ଯୁବ ଗୋଷ୍ଠୀ ଚାକିରି ହରାଇବାକୁ ଭୟ କରିବା ସ୍ୱାଭାବିକ । ସ୍ୱଳ୍ପ ସମୟରେ କାର୍ଯ୍ୟକ୍ଷମ ମେସିନ ଯଦି ଅଧିକ ଉତ୍ପାଦନ ଦେଇ ପାରିଲା ତେବେ ସେଠାରେ ମାନବର ଆବଶ୍ୟକ କ'ଣ ବା ଅଛି ।

ସାଧାରଣ ଲୋକଙ୍କ ଉପରେ କେହି ପୁଞ୍ଜିବାଦ କିମ୍ବା ମୁକ୍ତ ବଜାର ବ୍ୟବସ୍ଥା ଲଗାଇ ନାହାଁନ୍ତି । ମାନବ ପ୍ରଗତି ସ୍ୱାଭାବିକ ଭାବରେ ନିର୍ମିତ । ଏବେ ଏହି ବଜାର ବ୍ୟବସ୍ଥା ସୃଷ୍ଟି ହୋଇଛି । ସେଥିପାଇଁ ପୁଞ୍ଜିବାଦ ବ୍ୟବସ୍ଥା ହେଉଛି ହଜାର ହଜାର ସମସ୍ୟା ସହିତ ଏକ ବ୍ୟବସ୍ଥା । କହିବାକୁ ଗଲେ କୃତ୍ରିମ ବୁଦ୍ଧି ମଧ୍ୟ ଏହି ପୁଞ୍ଜିବାଦୀ ବ୍ୟବସ୍ଥାର ଏକ ଉତ୍ପାଦ । ଏକ ପୁଞ୍ଜିପତି ବ୍ୟବସ୍ଥା ବଞ୍ଚିପାରିବ ନାହିଁ ଯଦି ଏହା କ୍ରମାଗତ ଭାବରେ ଖର୍ଚ୍ଚ ହ୍ରାସ କରିପାରିବ ନାହିଁ ତେବେ ସେ କ୍ଷେତ୍ରରେ ମଧ୍ୟ ଲାଭ ବୃଦ୍ଧି କରିପାରିବ ନାହିଁ । ତେଣୁ ବଞ୍ଚିବାର ଉତ୍ସାହ ଉତ୍ପାଦନ ବୃଦ୍ଧି ଓ ଖର୍ଚ୍ଚ ହ୍ରାସ କରିବାକୁ ଟେକ୍ନୋଲୋଜିର ଆବିର୍ଭାବ ହେଲା । ସେଥିପାଇଁ ଉଦ୍ୟୋଗୀ ମାନଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ଅଧିକ ବିନିଯୋଗ କରିବାକୁ ପଡିବ ।

ଇଂଲଣ୍ଡରେ ଶିଳ୍ପ ବିପ୍ଳବ ପରଠାରୁ, ଯେତେବେଳେ ଶିଳ୍ପରେ ମେସିନ୍ ବହୁଳ ଭାବରେ ବ୍ୟବହୃତ ହେଉଥିଲା, ଲୋକମାନେ କର୍ମକ୍ଷେତ୍ରରେ ପ୍ରତିଯୋଗୀ ଭାବରେ ମେସିନ୍ ଆଗକୁ ଆସିଛନ୍ତି । ତା'ପରେ ଯେତେବେଳେ କମ୍ପ୍ୟୁଟର ନାମକ ସୁପର ଇଣ୍ଟେଲିଜେନ୍ ମେସିନ୍ ବଜାରକୁ ଆସିଲା, ସେତେବେଳେ ଲୋକଙ୍କ ଚିନ୍ତାର ଅନ୍ତ ହୋଇନଥିଲା । ଏବେ ବୁଝନ୍ତୁ ଯେ ଚାକିରୀ ବଜାରରେ ଲୋକଙ୍କର ଆବଶ୍ୟକତା ପଡିବ ନାହିଁ । କିନ୍ତୁ ଏହା ଜଣାପଡିଛି ଯେ ଯନ୍ତ୍ରପାତିର ବ୍ୟବହାର ଚାକିରି ବଜାରରେ କିଛି ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥିବାବେଳେ କାର୍ଯ୍ୟର ପରିସର ଓ ପରିସରର ସାମଗ୍ରିକ ବୃଦ୍ଧି ସମସ୍ୟାର ସମାଧାନ ପାଇଁ ସମସ୍ୟା ସୃଷ୍ଟି କରିବା ଅପେକ୍ଷା ଦ୍ରୁତ ବିକାଶ ପାଇଁ ସହାୟକ ହୋଇଛି । କାରଣ ମେସିନ ହୁଏତ ଅଳ୍ପ ସମୟ ନିମନ୍ତେ ଯାନ୍ତ୍ରିକ ତ୍ରୁଟି ହୋଇ ଅଚଳାବସ୍ଥା ଆସିପାରେ । କିନ୍ତୁ ଦକ୍ଷ ଇଞ୍ଜିନିୟରଙ୍କ ଦ୍ୱାରା ସଜାଡି ଦିଆଗଲେ ପୂର୍ବବତ୍ କାର୍ଯ୍ୟକ୍ଷମ ହେବ । କିନ୍ତୁ ହରତାଳ, ଧର୍ମଘଟ କରେ ନାହିଁ ।

ସେଥିପାଇଁ କୃତ୍ରିମ ବୁଦ୍ଧିଜୀବୀ ଟେକ୍ନୋଲୋଜି ପୁଣି ଥରେ ଲୋକଙ୍କ ମନରେ ଭୟ ସୃଷ୍ଟି କରିଛି । ଏହି ଭୟକୁ ଜାଳେଣି କରିବା ହେଉଛି ବିଶ୍ୱ ଅର୍ଥନୈତିକ ଫୋରମର ଏକ ରିପୋର୍ଟ । ତେବେ ଏହି ରିପୋର୍ଟ ଆଶଙ୍କା ଓ ଭୟ ମଧ୍ୟ ଦେଇଛି । ସେହି ରିପୋର୍ଟ ଅନୁଯାୟୀ କୃତ୍ରିମ ବୁଦ୍ଧିମତା ହେତୁ ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ପ୍ରାୟ ଏକ ଚତୁର୍ଥାଂଶ ଚାକିରି ବିପଦରେ ପଡ଼ିବ। କୃତ୍ରିମ ବୁଦ୍ଧି ଓ ଡିଜିଟାଇଜେସନ୍‌ର ଦ୍ରୁତ ଅଭିବୃଦ୍ଧି ବିଶ୍ୱର ସମସ୍ତ ପ୍ରକାର ବଜାରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବ । ବିଶ୍ୱ ଅର୍ଥନୈତିକ ଫୋରମ୍ ଏହାକୁ 'ଅସ୍ଥିରତାର ଏକ ନୂତନ ଯୁଗ' ବୋଲି କହିଛି । ଏହି ପରିପ୍ରେକ୍ଷୀରେ, ଅନେକ ଶ୍ରମିକ ଏହି କାର୍ଯ୍ୟ କରିବା ପାଇଁ ଆବଶ୍ୟକ ଜ୍ଞାନ ଏବଂ କୌଶଳ ପାଇବେ ନାହିଁ । କିନ୍ତୁ କୁଶଳୀ ଶ୍ରମିକମାନେ ଟେକ୍ନୋଲୋଜି, ସାଇବର ସୁରକ୍ଷା କିମ୍ବା ଡାଟା ଆନାଲିଟିକ୍ସ ପରି କ୍ଷେତ୍ରରେ କାର୍ଯ୍ୟ ଖୋଜି ଉପକୃତ ହେବେ । ଏଥିସହ ବିଶ୍ୱ ଅର୍ଥନୈତିକ ଫୋରମର ରିପୋର୍ଟ ଅନୁଯାୟୀ ୨୦୨୭ ସୁଦ୍ଧା ବିଶ୍ୱରେ ୬.୯ ନିୟୁତ ନୂତନ ନିଯୁକ୍ତି ସୃଷ୍ଟି ହୋଇଥିବାବେଳେ କୃତ୍ରିମ ବୁଦ୍ଧିମତା ୮.୩ ନିୟୁତ ନିଯୁକ୍ତି ଦୂର କରିବ । ଏହାର ଅର୍ଥ ହେଉଛି ୧ କୋଟି ୪୦ ଲକ୍ଷ ପୋଷ୍ଟ ରଦ୍ଦ ହେବ ।

ଏହାପୂର୍ବରୁ ଗୋଲ୍ଡମ୍ୟାନ୍ ସାକ୍ସ ଗତ ମାର୍ଚ୍ଚରେ ଏକ ରିପୋର୍ଟ ପ୍ରକାଶ କରିଥିଲେ । କୁହାଯାଏ ଯେ ଜେନେରେଟିଭ୍ ଏଆଇ ସାରା ବିଶ୍ୱରେ ପ୍ରାୟ ୩୦୦ ନିୟୁତ ଚାକିରି ପ୍ରତି ବିପଦ ସୃଷ୍ଟି କରିବ । ତଥାପି କେଉଁ କ୍ଷେତ୍ର ଚାହିଦା ବୃଦ୍ଧି କରିବ ? ଡବ୍ଲ୍ୟୁଇଏଫ (WEF) ଅନୁଯାୟୀ, ସବୁଜ ଟେକ୍ନୋଲୋଜିର ସମ୍ପ୍ରସାରଣ ଓ ଅକ୍ଷୟ ଶକ୍ତି ଭବିଷ୍ୟତରେ ନିଯୁକ୍ତି ସୃଷ୍ଟିର ପ୍ରମୁଖ ଡ୍ରାଇଭର ହେବ । ସ୍ଥିରତା ବିଶେଷଜ୍ଞ ବ୍ୟବସାୟ ଇଣ୍ଟେଲିଜେନ୍ସ ଆନାଲିଷ୍ଟ, ସୂଚନା ସୁରକ୍ଷା ଆନାଲିଷ୍ଟ, ନବୀକରଣ ଯୋଗ୍ୟ ଶକ୍ତି ଇଞ୍ଜିନିୟର୍, ସୌର ଶକ୍ତି ସ୍ଥାପନ ଓ ସିଷ୍ଟମ ଇଞ୍ଜିନିୟର୍ - ଏହି ପଦବୀଗୁଡ଼ିକ ଶ୍ରମ ବଜାରରେ ଚାହିଦା ଉପରେ ରହିବ । ସ୍ୱୟଂଚାଳିତ ଓ ଡିଜିଟାଇଜେସନ୍ ଦ୍ୱାରା ସୃଷ୍ଟି ହୋଇଥିବା ଏହି ନୂତନ ଯୁଗରେ ପ୍ରଶାସନିକ ପଦବୀ ଅଧିକ ପ୍ରଭାବିତ ହେବ । ନୂତନ ଅନୁସନ୍ଧାନ ଅନୁଯାୟୀ କ୍ୟାସିଅର୍, କିରାଣୀ, ଡାଟା ଏଣ୍ଟ୍ରି, ଆକାଉଣ୍ଟିଂ, ବୁକକିପିଂ, ପ୍ରଶାସନିକ ତଥା କାର୍ଯ୍ୟନିର୍ବାହୀ ସଚିବଙ୍କ ସମେତ ଅନେକ ପାରମ୍ପାରିକ ଚାକିରି ଅଦୃଶ୍ୟ ହୋଇଯିବ । ଅନ୍ୟପକ୍ଷରେ କୁହାଯାଇପାରେ ବିଶ୍ଳେଷଣାତ୍ମକ ତଥା ସୃଜନଶୀଳ କାର୍ଯ୍ୟ ପାଇଁ କୁଶଳୀ ଲୋକମାନଙ୍କର ଆବଶ୍ୟକତା ବୃଦ୍ଧି ପାଇବ ।

ଫୋର୍ବସ୍ ଅନୁଯାୟୀ କୃତ୍ରିମ ବୁଦ୍ଧିମତାର ଅଗ୍ରଗତି ସହ ବିଶ୍ୱ ର ପ୍ରାୟ ୬୦ ପ୍ରତିଶତ କର୍ମଜୀବୀଙ୍କୁ ଅପକମିଂ ଆବଶ୍ୟକ ହେବ। ଏଥିପାଇଁ ଉପଯୁକ୍ତ ତାଲିମ ଆବଶ୍ୟକ । ତେବେ ବର୍ତ୍ତମାନ ସମୟରେ, କେବଳ ୫୦ ପ୍ରତିଶତ ଶ୍ରମିକ ସମଗ୍ର ବିଶ୍ୱରେ ତାଲିମ ଦେବାର କ୍ଷମତା ରଖିଛନ୍ତି । ତଥାପି ସମସ୍ୟା ହେଉଛି କୃତ୍ରିମ ବୁଦ୍ଧିମତା ଯୁଗରେ ସୃଷ୍ଟି ହେବାକୁ ଥିବା ଅଧିକାଂଶ ନୂତନ ଚାକିରି ଟେକ୍ନୋଲୋଜିରେ ଉଚ୍ଚଶିକ୍ଷିତମାନଙ୍କ ପାଇଁ ହେବ । ସରକାରୀ ଶିକ୍ଷା ବ୍ୟବସ୍ଥାରେ ସାଧାରଣ ଘରୋଇ ଛାତ୍ରମାନଙ୍କ ପାଇଁ ଏହି ମହଙ୍ଗା ଶିକ୍ଷା ବ୍ୟବସ୍ଥା ପର୍ଯ୍ୟାପ୍ତ ହେବ କି ନାହିଁ ପ୍ରଶ୍ନ ଉଠେ ? କଥାରେ ଅଛି ସରକାରୀ ମାଲ୍ ଗାଡିଆମେ ଡାଲ୍, ବର୍ତ୍ତମାନ ସରକାରୀ ନୀତିରେ ମଧ୍ୟ ତାହା ପ୍ରତିଫଳିତ ହେଉଛି । ତେଣୁ ସମ୍ଭାବନା ଅତି କ୍ଷୀଣ । ଆର୍ଥିକ ଦୃଷ୍ଟିରୁ ସୁଖୀ ପରିବାରର ଛାତ୍ରମାନେ ଏହି ମହଙ୍ଗା ଶିକ୍ଷା ସହିତ ଚାକିରି ବଜାରକୁ କାବୁ କରିବେ । ଯଦି ସରକାର ସାଧାରଣ ଲୋକଙ୍କ ପାଇଁ ଏହି ମହଙ୍ଗା ଶିକ୍ଷାଗତ ସୁଯୋଗ ଖୋଲିବାକୁ ସକ୍ଷମ ନୁହଁନ୍ତି, ତେବେ ଭବିଷ୍ୟତରେ ଦକ୍ଷ, କୁଶଳୀ ଲୋକଙ୍କର ଅଭାବ ଦେଖାଦେବ । ନୂତନ ଟେକ୍ନୋଲୋଜି ପ୍ରତିଯୋଗିତାରେ ଆମେ ବିଶ୍ୱ ବଜାରରେ ପଛରେ ପଡ଼ିଯିବା ।

ସତରେ ଆମ ଦେଶର ଶିକ୍ଷା ବ୍ୟବସ୍ଥା ଏତେ ଶୀଘ୍ର ନିଜକୁ ଠିକ୍ କରିବାରେ ସକ୍ଷମ ହେବ କି ବୋଲି ଅନେକଙ୍କ ପ୍ରଶ୍ନ ? ଯେଉଁଠି ସାଧାରଣ ବ୍ୟବହାରିକ ଅନୁଭୂତିରୁ ସକରାତ୍ମକ ସିଦ୍ଧାନ୍ତ ନେବା କଷ୍ଟକର ହୁଏ, ସେ କ୍ଷେତ୍ରରେ ବେକାରୀ ସମସ୍ୟା ଆହୁରି ଗମ୍ଭୀର ହେବ ନାହିଁତ ଆଉ କ'ଣ...??


ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪

ମୋ: ୯୦୪୦୧୫୧୪୭୫


## ମା, ମିଲେଟ ଓ ମିଶନ୍ ଶକ୍ତି



ଡ଼ି ଶୁଭମ୍

ଓଡ଼ିଶା ଏବେ ବିକାଶର ଗାଥା ଗାଉଛି । ଆମ ରାଜ୍ୟ ଓଡ଼ିଶା- ଯେଉଁଠି ମାଟି ବି ବୀରତ୍ୱର କଥା କହେ, ପବନରେ ସଂଗ୍ରାମର ଇତିହାସ ବହେ। ଏ ମାଟି ଉଦ୍ୟୋଗର ମାଟି । ଏ ମାଟି ଉଦ୍ୟୋଗୀର ମାଟି । ଆଉ ଏ ମାଟି ମିଶନର ମାଟି । ଆଉ ଆଜି ଏ ମାଟିରେ ମିଶନ୍ ଶକ୍ତି ଠୁ ଆରମ୍ଭ କରି ମିଲେଟ ଯାଏଁ ସବୁ ଏକ ବୃହତ୍ତର ମିଶନରେ ପରିଗଣିତ ହୋଇଛନ୍ତି । ଆପଣ ଅଶୀ ନବେ ଦଶକକୁ ଯଦି ଫେରିଯିବେ ଲକ୍ଷ୍ୟ କରିପାରିବେ, ସେତେବେଳେ ମା' ମାନଙ୍କର ଭୂମିକା ଉଦ୍‌ଯୋଗ କ୍ଷେତ୍ରରେ ଏତେଟା ନଥିଲା । କିନ୍ତୁ ଏବେ ଆପଣ ଓଡ଼ିଶାର ରୂପାନ୍ତରଣକୁ ଲକ୍ଷ୍ୟ କରନ୍ତୁ । ଆଜି ମା' ମାନେ ଉଦଯୋଗୀ । ଆଜି ମା' ମାନେ କେବଳ ପଲ୍ଲୀ ଠାରୁ ଦିଲ୍ଲୀ ନୁହେଁ ବରଂ ଦେଶ ବିଦେଶରେ ଯାତ୍ରା କରି ନିଜ ଉଦ୍‌ଯୋଗର କଥା ପହଁଚାଇଛନ୍ତି। ଆଉ ଆମ ମା' ମାନଙ୍କୁ ଆଜି ଶକ୍ତି ଯୋଗାଉଛି ମିଶନ୍ ଶକ୍ତି । ରାଜ୍ୟ ସରକାରଙ୍କ ଏକ ବିକଶିତ ପରିକଳ୍ପନା ହେଉଛି ମିଶନ ଶକ୍ତି । ଯେଉଁଠାରେ ମା'ମାନଙ୍କର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଆଜି ମିଶନଶକ୍ତି ମାଧ୍ୟମରେ ମା' ମାନେ ସ୍ୱାବଲମ୍ବୀ ହେବା ସହ ପରିବାର ପ୍ରତିପୋଷଣ କରିପାରୁଛନ୍ତି । ରାଜ୍ୟସରକାରଙ୍କ ଏହି ଯୁଗାନ୍ତକାରୀ ପଦକ୍ଷେପ ଆଜି ସଫଳତାର ମହକ ବୁଣୁଛି । ଏହାରି ଭିତରେ ମିଲେଟ ମିଶନ ଏହି ସଫଳତାରେ ଆଉ ଏକ ଖିଅ ଯୋଡ଼ିଛି ।

ବନ୍ଧୁଗଣ, ଆପଣମାନେ ମାଣ୍ଡିଆ ବିଷୟରେ ପିଲାଟି ଦିନରୁ ଶୁଣିଥିବେ, ଏଥିରେ ଦ୍ୱିମତ ନାହିଁ । କିନ୍ତୁ ମାଣ୍ଡିଆ ପ୍ରତି ଯେଉଁ ଭାବନା ୧୫-୨୦ବର୍ଷ ତଳେ ଥିଲା ଆଜି ସେଥିରେ ଆକାଶ ପାତାଳ ତଫାତ୍ । ଆଜି ମାଣ୍ଡିଆ କେବଳ ଏକ ଲଘୁଶସ୍ୟ ନୁହେଁ, ଏହା ଏକ ମିଶନ । ରାଜ୍ୟସରକାରଙ୍କ କୃଷି ବିଭାଗଠାରୁ ଆରମ୍ଭ କରି ଓଡ଼ିଶା ମିଲେଟ ମିଶନ ଏ ଦିଗରେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛି । ୨୦୨୩କୁ ଆନ୍ତର୍ଜାତୀୟ ମାଣ୍ଡିଆ ବର୍ଷ ଭାବେ ଘୋଷଣା କରାଯିବା ସହ ନଭେମ୍ବର ୧୦କୁ ମାଣ୍ଡିଆ ଦିବସ ଭାବେ ପାଳନ କରାଯାଇଥିଲା । ଏବେ ମାଣ୍ଡିଆ ପାଇଁ ଆକାଂକ୍ଷା ଆଉ ଉତ୍କଣ୍ଠା । ସବୁଠି ମିଲେଟର ଜୟଯାତ୍ରା । ମଲ୍ ମାନଙ୍କରେ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ତ ପୁଣି ବିଭିନ୍ନ ଉତ୍ସବମାନଙ୍କରେ ମାଣ୍ଡିଆର ଖାଦ୍ୟ ପାଖରେ ଲୋକ ଭିଡ଼ ଜମେଇଲେଣି । କେବଳ ମଧୁମେହ ରୋଗୀ ନୁହେଁ ସମାଜର ସବୁ ଶ୍ରେଣୀ ଆଉ ସବୁ ବର୍ଗର ଲୋକେ ଏହାକୁ ଏବେ ନିଜ ଖାଦ୍ୟରେ ସାମିଲ କଲେଣି । ମିଶନ୍ ଶକ୍ତି ମା' ମାନେ ଏବେ ମିଲେଟ ଶକ୍ତି କାଫେରେ ନିଜର ପାରଦର୍ଶିତା ଦେଖାଇଲେଣି । ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟପେୟ ଏବେ ଏହି କାଫେରେ ଉପଲବ୍ଧ । ଏଥିରେ ମା' ମାନଙ୍କର ହିଁ ଭୂମିକା ଅଧିକ । ଓଡ଼ିଶାରେ ମିଲେଟ ମିଶନ ଏବେ ଏକ ବିପ୍ଳବରେ ରୂପାନ୍ତରିତ ହୋଇଛି । ଶୁଷ୍କ ମାଟିର ସୁନା ମାଣ୍ଡିଆକୁ ଚାଷ କରିବା ପାଇଁ ଚାଷୀ ଏବେ ବେଶ ଆଗଭର । ଚାଷୀମାନଙ୍କୁ ଏ ଦିଗରେ ତାଲିମ ମିଳିବା ସହ ମିଲେଟ ମିଶନ ଜରିଆରେ ଅନେକ ଉପଯୋଗୀ ପନ୍ଥା ଆପଣାଯାଉଛି । ଏମିତିକି ବଡ଼ ବଡ଼ ହୋଟେଲ ମାନେ ଏବେ ଖାଦ୍ୟ ମେନ୍ୟୁରେ ମାଣ୍ଡିଆକୁ ସାମିଲ କରିବାକୁ ମନ ବଳାଇଛନ୍ତି । କେବଳ ସେତିକି ନୁହେଁ ରାଜ୍ୟ ସରକାରଙ୍କ ତରଫରୁ ମାଣ୍ଡିଆର ଭୂ ପ୍ରଜାତି ଜାରି କରିବାରେ ଦେଶର ପ୍ରଥମ ରାଜ୍ୟ ଓଡ଼ିଶା । ୧୬୩ଟି ଭୂପ୍ରଜାତିର ଚିହ୍ନଟକରଣ କରାଯିବା ସହ ଏ ଦିଗରେ ବେଶ ତତ୍ପର ଭାବେ କାମ କରୁଛନ୍ତି ରାଜ୍ୟ ସରକାର । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କୃଷି ଓ କୃଷକର ବିକାଶ ଆଭିମୁଖ୍ୟକୁ ନେଇ ଏହି ମିଲେଟ ମିଶନ ଆଗାମୀ ଦିନର ସଫଳତାର ତୂର୍ଯ୍ୟନାଦ କରିବ ।

ଓଡ଼ିଶା ମିଲେଟ ମିଶନ ଏବେ ଏକ ବିପ୍ଳବରେ ପରିଣତ ହେଲାଣି । ଫାର୍ମରୁ ପ୍ଲେଟ ଯାଏଁ ମାଣ୍ଡିଆ ଆଜି ସଫଳତାର ଗୀତ ଗାଉଛି । ମିଶନ୍ ଶକ୍ତି, କୃଷି ବିଭାଗ, ମହିଳା ଓ ଶିଶୁ ବିକାଶ ପରି ବିଭନ୍ନ ବିଭାଗ ମାନେ ଏବେ ଏହି ସଫଳତାରେ ଯୋଡ଼ି ହୋଇଛନ୍ତି । ଆମ ରାଜ୍ୟର ମିଲେଟ ମିଶନ ଏବେ ୧୯ଟି ଜିଲ୍ଲାରେ ପ୍ରସାର ହେବା ସହ ବର୍ତ୍ତମାନ ସମୟରେ ବୌଦ୍ଧ, ଢ଼େଙ୍କାନାଳ, ଝାରସୁଗୁଡ଼ା ଓ ନୟାଗଡ଼ ଜିଲ୍ଲା ଏହି ପ୍ରୟାସର ସାମିଲ ହୋଇଛନ୍ତି । ୧୪୨ ବ୍ଲକର ୧୭୨୨ ଗ୍ରାମ ପଂଚାୟତର ୧୬୯୮୯ ଗ୍ରାମର ପାଖାପାଖି ୧.୨୯ଲକ୍ଷ ଚାଷୀ ମାନେ ଆଜି ମିଲେଟ ମିଶନରେ ଯୋଡ଼ି ଏହି ବିପ୍ଳବର ସାରଥି ସାଜିଛନ୍ତି । ୨୦୨୦-୨୧ ସୁଦ୍ଧା ପାଖାପାଖି ୭ଲକ୍ଷ କୁଇଣ୍ଟାଲ ମାଣ୍ଡିଆ ଏହି ମିଶନ ଦ୍ୱାରା ଉତ୍ପାଦିତ ହୋଇଥିଲା । ଓଡ଼ିଶା ମିଲେଟ ମିଶନ ଜୈବିକ କୃଷିକୁ ପ୍ରାଧାନ୍ୟ ଦେଇ ଚାଷ କରିବା ସହ ଚାଷ ଜମିର ଗୁଣବତ୍ତା ବୃଦ୍ଧି ଉପରେ ଗୁରୁତ୍ୱ ଦିଏ ।

ଏକ ସୁସ୍ଥ, ସବୁଜ ଓ ସ୍ୱାବଲମ୍ବୀ ଭବିଷ୍ୟତ ଗଠନ ଦିଗରେ ଓଡ଼ିଶା ମିଲେଟ ମିଶନ ସଂକଳ୍ପବଦ୍ଧ । ଆସନ୍ତୁ ଆପଣ ବି ଏ ବିପ୍ଳବରେ ଯୋଡ଼ି ହୁଅନ୍ତୁ। ମିଶନ ଶକ୍ତି ଓ ମିଲେଟ ମିଶନ – ଏଦୁଇଟି ବୈପ୍ଳବିକ ଆହ୍ୱାନକୁ ମା' ମାନେ ଶାଣିତ କରୁଛନ୍ତି। ଆଜି ଆମ ରାଜ୍ୟର ମା' ମାନେ ଜଣେ ଜଣେ ଉଦ୍ୟୋଗୀ । ମା, ମିଲେଟ୍ ଓ ମିଶନ୍ ଶକ୍ତି -ଆମ ରାଜ୍ୟର ପରିଚ୍ୟକୁ ଦ୍ୱିଗୁଣିତ କରିଛନ୍ତି । ଏକ ସମୃଦ୍ଧ ତଥା ବିକଶିତ ଓଡ଼ିଶା ଗଠନରେ ଏ ତିନୋଟିର ସମନ୍ୱୟ ଓ ପ୍ରଚେଷ୍ଟା ସ୍ୱାଗତଯୋଗ୍ୟ।


ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା(ଓସୋକା), ଭୁବନେଶ୍ୱର,


ମୋ-୯୪୩୮୪୬୭୦୭୯





## ବରଷା ରାଣୀ

ଜଗଦୀଶ ସାହୁ



ବରଷା ରାଣୀର ପରଶ ପାଇ
ଭିଜିଲା ଧରଣୀ ହରସ ହୋଇ
ଜାତି ଜାତି ଫୁଲେ ଦେହ ସଜାଡ଼ି
ଯତନେ ପିନ୍ଧିଲା ଶାଗୁଆ ଶାଢ଼ୀ
ହସିଲା ବଗିଚା ଫଳ ଫୁଲରେ
ଧାନତଳି ରୁଆ ହେଲା ବିଲରେ
ପଡ଼ିଆ ଭୂଇଁରେ ଫୁଟିଲା ଛତୁ
ସକାଳୁ ସକାଳୁ ତୋଳିଲା ନିତୁ
ସାଧବ ବୋହୁର ରଙ୍ଗଟି ନାଲି
ଥିରି ଥିରି ପାଦେ ଯାଉଛି ଚାଲି
ଚାତକ ପିଇଲା ବରଷା ପାଣି
ମୟୁର ନାଚିଲା ଦେଖେଇ ଠାଣି
ଦାଣ୍ଡରେ ଚାଲିଲା କାଗଜ ନାଆ
ଦେହରେ ବାଜିଲା ଶୀତଳ ବାଆ
ନଈ ବହିଗଲା ଦି'କୂଳ ଖାଇ
ଦୂର ସାଗରରେ ମିଶିବା ପାଇଁ
ବରଷା ଋତୁଟି ମଙ୍ଗଳକାରି
ହସ ଖୁସି ଆଣେ ବରଷି ବାରି ।


ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ : ୯୦୭୮୧୮୫୬୧୬


## ସାରସ୍ୱତ ବ୍ୟକ୍ତି ସତ୍ତା !

ଡ଼ାଃ ମନୋରଞ୍ଜନ ଦାଶ



ସାରସ୍ୱତ ସଂଗଠନରେ
ସବୁରି ମନ ଓ ଆତ୍ମାକୁ
ବାନ୍ଧି ରଖିବାରେ ବେଶ୍ ଧୂରୀଣ ସିଏ,
ଏଇ ମାଟିରେ ।
ଖାଲି ସେତିକିରେ ନୁହେଁ,
ଓଡ଼ିଆ ଭାଷା ସାହିତ୍ୟର ଅଧ୍ୟାପନା,
ପ୍ରବନ୍ଧ, କବିତା ଓ ଗଳ୍ପ ରଚନାରେ
ଓଜାଡି ଦିଅନ୍ତି ସେ, ମନ ଓ ପ୍ରାଣକୁ।

ନିଜ ସୃଜନର କଳାତ୍ମକ ଗୁଣ ପାଇଁ
ସିଏ ଅହଂକାର କି ଔଦ୍ଧତ୍ୟକୁ
ପରଶନ୍ତି ନାହିଁ କେବେ।
ଅମୃତ ସଂପର୍କର ପରିଧିରେ
ବେଶ୍ ତୃପ୍ତି ତାଙ୍କର।
ଛଳନା କି ପ୍ରତାରଣାର ଡଙ୍ଗାରେ
ନଉକା ବିହାର କରନ୍ତିନି କେବେ ସିଏ!
ବରଂ ଏପଟେ ଏକାକୀ
ଆକାଶ ଓ ସମୁଦ୍ର ସହ
ଗୁଣଗୁଣେଇ ହେବାଟା ଖୁବ୍ ଭଲ
ବୋଲି
ପଣ କରି ନିଅନ୍ତି ସିଏ !

ସମୟର ଛକାପଞ୍ଝା ଖେଳରେ
ହାରିବା କି ଜିତିବାକୁ ପର୍ୱାୟ
ନ ଥାଏ ତାଙ୍କର....
ମେଞ୍ଚାଏ ସ୍ୱଷ୍ଟୋକ୍ତିକୁ ଗଳାରେ ଲମ୍ବାଇ
ସୃଜନର ଗାଲିଚାରେ
ପଢି ବସନ୍ତି ସିଏ,
'ଶବ୍ଦ ସହ ଏକାନ୍ତରେ .....


ପ୍ରଭାବତୀ ନିଳୟମ୍, ବେଲତଳ,
ପଟ୍ଟାମୁଣ୍ଡାଇ
ଜି : କେନ୍ଦ୍ରାପଡ଼ା
ମୋ:୯୪୩୭୩୧୭୭୨୨


## ସଂଘର୍ଷ

ଦିନେଶ ମେହେର

କାହିଁକି କେଜାଣି
ସଂଘର୍ଷ କଥା ମନେ ପଡ଼ିଗଲେ,
ମନେ ପଡ଼ିଯାଏ
ମାଝୀ ବୁଢ଼ାର କେଇପଦ କଥା !

ଜୀବନ ତ
ଏବେ ଅଛି ପୁଣି ଏଇନେ ଶେଷ,
ସେ ଭିତରେ ସମ୍ପର୍କ ଅବା କେତେ
ଦିନର ଯେ, ତା ଭିତରେ ବି
କିଛି ସମ୍ପର୍କ ଆରମ୍ଭ ହୋଇପାରେ
ବସ୍ ଷ୍ଟାଣ୍ଡରୁ,
ଅବା କେଉଁ ଏକ ଚା ଦୋକାନରୁ !

ସେଦିନ,
ପ୍ରାୟ ରାତି ନଅଟା ବେଳକୁ
ମାଝୀବୁଢ଼ାକୁ ବସ୍ ଷ୍ଟାଣ୍ଡରେ ଦେଖି
ଠିକ୍ ଚିହ୍ନି ପାରିଥିଲି ଗାଁ ଲୋକ
ବୋଲି,
ସତରେ, ଚିହ୍ନା ମୁହଁ !
ସକାଳୁ ଏତେ ଧାଁ ଦୌଡ଼ ଭିତରେ
ରାତିରେ ଆପଣାର କାହାକୁ
ପାଖରେ ପାଇ
ନିଜକୁ ବେଶ୍ ଉଶ୍ୱାସ ଲାଗୁଥିଲା,
ସେ ଭିତରେ,
ମୁଁ କେଉଁ ଏକ ଅଜଣା ରାଇଜରେ
ହଜି ଯାଇଥିଲି, ହଠାତ୍,
କାହାର ସ୍ପର୍ଶ ଅନୁଭବିଲି ମୋ
କାନ୍ଧରେ, ମୋର ମନେ ଅଛି
ଠିକ୍ ଗୋଟେ ବୁଢ଼ା ଲୋକ,
ସେଇ ଚିହ୍ନା ମୁହଁ, ପୁଣି ହସ ହସ ଓଠ।

ଆରେ ଦିନେଶ ଭାଇ ଯେ !
କୁଆଡ଼େ ଯାଇଥିଲୁ,
ଏଇ ବସ୍ ଷ୍ଟାଣ୍ଡରେ କଣ କରୁଛୁ ?
ଏମିତି କେତେ ପ୍ରଶ୍ନ ମୋ ଉପରକୁ
ଠେଲି ଚାଲିଥିଲା,
ମୁଁ ଗୋଟି ଗୋଟି କରି
ଉତ୍ତର ପରଷି ଦେଇ ଚାଲିଥିଲି;
ସାରାଟା ଦିନ
ନୁଆପଡ଼ାରୁ ଖରିଆର୍
ପୁଣି
ଟିଟିଲାଗଡ଼ରୁ ଭବାନୀପାଟଣା,
ଘୁରି ଘୁରି ଥକି ଯାଇଥିଲି !

ସତରେ,
ମୋ କଥା ଶୁଣିଲା ଉତାରୁ,
ବୁଢ଼ା ଟା ହସି ଦେଇ,
ଥଟ୍ଟା ଉଡ଼େଇ ଦେଇଥିଲା !
କିନ୍ତୁ
ମୋ ଆଗରେ ଓଗାଳି ଦେଇଥିଲା,
ଆପଣାର ଅନ୍ତର ଭିତରେ ଲୁଚେଇ
ରଖିଥିବା
କେଇ ପଦ ଅକୁହା କଥା !

ଠିକ୍ ମନେ ଅଛି,
ବୁଢ଼ାଟାର ବୟସ ସିନା
ହେଇଯାଇଥିଲା,
କିନ୍ତୁ ଏଯାଏଁ ଲୋପ ପାଇନି
ତା ଦେହରେ ଥିବା
ଶତ ସିଂହର ବଳ,
ଅବା କାମ ପ୍ରତି ଏକାଗ୍ରତା !
ଆଳସ୍ୟକୁ ପଛରେ ଥୋଇ,
ବୁଢ଼ାଟା
ଏ ବୟସରେ ବି ଧାଇଁ ଚାଲିଛି
କଳାହାଣ୍ଡିରୁ ବଲାଙ୍ଗୀର,
ନିୟମଗିରିରୁ କାନ୍ଦୁଲ ଡଙ୍ଗର,
ପୁଣି
କେବେ କେବେ
ଗାଁକୁ ଫେରେନି,
ତା ଆତ୍ମୀୟଙ୍କ ଲାଗି
ନିଜକୁ କୋଉଠି ହଜେଇ ଦେଇ;
ବୋଧେ ସେଇ ଧାଁ ଦୌଡ଼ ଭିତରେ
ବୁଢ଼ାଟା ଖୋଜି ଚାଲିଛି
ମଣିଷ ଜୀବନର ଚରମ ଆନନ୍ଦ !


ପଳାସ,କଳାହାଣ୍ଡି

# ରକି ପାଇଲା ପାନେ



ନଗେନ୍ଦ୍ର ନାଥ ପଟ୍ଟନାୟକ

ଘଂଚ ଜଙ୍ଗଲ ମଝାମଝି ଗୋଟେ ଝଙ୍କାଳିଆ ଗଛ କୋରଡରେ ବସା ବନେଇ ରହୁଥାଏ ଗେଲୁ ଗୁଣ୍ଡିଚିମୂଷା । ସେ ଖୁବ୍ ପରିଶ୍ରମୀ । ତାର କୁନିକୁନି ଛୁଆ ଯୋଡିଏ । ଖୁବ୍ ମେହନତି କରି ଅଧାର ସାଉଁଟି ଆଣି ସେ ଏକାଠି ଜମାକରେ କୋଟର ଭିତରେ । ବର୍ଷାଋତୁ ଆସିବା ଆଗରୁ ତା କୋଟରରେ ଢେର ପରିମାଣରେ ଦାନା, ଫଳ ଆଦି ଆହାରଗ ଦେଇ ଦିଏ । ତୁହାକୁତୁହା ବର୍ଷା ଅଜାଡିଲେ ବିତା ଖାଦ୍ୟର ଅଭାବ ହୁଏ ନାଇଁ ।

କିଛି ସମୟ ପରେ ମୂଷଳ ଧାରାରେ ବର୍ଷା ଅଜାଡିବା ଆରମ୍ଭ ହୋଇଗଲା । ବର୍ଷା ସେମିତି ଲାଗି ରହିଥାଏ । ବର୍ଷାଦିନ ଗୁଡିକରେ ମାଆ ଗେଲୁ ଗୁଣ୍ଡୁଚିମୂଷା କୋରଡରେ ବସି ବେଶ୍ ଆରାମ କରେ, ପୁଣି କେବେ କୁନିକୁନି ଛୁଆ ଯୋଡିକ ସହ ଖେଳରେ ମାତିଯାଏ ।

ସେଦିନ ବର୍ଷା ପାଗରେ ଗେଲୁ କାନରେ କାହାର ବିକଳ ଚିତ୍କାର ବାଜିଲା । ସେ ଆକୁଳ କୁହାଟରେ ବାରିହୋଇ ପଡୁଥିଲା କଷ୍ଟ ଓ ଯନ୍ତ୍ରଣା। ଗେଲୁ ଗୁଣ୍ଡୁଚିମୂଷା ଏଆଡେ ସିଆଡେ ଆଖି ଘୂରାଇଲା । ଅକସ୍ମାତ ତା ଜୁଳୁ ଜୁଳୁ ଆଖି ଯୋଡିକ ଲାଖିଗଲା ଚିଙ୍କି ପିମ୍ପୁଡି ଓ ତା ପରିବାର ଉପରେ । କଣ ହେଲା ଚିଙ୍କି ? ତୁମ ମୁହଁ କଣ ଖୁବ୍ ଉଦାସିଆ ଦିଶୁଚି ? କଣ ଅସୁବିଧା ଥିଲେ ମତେ କହିପାର । ଚିଙ୍କି ଆଖିରେ ଲୁହ ଜକେଇ ଆସିଲା । ଦିଦି ! ଦୁଇଦିନ ଧରିଏ ନିଆଁ ଲଗା ଲଗାଣ ବର୍ଷା ମୋର ହାଲତ ଖରାପ କରି ଦେଲାଣି । ମୋ ବସାରେ ପାଣିର ସୁଅ ଛୁଟୁଛି । ବହୁତକଷ୍ଟରେ ମୋ ପରିବାରର ଜୀବନ ବଂଚେଇଲି । ଏବେଭୋକରେ ଆଉଟୁ ପାଉଟୁ ହୋଇ ମୋର ପ୍ରାଣ ଚାଲିଯିବା ଉପରେ । କୁଆଡେ କିଛି ଦାନ ଗଣ୍ଡେବି ପାଉନାଇଁ । ଏ ତ ଭାରି ଖରାପ କଥା , ତୁମେ ଏଥିକିଚିନ୍ତା କରନି । ଯେ ପର୍ଯ୍ୟନ୍ତ ବର୍ଷା ଥମିନାହିଁ ସେଯାଏ ତୁମେ ମୋ ସଙ୍ଗରେ ସେଇ କୋରଡ ବସାରେ ରହି ପାରିବ । ମୋ ପାଖେ ଅଧାର ମହଜୁଦ ଅଛି । ତୁମର ଏଠି କୌଣସି ଅସୁବିଧା ହେବନାହିଁ । ଦିଦି , ତୁମର ଏ ସମବେଦନା ଓ ଉପକାର କେବେ ବି ଭୁଲିପାରିବି ନାଇଁ । ଏଥିରେ ସମବେଦନା ଓ ସହାନୁଭୂତିର କଛି କଥା ନାଇଁ । ତୁମେ ମୋର ପଡୋଶୀ , ତା ଛଡାସାଙ୍ଗ ମଧ । ଏଭଳି ଦୁର୍ଦ୍ଦିନରେ ଆମେ ପରସ୍ପରକୁ ସାହାଯ୍ୟ, ସହାୟତାର ହାତ ବଢେଇବା ନିହାତି ଜରୁରୀ । କେତେବେଳେ ତ କାହାକୁ କଷ୍ଟ ଅସୁବିଧାର ସାମନା କରିବାକୁ ପଡିବ । ତାପରେ ଗେଲୁ ଗୁଣ୍ଡୁଚି ମୂଷା ଚିଂକି ଆଉତା ପରିବାରକୁ ଅଧାର ଖୁଆଇବାକୁ ଦେଲା । ଦୁଇ ଛୁଆଙ୍କୁ ଖାଇବା ପାଇଁ ମିଠା ଦାନା ଦେଲା । ମାଚିଙ୍କି ଓ ଛୁଆ ଯୋଡିକ ପେଟପୂରା ଖାଇ ଖୁସିରେ ଗଦ୍‌ଗଦ୍ ହୋଇଉଠିଲେ ।

ଏମିତି ତିନିଦିନ ବିତିଗଲା । ବର୍ଷା ପୂରାପୂରି ଥମି ଯାଇଥିଲା । ଏଥର ଆଉ ଚିନ୍ତା କରନି । ଯେତେବେଳେ ବି ମୋର ଉପସ୍ଥିତି ଜରୁରୀ ବୋଲି ଅନୁଭବ କରିବ ମତେ ମନେ ପକେଇବ । ତୁମେମତେ ଦିଦି ବୋଲି ସମ୍ବୋଧନ କଲ । ଏଇ ଦିଦିକୁ ଯେମିତି କେବେବି ଭୁଲି ନ ଯାଅ । ଦିଦି, ଏବେ ଆମେ ବିଦାୟ ନେବୁ । ତମେ ଆମକୁ ଯୋଉ ସାହାଯ୍ୟ କଲେ ସେ ପାଇଁ ତମକୁ ଅନେକ ଅନେକ ବଧେଇ ।

ଗେଲୁ ଦିନେ ଅଧାର ସନ୍ଧାନରେ ଜଙ୍ଗଲରେ ଘୂରି ବୁଲୁଥାଏ । ଛୁଆଯୋଡିକ କୋରଡରେ ମଜାମଉଜରେ ମାତିଥାନ୍ତି । ଆହାର ଖୋଜୁଖୋଜୁ ମା ଗୁଣ୍ଡୁଚି ମୂଷା ଜଙ୍ଗଲର ବହୁ ଦୂରକୁ ଚାଲିଗଲା । ଏଣେ କୋଟର ଭିତରେ ଛୁଆ ଦୁହେଁ ଏକୁଟିଆ ଥିବାର ଅସ୍ପଷ୍ଟ ଧ୍ୱନିରକି ନାଗସାପ କାନରେ ବାଜି ସାରିଥିଲା । ଗିଳୁର କୁନିକୁନି ଦୁଇଛୁଆଙ୍କୁ ଚଟାପଟ୍ ଗିଳି ପକାଇବା କୁହାଇଁପାଇଁ ହେଉଥାଏ । ସେ ଧୀରେ ଧୀରେ କୋଟରେ ଆଡେସରସର ହୋଇ ଆଗେଇଲା ।



ଫଣାକୁ କୋଟର ଭିତରେ ପୂରାଇଇ ଆଡେସି ଆଡେ ବୁଲାଇବାକୁ ଲାଗିଲା । କୋଟର ଭିତରେର କି ନାଗସାପର ଫଁ ଫଁ ଫଣାକୁ ଦେଖି କୁନିପିଲା ଦୁହିଙ୍କର ପିଳେହିପାଣି । ସେମାନେ ଡରିମରି ଛାନିଆଁରେ କୋରଡର ଗୋଟେ କୋଣରେ ଛପିଗଲେ । ଯୋଗକୁ ଠିକ୍ ସେତିକିବେଳେ ଚିଂକି ଦଳବଳ ସହ ସେ ବାଟଦେଇ କୁଆଡେ ଯାଉଥାଏ। ଗେଲୁ ଗୁଣ୍ଡୁଚିମୂଷାକୁ ଭେଟିବା ଲାଗି ତା ମନରେ ଖିଆଲ ଆସିଲା । ସେ ଯେମିତି କୋଟର ଆଡେ ଅନେଇ ଦେଇଛି ତା ଆଖିଯୋଡିକ ସେଇଠି ଲାଖିଗଲା । କୋଟରରେ ରକି ନାଗସାପର ଲାଂଚତା ଆଖିରେ ପଡିଲା । କଅଁଳଛୁଆ ଦିଟା ପ୍ରତିବିପଦ ଘନେଇ ଆସୁଛି ବୋଲି ଚିଙ୍କି ଆଶଙ୍କା କଲା । ଆଖି ପିଛୁଳାକେ ସେ କୋରଡ ଆଡକୁ ମୁହାଁଇଲା । ଏପଟେର କିସାପ ଫଁ ଫଁ ଫଣା ଟେକି ଛୁଆ ଯୋଡିକୁ କାବୁ କରିବାକୁ ଯାଉଛି ଚିଙ୍କି ସଦଳବଳେ ରକି ସାପ ଥୋମଣିରେ ଟସ୍‌ଟାସ୍ ଫୋଡି କାମୁଡିବା ଆରମ୍ଭ କରିଦେଲେ । ଲହୁଲୁହାଣ କରିଦେଲେ । ରକିସାପ ଭୀଷଣ ଯନ୍ତ୍ରଣାରେ ଛଟପଟ ହେବାକୁ ଲାଗିଲା । ସେ ନିଜ ଲହଲହ ଫଣାକୁ କୋଟର ଭିତରୁ ବାହାରକରି ଆଣିଲା । ସେହାଲିଆ ହୋଇକୋଟର ଭିତରୁ ତଳକୁ ଖସିପଡିଲା ଏବଂ ସେଠୁ ଜୀବନ ବିକଳରେ ପଳେଇଗଲା । କିଛିଦୂର ପର୍ଯ୍ୟନ୍ତ ଚିଂକି ପିମ୍ପୁଡିଆ ଉତା ସେନାଦଳ ରକି ସାପ ପଛରେ ଗୋଡେଇ ପୁଣି କୋଟର ଭିତରକୁ ଆସିଲେ । ଛୁଆଯୋଡିକ ଡରରେ ଗୋଟାପଣେ କମ୍ପୁଥିଲେ । ଚିଂକି ପିମ୍ପୁଡି ଛୁଆ ଯୋଡିଙ୍କୁ ବୋଧଦେଲା । ଟିକିଏ ପରେ ଗେଲୁ ଗୁଣ୍ଡୁଚି ମୂଷା ଆସି କୋରଡରେ ପହଁଚିଗଲା । ଚିଙ୍କି ପିମ୍ପୁଡି ଆଉ ତା ସାଥୀଙ୍କୁ ଦେଖି ସେ ଖୁସିରେ ଫାଟି ପଡିଲା, ହେଲେ ମା ଗୁଣ୍ଡୁଚିମୂଷାକୁ ଦେଖିବାମାତ୍ରେ କୁନିକୁନି ପିଲା ଦୁହେଁ ତା ଉପରେ ଲୋଟିପଟି କାନ୍ଦକଟା କରିବାକୁ ଲାଗିଲେ । ମା ଗେଲୁ ଗୁଣ୍ଡୁଚି କିଛି ବୁଝିପାରିଲା ନାହଁ । ଚିଙ୍କି ପିମ୍ପୁଡି ତା କୁଟିକିନିଖି ସବୁକଥା ବୁଝାଇ ଦେଲା । ଆଜିତୁମେ ନ ଥିଲେ ମୋ କୁନିଛୁଆ ଦୁହିଁଙ୍କ ଅବସ୍ଥା କଣ ଯେ ହୋଇଥାନ୍ତା । ସେ ବଦମାସ୍ ରକି ସାପ ମୋ ଗେଲ ବସରର ଦୁଇ ଛୁଆଙ୍କୁ ଜଳଖିଆ କରି ଦେଇଥାନ୍ତା । ମୁଁ କଣ ସେମିତି ହେବାକୁ ଦେଇଥାନ୍ତି, ଦିଦି । ମୁଁ ରକି ସାପକୁ ଭଲକରି ପାନେ ଦେଲି । ଯେମିତି ଏଣିକି ଏଇ କୋରଟ ଆଡେ ସେ ଆଉ ନଜର ପକେଇବ ନାହିଁ । ଏ ଦୁର୍ଦ୍ଦିନରେ ମୋ ଛୁଆ ଯୋଡିକ ଜୀବନ ବଂଚେଇ ଦେଲା । ଗେଲୁ ଗୁଣ୍ଡୁଚି ପୁଣି ଚିଙ୍କି ପିମ୍ପୁଡିକୁ ଧନ୍ୟବାଦ ଦେଲା । ଏଥର ପିଲା ଦୁହିଙ୍କର ଖୁସି ଦେଖେ କିଏ । ଶେଷକୁ ସମସ୍ତେ ମିଳିମିଶିଏକାଠି ଭୋଜନ କଲେ ।


+ଓସ୍କାର ସିଟି, ପ୍ଲଟ ନଂ-୪୫୪,
ଲେନ ନଂ-୯
ଲକ୍ଷ୍ମୀସାଗର କେନାଲ ରୋଡ,ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮


# ଖୋଜିବ ଯେମିତି ପାଇବ ସେମିତି



ସୁବ୍ରତ ମଲିକ

ସେତେବେଳେ ବ୍ରହ୍ମ ଦେଶ ନାମକ ରାଜ୍ୟଟିଏ ଥିଲା , ଯାହାକୁ ଶାସନ କରୁଥିଲେ ରାଜା ରବୀନ୍ଦ୍ର ଦେବ । ଧନ ଧାନ୍ୟ ଓ ସୁଖ ସମୃଦ୍ଧିରେ ରାଜ୍ୟଟି ପରିପୂର୍ଣ୍ଣ ଥିଲା । ପ୍ରଜାମାନେ ଶାନ୍ତିରେ ବସବାସ କରୁଥିଲେ । ରାଜା କିନ୍ତୁ କିଛି ଦିନ ଧରି ନିଜ ଜୀବନର କିଛି ନା କିଛି ଦୋଷ ତ୍ରୁଟି ବାହାର କରୁଥିଲେ ଓ ସେହି କାରଣରୁ ଚିନ୍ତିତ ରହୁଥିଲେ ।

ବହୁ ଦିନ ପରେ ସେହି ରାଜ୍ୟକୁ ରାଜ୍ୟର ରାଜଗୁରୁ ହିମାଳୟରୁ ତପସ୍ୟା ସାରି ନିଜ କୁଟୀରକୁ ଫେରି ଆସିଥିବାର ଖବର ରାଜା ଜାଣିବାକୁ ପାଇଲେ । ସେ କାଳ ବିଳମ୍ବ ନ କରି ରାଜଗୁରୁଙ୍କ ନିକଟକୁ ଦୂତ ଦ୍ୱାରା ରାଜଉଆସକୁ ଆସିବାକୁ ନିମନ୍ତ୍ରଣ କଲେ । ରାଜଗୁରୁ ରାଜାଙ୍କ ନିମନ୍ତ୍ରଣ ରକ୍ଷା କରି ରାଜ ଉଆସରେ ପହଞ୍ଚିଗଲା ପରେ ରାଜା ତାଙ୍କୁ ନିଜର ସମସ୍ୟା ଜଣାଇଲେ ।

ରାଜାଙ୍କ ସମସ୍ୟାକୁ ଶୁଣି ରାଜଗୁରୁ ରାଜାଙ୍କୁ ରାଜବଗିଚାଙ୍କୁ ସଙ୍ଗେ ସଙ୍ଗେ ନେଇଗଲେ ଓ ଗୋଲାପ ଫୁଲ ଗଛ କେଉଁଠି ଅଛି ବୋଲି ପ୍ରଶ୍ନ କଲେ । ବିଭିନ୍ନ ପ୍ରକାରର ରଙ୍ଗବେରଙ୍ଗୀ ଫୁଲଗଛରେ ଭର୍ତ୍ତି ରାଜବଗିଚାଟି ସାଧବ ବହୂଟେ ପରି ଦେଖା ଯାଉଥିଲା । ରାଜା ଚାରିଆଡେ ନଜର ବୁଲାଇ ଆଣି ଗୋଲାପ ଗଛ ଲାଗିଥିବା ସ୍ଥାନକୁ ରାଜଗୁରୁଙ୍କୁ ନେଇଗଲେ । ଏହିପରି ଭାବରେ ରାଜଗୁରୁ ଗୋଟିଏ ଗୋଟିଏ କରି ଭିନ୍ନ ଭିନ୍ନ ଫୁଲ ଗଛର ନାମ ନେଇ ତାହା କେଉଁଠି ଅଛି ବୋଲି ପ୍ରଶ୍ନ କରୁଥିଲେ ଓ ରାଜା ସେହି ଗଛ ନିକଟକୁ ରାଜଗୁରୁଙ୍କୁ ନେଇ ଯାଉଥିଲେ ।

ଏହିପରି କିଛି ସମୟ ଗଲା ପରେ ରାଜା ରାଜଗୁରୁଙ୍କୁ ଏପରି କରିବାର କାରଣ ପଚାରିଲେ । ଉତ୍ତର ଦେବାକୁ ଯାଇ ରାଜଗୁରୁ କହିଲେ , '' ବଗିଚାରେ ଅନେକ ପ୍ରକାରର ଫୁଲ ଗଛ ଥିଲେ ମଧ ମୁଁ ଯେତେବେଳେ ତୁମକୁ ଏକ ନିର୍ଦ୍ଦିଷ୍ଟ ଫୁଲ ଗଛ କେଉଁଠି ଅଛି ବୋଲି କହୁଥିଲି, ତୁମେ ସେହି ଫୁଲ ଗଛକୁ ଖୋଜି ମୋତେ ସେଠାକୁ ନେଇଯାଉଥିଲ । ଏ ଦୁନିଆଟି ମଧ ଠିକ ସେମିତି । ଆମେ ଯାହା ଖୋଜିବା , ତାହା ହିଁ ପାଇବା । ତୁମ ନୀତି ଓ କାର୍ଯ୍ୟ ପାଇଁ ପ୍ରଜାମାନେ ଖୁବ ଆନନ୍ଦରେ ଅଛନ୍ତି । ରାଜ୍ୟରେ ଧର୍ମ , ସତ୍ୟ, ନ୍ୟାୟର ଶାସନ ଚାଲିଅଛି । ତେଣୁ ତୁମ ଦ୍ୱାରା ହେଉଥିବା ଭଲ କାର୍ଯ୍ୟକୁ ସବୁବେଳେ ଗୁରୁତ୍ୱ ଦିଅ । ଜୀବନରେ ଘଟୁଥିବା ଛୋଟ ବଡ଼ ନକରାତ୍ମକ ଘଟଣାରେ ଚିନ୍ତିତ ନ ହୋଇ ରାଜକାର୍ଯ୍ୟ କରିଚାଲ ।'



ରାଜା ରାଜଗୁରୁଙ୍କ ପରାମର୍ଶ ଶୁଣି ଖୁସି ହେଲେ ଓ ଏଥିପାଇଁ ଧନ୍ୟବାଦ ଦେଲେ । ତାଙ୍କ ମୁଖମଣ୍ଡଳକୁ ବହୁଦିନ ଧରି ହଜିଯାଇଥିବା ପ୍ରସନ୍ନତା ପୁଣି ଲେଉଟି ଆସିଲା । ରାଜଗୁରୁଙ୍କ ପ୍ରସ୍ଥାନର ବ୍ୟବସ୍ଥା କରି ରାଜା ପୂର୍ବ ପରି ସାଧାରଣ ଜୀବନଯାପନ କଲେ ଓ ରାଜକାର୍ଯ୍ୟରେ ମନ ଦେଲେ ।


+କୋରୁଆ , ଅସୁରାଳି ,
ଭଦ୍ରକ
ମୋ: ୭୦୦୮୩୧୫୯୧୬


# ଆସ ଗାଇବା ବରଷା ଗୀତ

ଡ. ଦୀପକ କୁମାର ମିଶ୍ର

ଆକାଶରେ ଭାସେ ମେଘ
ମୟୂରର ଦେଖ ବାଗ
ନାଚରେ ତା'ର ହସଇ ପୃଥିବୀ
ବୁଢ଼ୀମା' କହେ ଢଗ ।

ଝଡ଼ି ବରଷାରେ ଭିଜେ କାଉ
କୋଇଲିର ବଢ଼େ ଭାଉ
ଅଣ୍ଡା ଦେଇଦିଏ କାଉର ବସାରେ
କି' କଥା ଶୁଣିବ ଆଉ ।

ପଡ଼େ ପାଣି ଟୋପା ଥପଥପ
ନଈକୂଳେ ବୁଲେ ବଗ
ମାଛଟିଏ ଯଦି ଆଖିରେ ପଡ଼ଇ
ସଅଳ ବଢ଼ାଏ ବେକ ।

ପିଲେ ବଉଦ ବାଇଦ ଶୁଣ
ବେଙ୍ଗୁଲିର ପୁଣି ଗୀତ
ଗଡିଆ କୂଳରେ ଧରିଲେ ଗଡ଼ିଶ
ଖାଇବ ମୁନା ଯେ ଭାତ ।

ବହେ ଅଗଣାରେ ପାଣି ସୁଅ
ପିଲାଙ୍କର ଲାଗେ ମେଳ
କାଗଜଡ଼ଙ୍ଗାଟି ଭାସି ଭାସିକା
ଜମେଇ ଦେଉଛି ଖେଳ ।

ଆମେ ଗାଇବା ବରଷା ଗୀତ
ନାଚିବା ମିଶାଇ ମନ
ଟିକିପିଲାଙ୍କର ହୃଦୟଟି ପରା
ସରଗଟିଏ ଜାଣ ।


+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦


# ରସ

ନିରଞ୍ଜନ ସାହୁ

ପଣସ ରସ ବଡ଼ ସରସ
ମିଠା ଅଙ୍ଗୁର ରସ
ରସାଳ ରସ ଦିଏ ହରଷ
ତୁଣ୍ଡରେ ଦେଲେ ସ୍ୱର୍ଶ ।

କଇଁଆ ରସ ଖଟା ଲାଗଇ
କଲରା ରସ ପିତା
କେନ୍ଦୁ , ଅଁଳା ରସଟି କଷା
ଦେହକୁ କିନ୍ତୁ ହିତା ।

ଲେମ୍ବୁର ରସ ଟିକେ ଆମ୍ବିଳା
କାକୁଡି ପାଣିଚିଆ
ଖିଲିପାନଟି ରସରସିଆ
ଲାଗଇ ସୁଆଦିଆ ।

ପୋଟଳ ରସା , ମାଉଁସ କଷା
ଜିଭରୁ ବହେ ଲାଳ
ସାହିତ୍ୟ ରସ ନିଗିଡେ ପଢ଼େ
ପାଠକୁ ଟିକେ ଭାଳ ।

ରସଗୋଲାର ରସଠୁଁ ମିଠା
ପଦେ ମଧୁର କଥା
ଶ୍ରୀହରିନାମ ରସ ଅମୃତ
ସବୁ ରସଠୁଁ ଯଥା ।


+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ --- ୭୫୯୦୧୬
ମୋ : ୯୯୩୮୭୪୧୫୮୩


କବିତା
ତୁମ ପାଇଁ

# ଏଇ ବରଷାରେ

କୀର୍ତ୍ତନ ସାହୁ



ଏଇ ବରଷାରେ ତରତର ହୋଇ
କୃଷକ ଭାଇଟି ଯାଏ
ରୁଆ ପୋତା କରି କାମ ଆଗେଇବ
ସେଥିରେ ତା ମନ ଥାଏ ।

ସ୍କୁଲ ପିଲାମାନେ ବର୍ଷାତି ପିନ୍ଧି
ଅବା କିଏ ଛତା ଧରି
ସ୍କୁଲ ଯାଆନ୍ତି ପାଠ ପଢିବାକୁ
ବରଷାର ବାଧା ବରି ।

ଶ୍ରମିକ ଭାଇଟି କାମେ ଲାଗିଥାଏ
ବରଷାକୁ ଡର ନାହିଁ
ଦେଶ ହିତେ ସିଏ କାମ କରି ଯିବ
ତାର ବା ବିଶ୍ରାମ କାହିଁ ?

ନାଉରୀ ଭାଇଟି ଡଙ୍ଗା ବାହୁଥାଏ
ଲୋକଙ୍କୁ ପାର କରିବ
ହେଲେ ବି ବରଷା ଡର ତାର ନାହିଁ
ଲୋକଙ୍କ ସେବା କରିବ ।

ଏଇ ବରଷାରେ ଯିଏ ନିଜ କାମ
ସତର୍କ ହୋଇକି କରେ
ସିଏ ସିନା କାମେ ପ୍ରଶଂସା ଲଭଇ
ହୃଦୟେ ଆନନ୍ଦ ଭରେ ।

ବରଷା ଦିନରେ ଶିତଳତା ଥାଏ
କାମରେ ସରାଗ ଜାଗେ
ନିଜ ନିଜ କାମ ଠିକ୍ ଭାବେ କରି
ବଢ଼ିବାରେ ଆଗେ ଆଗେ ।


+ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର ।
ମୋ: ୯୪୩୮୪୧୪୭୦୧


# ଚକା ଚକା ଭଉଁରୀ....

ରାମଚନ୍ଦ୍ର ବେହେରା

ଚକା ଚକା ଭଉଁରୀ
ମାମୁଁ ଘର ଚଉଁରୀ
ଆସିଛି ବରଷା କାଳ
ଚମକୁଛି ବିଜୁଳି ।

ବାଦଲର ଫାକରେ
ଇନ୍ଦ୍ରଧନୁ ଦିଶେରେ
ମନଲୋଭା ସାତ ରଂଗ
ଖୁସି ଭରି ଦିଏରେ ।

ଗାଆଁ ଦାଣ୍ଡ ଖସଡା
ନଦୀ ଖାଏ ଅତଡା
ମଶା ମାଛି ମେଳ ହୋଇ
କରିଲେଣି ଆଖଡା ।

ଚକା ଚକା ଭଉଁରୀ
ପୂରିଗଲା ପୋଖରୀ
କଇଁ ଓ ପଦୁଅଁ ସାଥେ
ପାଣି ମାରେ ଲହରି ।

ମଉସୁମୀ ଆସିଛି
ଝିପି ଝିପି ବର୍ଷୁଛି
ବାହାର ଦରବ ଖାଇ
କୁନା ପେଟ କାଟୁଛି ।

ବର୍ଷା କାଳ ମାନିବା
ଘରରନ୍ଧା ଖାଇବା
ବର୍ଷାରେ ଭିଜିବା ନାହିଁ
ବରଷାତି ପିନ୍ଧିବା ।

ହାତ ଧୋଇ ଖାଇବା
ଫୁଟା ପାଣି ପିଇବା
ମଶାରୀ ଟାଣି ରାତିରେ
ଆରାମରେ ଶୋଇବା ।


+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୬୫୫୬୩୪୩୪୬




# ବୀର ସୈନିକ ମୁଁ ହେବି

ନୀଳମଣି ଚାନ୍ଦ

ଆଜି ସିନା ସାନ, ବଡ଼ ହେବି ଦିନେ
ବୀର ସୈନିକ ମୁଁ ହେବି
ବନ୍ଧୁକଟି ଧରି ସୀମାନ୍ତରେ ରହି
କଡ଼ାପହରା ଯେ ଦେବି ।

ଡରିବି ନାହିଁରେ ବରଷା ,ବରଫ
ଆସୁ ଯେତେ ଖରା ଶୀତ
ହାତରେ ଧରିକି ଉଡାଉ ଥିବିରେ
ଜାତୀୟ ତ୍ରିରଙ୍ଗା ଜୈତ୍ର ।

ଭାଳୁଥିବି ସଦା ପ୍ରିୟ ଭାରତର
ଶାନ୍ତି, ସୁରକ୍ଷାଟି ପାଇଁ
ଅରାତି ଗୁଳିରେ ମରିବି ପଛକେ
ପଛଘୁଞ୍ଚା ଦେବି ନାହିଁ ।

ସହିଦ ହେଲେରେ ସ୍ୱର୍ଣ୍ଣାକ୍ଷରେ ଲେଖା
ହୋଇ ରହିବ ମୋ' ନାଆଁ
ଝୁରିହେଉଥିବେ କେତେ ସାଙ୍ଗସାଥୀ
ଗର୍ବିତ ହେବ ମୋ ଗାଆଁ ।

ଲୋକେ ତ କହିବେ ଦେଶପାଇଁ ଆହା
ଦେଲା ସିଏ ପ୍ରାଣବଳି
ହଜାର ପିଲାଙ୍କ ଭିତରେ ଜଣେ ସେ
କିଏ ହେବ କାହ୍ନା ଭଳି ?

କଥା ନୁହେଁ ଦେଶକାମ ଯେ କରଇ
ସିଏ ତ ମହତ ଜନ
ମରିବି ଅମର ରହିଥାଏ ସିଏ
ତା ଜୀବନ ଧନ୍ୟ ଧନ୍ୟ ।


+ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

# ୮ ମାସ ହେଲା ମିଳୁନି ଗହମ କି ଅତିରିକ୍ତ ଚାଉଳ: ଗରିବ କଲ୍ୟାଣ ନା ଗରିବ ମାରଣ ଯୋଜନା ?

ଭୁବନ, ୨୮/୦୭ (ନି.ପ୍ର): ଅନାହାର ଓ ଅର୍ଦ୍ଧାହାର ଭଳି ଦୁଇଟି ଶବ୍ଦ ( ଅପଶବ୍ଦ) କୁ ହଟାଇ ଦେବା ସକାଶେ କେନ୍ଦ୍ର ର ଉପା ସରକାର ୨୦୦୯ ମସିହାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ପ୍ରଣୟନ କରିଥିଲେ । ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଯଦିଓ କେତେ ଗୁଡିଏ ମାନଦଣ୍ଡ ରଖିଥିଲେ ତଥାପି ସାରା ଦେଶର ୬୦ ପ୍ରତିଶତ ଲୋକ ଏଥିରେ ସାମିଲ ହୋଇ ମାସିକ ମୁଣ୍ଡ ପିଛା ୫ କିଲୋ ଚାଉଳ/ ଗହମ ପାଉଥିଲେ । ବହୁତ ହୁଆ ମେହେଙ୍ଗାଇ କି ମାର୍, ଅବକି ବାର ମୋଦି ସରକାର ନାରା ଦେଇ ୨୦୧୪ ରେ ଏନ୍ ଡି ଏ ସରକାର କ୍ଷମତାକୁ ଆସିବା ପରେ ୨୦୧୫ ରେ ଏହି ଯୋଜନାରେ କେତେକ ପରିବର୍ତନ କରି ଦେଶରେ ସର୍ବାଧିକ ୫୬ ପ୍ରତିଶତ ଗରିବ ଖାଦ୍ୟ ସୁରକ୍ଷା ଯୋଜନା ରେ ସାମିଲ ହୋଇପାରିବେ ବୋଲି ଆଇନ ପ୍ରଣୟନ କରିଥିଲେ । ଫଳରେ ଅନେକ ହିତାଧିକାରୀ ସେମାନଙ୍କ ରାସନ କାର୍ଡ ଫେରସ୍ତ ଦେଲେ , ଆଉ କେତେକ ଙ୍କ ନାମରେ ପୋଲିସ କେସ ହେଲା ଓ କେତେକ ମହିଳା ଜେଲ କୁ ମଧ ଗଲେ । କୋଭିଡ ପରବର୍ତୀ ସ୍ଥିତି ସୁଧାରିବା ପାଇଁ କେନ୍ଦ୍ର ସରକାର ପ୍ରଥମେ ରାସନ କାର୍ଡ ଧାରୀ ଙ୍କୁ ୧ ହଜାର ଟଙ୍କା ଦେଲେ । ପରବର୍ତୀ ପର୍ଯ୍ୟାୟ ରେ ପ୍ରଧାନ ମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ପ୍ରତ୍ୟେକ ହିତାଧିକାରୀଙ୍କୁ ପ୍ରତି ମାସରେ ଚାଉଳ ସହ ଅତିରିକ୍ତ ୫ କିଲୋ ଲେଖାଏଁ ମାଗଣା ଚାଉଳ/ ଗହମ ଯୋଗାଇ ଦେଲେ । ଅଧିକାଂଶ ଲୋକଙ୍କ ର ରାତିରେ ରୁଟି ଖାଇବା ଅଭ୍ୟାସ ଥିବାରୁ ରାସନ କାର୍ଡ ଧାରୀମାନେ ଚାଉଳ, ଗହମ ଅଧା ଅଧା କରି ଡିଲର ପାଖରୁ ଆଣୁଥିଲେ । ତେବେ ଗତ ଡିସେମ୍ବର ମାସ ରୁ ଚଳିତ ଜୁଲାଇ ୮ ମାସ ହେଲା ଏହି ଅତିରିକ୍ତ ଚାଉଳ/ ଗହମ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି । ଏଥିପାଇଁ ହିତାଧିକାରୀଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି । ଖୋଲା ବଜାର ରେ ଗହମ ମିଳୁ ନଥିବା ବେଳେ ପ୍ୟାକେଟ ଅଟା କିଲୋ ୪୦ ରୁ ୫୦ ଟଙ୍କାରେ ବିକ୍ରି ହେଉଛି । ଏଥିପାଇଁ ଗରିବ ଲୋକ ମାନେ ରାତିରେ ରୁଟି ଖାଇବା ବନ୍ଦ କରି ଦେଇଛନ୍ତି । ଅନୁସନ୍ଧାନ ରୁ ପ୍ରକାଶ ଯେ, ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ରେ ସମୁଦାୟ ୨୨୮୨୫ ଟି ରାସନ କାର୍ଡ ରହିଛି । ସେଥିମଧ୍ୟରୁ ୨୩୮୪ ଅନ୍ତ୍ୟୋଦୟ ଅନ୍ନ ଯୋଜନା କାର୍ଡ ରେ ୭୨୪୬ ହିତାଧିକାରୀ ଓ ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ୨୦୪୪୧ଟି କାର୍ଡରେ ୭୨୪୮୯ ଜଣ ଏହିପରି ସମୁଦାୟ ୭୯ ହଜାର ୭୩୫ ଜଣ ହିତାଧିକାରୀ ୪୩ ଜଣ ଡିଲର୍ଙ୍କ ଜରିଆରେ ମାସିକ କେବଳ ୫ କିଲୋ ଚାଉଳ ପାଉଛନ୍ତି । ଅନୁରୂପ ଭାବେ ଭୁବନ ଏନ୍ ଏ ସି ରେ ୪୭୮ ଟି ଅନ୍ତୋଦୟ କାର୍ଡ ରେ ୧୪୦୪ ଜଣ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୪୫୯୦ ଟି କାର୍ଡ ରେ ୧୪୮୦୦ ଏହିପରି ସମୁଦାୟ ୫୦୬୮ଟି କାର୍ଡ ରେ ୧୬୨୦୪ ଜଣ ହିତାଧିକାରୀ ୧୮ ଜଣ ଡିଲର ଙ୍କ ମାଧମରେ ରାସନ ପାଉଛନ୍ତି । ଗତ ଡିସେମ୍ବର ମାସ ରୁ ଗହମ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଥିବା ବେଳେ ଅତିରିକ୍ତ ଚାଉଳ ମଧ ବନ୍ଦ ହୋଇଛି । ପ୍ରତ୍ୟେକ ହିତାଧିକାରୀ ଙ୍କୁ କେବଳ ୫ କିଲୋ ଚାଉଳ ପ୍ରଦାନ କରାଯାଉଛି । କେନ୍ଦ୍ର ସରକାର ଙ୍କ ଏଭଳି ପଦକ୍ଷେପ କୁ ରାସନକାର୍ଡଧାରୀମାନେ ନାପସନ୍ଦ କରିଛନ୍ତି । ଗହମ ଯୋଗୁ ଶିଶୁ,ବୃଦ୍ଧ, ବୃଦ୍ଧା ମାନେ ଉପକୃତ ହେଉଥିଲେ । ମଧୁମେହ (ଡାଇବେଟିସ) ରୋଗୀ ମାନେ ବିଶେଷ ଭାବେ ଉପକୃତ ହେଉଥିଲେ । କେନ୍ଦ୍ର ସରକାର ଗହମ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ କରି ଦେଇଥିବାରୁ ଅଧିକାଂଶ ବୃଦ୍ଧ ବୃଦ୍ଧା, ଶିଶୁ, ଗର୍ଭବତୀ ମହିଳା ଓ ମଧୁମେହ ରୋଗୀ ଏବେ ରାତିରେ ରୁଟି ବଦଳରେ ଭାତ ଖାଇବାକୁ ବାଧ ହେଉଛନ୍ତି । ବର୍ଷା ଦିନ ଚାଲି ଥିବାରୁ ରାତିରେ ଭାତ ଖାଇ ଲୋକଙ୍କର ସ୍ୱାସ୍ଥ୍ୟ ଗତ ସମସ୍ୟା ଉପୁଜୁଛି । ପରିବା ବଜାର ରେ ନିଆଁ ଲାଗିଥିବା ବେଳେ ଡାଲି ଚାଉଳ ତେଲ ମସଲା ଦରବୃଦ୍ଧି ଲୋକଙ୍କ ମେରୁଦଣ୍ଡ ଭାଙ୍ଗି ଦେଉଛି । ପେଟ୍ରୋଲ, ଡିଜେଲ ୧୦୦ ପାର,ରନ୍ଧନ ଗ୍ୟାସ ୧୧୫୦ । ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ଭିତରେ କେବେ ବି ସରକାରୀ ଗହମ ,କିରୋସିନ ବନ୍ଦ ହୋଇନଥିଲା । ଯାହାକି ମୋଦି ସରକାର ଅମଳରେ ବନ୍ଦ ହୋଇଛି । ଏଭଳି ପରିସ୍ଥିତିରେ କେନ୍ଦ୍ର ସରକାର ୯ ବର୍ଷ ପୂର୍ତି ଉପଲକ୍ଷେ ବିଭିନ୍ନ ସ୍ଥାନରେ ଗରିବ କଲ୍ୟାଣ ସମାବେଶର ଆୟୋଜନ କରି ବିଫଳତାକୁ ଘୋଡାଇବାକୁ ମିଛ ସଫଳତା ବର୍ଣ୍ଣନା କରୁଛନ୍ତି । ପ୍ରକୃତ ରେ ଏହା ଗରିବ କଲ୍ୟାଣ ସମାବେଶ ନା ଗରିବଙ୍କୁ ଉପହାସ ବୋଲି ବୁଦ୍ଧିଜୀବୀ ମହଲ ପ୍ରଶ୍ନ କରୁଛନ୍ତି । ତେବେ ପୁନର୍ବାର ଗହମ କେବେ ମିଳିବ ବୋଲି ଭୁବନ ବ୍ଲକ ଯୋଗାଣ ଅଧିକାରୀଙ୍କୁ ପଚାରିବାରୁ ସାରା ରାଜ୍ୟରେ ଏହି ସମ୍ମାନ ଅବସ୍ଥା ,ଆଲଟମେଣ୍ଟ ନାହିଁ, ତେଣୁ ଏ ସଂପର୍କରେ କିଛି କହି ହେବନି ବୋଲି କହିଥିଲେ । ଗରିବ ଲୋକଙ୍କ ସ୍ୱାର୍ଥ ପାଇଁ ସରକାର ତୁରନ୍ତ ଗହମ ଯୋଗାଇ ଦେବାକୁ ହିତାଧିକାରୀ ଓ ବୁଦ୍ଧିଜୀବୀ ମହଲ ଦାବି କରିଛନ୍ତି ।

# ବୈତରଣୀ ନଦୀ ବନ୍ଧ ମରଣଯନ୍ତା

କୋରେଇ, ୨୮/୦୭ (ନି.ପ୍ର): ବୈତରଣୀ ନଦୀ ବନ୍ଧ କେବଳ ନଦୀର ସୁରକ୍ଷା ପାଇଁ ନୁହେଁ ବରଂ ଜନସାଧାରଣଙ୍କ ଯାତାୟତର ମୁଖ୍ୟ ରାସ୍ତା । କୋରାଇ ବ୍ଲକ ଅନ୍ତର୍ଗତ ମୂଳାପାଳ ଗ୍ରାମ ଠାରୁ ବୈତରଣୀ ବ୍ରିଜ ପର୍ଯ୍ୟନ୍ତ ନଦୀ ବନ୍ଧ ଏବେ ପାଲଟିଛି ମରଣଯନ୍ତା । ଏହି ରାସ୍ତାରେ ମୂଳାପାଳ ପଂଚାୟତବାସୀ ବ୍ୟାଙ୍କ, ସ୍କୁଲ, କଲେଜ, ଲିଙ୍ଗେଶ୍ୱର ଶିଶୁ ମନ୍ଦିର ଠୁ ଆରମ୍ଭ କରି ପଂଚାୟତ କାର୍ଯ୍ୟାଳୟକୁ ପ୍ରତ୍ୟେହ ଯାତାୟତ କରନ୍ତି । ହେଲେ ଏହି ରାସ୍ତା ଏବେ ଯାତାୟତ ଉପଯୋଗୀ ହୋଇ ରହିନାହି । ଫଳରେ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି ପଂଚାୟତ ବାସୀ । କେତେକ ତଳ ଗ୍ରାମ ରାସ୍ତାରେ ଯାତାୟତ କରୁଛନ୍ତି ତ ପୁଣି ଆଉ କେହି ପଂଚାୟତ କାର୍ଯ୍ୟାଳୟକୁ ସଠିପୁର ଦେଇ ପାଂଚ କିଲୋମିଟର ବୁଲି ଆସିବାକୁ ପଡୁଛି । ହେଲେ ଠିକାସଂସ୍ଥା କାମ ଅଧାରୁ ଛାଡି ଛୁ ମାରିଛି । ୧୬ ନମ୍ବର ଜାତୀୟ ରାଜପଥ ବୈତରଣୀ ବ୍ରିଜ ଠାରୁ ରୁଢିଆ ପର୍ଯ୍ୟନ୍ତ ନଦୀ ବନ୍ଧକୁ ସୁଦୃଢ ଓ ଚଉଡା କରିବା ପାଇଁ ପ୍ରକଳ୍ପ ଅନୁମୋଦନ ହୋଇଥିଲା । ଏହି ବନ୍ଧ ସଦୃଢ ହେଲେ କେବଳ ପଂଚାୟତ ବାସୀ ଉପକୃତ ହେବେ ତାହା ନୁହେଁ ୧୬ ନମ୍ବର ଜାତୀୟ ରାଜପଥରୁ ଯାଜପୁର ଟାଉନକୁ ଯିବା ପାଇଁ ପାଂଚ କିଲୋମିଟର ରାସ୍ତା କମିଯିବ । ଖରାଦିନେ ଠିକାସଂସ୍ଥା ଓସିସି ପକ୍ଷରୁ ଏହି ବନ୍ଧରେ ମାଟି ପକାଯାଇ ଚଉଡା ଓ ଉଚତା କରାଯାଇଥିଲା । ବର୍ଷା ଦିନ ପୂର୍ବରୁ କାମ ସରିବା କଥା । କିନ୍ତୁ ଠିକାସଂସ୍ଥା କାମ ଛାଡି ପଳାଇଛି । ଯାହା ଫଳରେ ଉକ୍ତ ରାସ୍ତାରେ ଏବେ ଯାତାୟତ ସମ୍ଭବ ନୁହେଁ । ନଦୀ ବନ୍ଧର ଅବସ୍ଥା ଯାହା ସାଧାରଣରେ ଚାଲିକି ଯିବା ସମ୍ଭବ ମଧ୍ୟ ନୁହେଁ । ଆବଶ୍ୟକତା ଦୃଷ୍ଟିରୁ ଯୁଦ୍ଧକାଳୀନ ଭିତିରେ ଏହି ରାସ୍ତାର ମରାମତି କରିବା ପାଇଁ ଦାବି ହୋଇଛି ।

# ହନୁମାନ ଓ ମଙ୍ଗଳା ମନ୍ଦିରରୁ ଚୋରି ଅଭିଯୋଗ : ଭକ୍ତ ମହଲରେ ଅସନ୍ତୋଷ

ଧର୍ମଶାଳା, ୨୮/୦୭ (ନି.ପ୍ର): ଯାଜପୁର ଜିଲାର ବିଭିନ୍ନ ଅଂଚଳରେ ମଠ ମନ୍ଦିରରେ ଚୋରି ସଂଖ୍ୟା ବୃଦ୍ଧି ପାଉଛି । ଏ ଦିଗରେ ପୋଲିସ ଦୃବୃତଙ୍କ କୌଣସି ଟେର ପାଇପାରୁ ନାହିଁ । ଯାଜପୁର ଜିଲା ବଡଚଣା ଥାନା ଅନ୍ତର୍ଗତ ଧାନମଣ୍ଡଳସ୍ଥିତ ହନୁମାନ ମନ୍ଦିର ଓ ମା'ମଙ୍ଗଳା ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ସହ ମନ୍ଦିର ହୁଣ୍ଡି ଚୋରି ହୋଇଯାଇଥିବା ଜଣାପଡିଛି । ଯାହାକୁ ନେଇ ଭକ୍ତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଆଜି ମନ୍ଦିର ପୂଜକ ପୂଜା କରିବା ପାଇଁ ଆସିଥିବା ସମୟରେ ମନ୍ଦିରରୁ ଚୋରି ହୋଇଥିବା ଜାଣି ଗ୍ରାମବାସୀଙ୍କୁ ଜଣାଇଥିଲେ । ଘଟଣାସ୍ଥଳରେ ଗ୍ରାମବାସୀ ମନ୍ଦିର ନିକଟରେ ପଂହଚି ଥିଲେ । ଗହଣା,ମୁକୁଟ,ପିତଳ ଗଦା,ଅନ୍ୟାନ୍ୟ ବ୍ୟବହୃତ ସାମଗ୍ରୀ ସହ ମନ୍ଦିରର ହୁଣ୍ଡିକୁ ଦୃବୃତମାନେ ନେଇ ଯାଇଥିବା ଜାଣିବାକୁ ପାଇଥିଲେ । ଏହି ଘଟଣାକୁ ନେଇ ଗ୍ରାମବାସୀ ସ୍ଥାନୀୟ ଧାନମଣ୍ଡଳ ଫାଣ୍ଡିରେ ଅଭିଯୋଗ କରିଥିଲେ ।

# ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

ସୁବର୍ଣ୍ଣପୁର, ୨୮/୦୭ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଜିଲ୍ଲାପାଳ ବିମଳେନ୍ଦୁ ରାୟଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଂଚଳିକ ପରିବହନ ବିଭାଗ ଦ୍ୱାରା ଆହୁତ ଏହି ବୈଠକ ରେ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଅମରେଶ ପଣ୍ଡା , ଜିଲ୍ଲା ପରିବହନ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ଜେନା,ଏସଇପିଡବ୍ଲୁଡି ଇଂ ଦାମୋଦର କୈବର୍ତ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଟିବି ଡ଼ଃ ପଦ୍ମହଂସା ଦୋରା, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲ୍ଲା ଘରୋଇ ବସ ମାଲିକ ସଂଘ ସଭାପତି ପୁରୁଷୋତମ ପାଣିଗ୍ରାହୀ, ଟ୍ରକ ମାଲିକ ସଂଘ ସଭାପତି ଭାସ୍କର ବାବୁ ଶ୍ରଦ୍ଧାକର ଦାଶ, ରେଆର ପ୍ରତିନିଧି ଅଞ୍ଜଳି ନେଗୀ, ସାମ୍ବାଦିକ ମୃତ୍ୟୁଞ୍ଜୟ ଶତପଥୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଏମ ଭି ଆଇ ଶ୍ରୀ ବିଶ୍ୱ ରଞ୍ଜନ ସାହୁ ,ବିଭାଗୀୟ ଅଧିକାରୀ, କମିଟି ସଦସ୍ୟ ସଦସ୍ୟା ପ୍ରମୁଖ ଯୋଗ ଦେଇ ଜିଲ୍ଲାରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁକୁ ହ୍ରାସ କରିବା ଉପରେ ଆଲୋଚନା କରିଥିଲେ । ଏହି ପରିପ୍ରେକ୍ଷୀରେ ରାସ୍ତା ଗୁଡିକର ଭିତିଭୂମିକୁ ବ୍ୟବସ୍ଥିତ କରିବା ଉପରେ ଗୁରୁତ୍ୱାରୋପ କରି ଜିଲ୍ଲକ୍ଷ ଅନ୍ତର୍ଗତ ରାଜ୍ୟ ରାଜପଥ ତଥା ଜାତୀୟ ରାଜପଥ ରେ ଥିବା ବୁଲାଣୀ ଓ ଦୁର୍ଘଟଣା ପ୍ରବଣ ସ୍ଥାନ, ରାସ୍ତା ସଂଲଗ୍ନ ସ୍କୁଲ, ରାଜ୍ୟ ରାଜପଥ ତଥା ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତା ସହ ଅନ୍ୟାନ୍ୟ ଚ୍ହିହ୍ନଟ ସମ୍ବେଦନଶୀଳ ସ୍ଥାନ/ ଅଂଚଳରେ ସାଂକେତିକ ଫଳକ ସହିତ ଦୁର୍ଘଟଣା ପ୍ରବଣ ସ୍ଥାନଗୁଡିକରେ ସୂଚନା ଫଳକ ସହିତ ତୁରନ୍ତ ଜରୁରୀ ସହାୟତା ନମ୍ବର ପଦର୍ଶନ କରିବାକୁ ଗୁରୁତ୍ୱାରୋପ କରିଛନ୍ତି ଜିଲ୍ଲାପାଳ । ପୁନଶ୍ଚ ପିଚୁ ରାସ୍ତା ଉପରେ ଲୁହାଚକ ଟ୍ରାକ୍ଟର ଚାଳନା ଉପରେ ମଧ୍ୟ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ସମ୍ପୃକ୍ତ ଅଧିକାରୀ ଙ୍କୁ ଜିଲ୍ଲାପାଳ ତଥା ଅଧକ୍ଷ ପରାମର୍ଶ ଦେଇଛନ୍ତି । ଗ୍ରାମୀଣ ରାସ୍ତାରୁ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତା ରେ ସୂଚନା ଫଳକ, ଲମ୍ବରର,ସ୍ପିଡ଼ ବ୍ରେକର ଲଗାଇବାକୁ ଜିଲ୍ଲାପାଳ ଶ୍ରୀ ରାୟ ସମ୍ପୃକ୍ତ ଏନ ଏଚ, ପୀଡବ୍ଲୁଡି ଓ ଆରଡି ବିଭାଗ ଅଧିକାରୀ ଙ୍କୁ ପରାମର୍ଶ ଦେଇଛନ୍ତି । ଏତଦ ବ୍ୟତୀତ ଜିଲ୍ଲାର ସଡ଼କ ଦୁର୍ଘଟଣା ସହ ଦୁର୍ଘଟଣା ଜନିତ ମୃତ୍ୟୁ କୁ ହ୍ରାସ କରିବା ନିମନ୍ତେ ଆବଶ୍ୟକ ଜନ ସଚେତନତା ତଥା ପୋଲିସ ପ୍ରଶାସନ ସହ ମିଳିତ ଭାବେ ଜୋରଦାର ଚଢ଼ାଉ ଉପରେ ଗୁରୁତ୍ୱାରୋପ କରିଛନ୍ତି ଜିଲ୍ଲାପାଳ ଶ୍ରୀଯୁକ୍ତ ରାୟ । ଚଳିତ ବର୍ଷ ଜାନୁଆରୀ ମାସ ଠାରୁ ଜୁନ ମାସ ପର୍ଯ୍ୟନ୍ତ ବିନା ହେଲମେଟ ଗାଡିଚାଳନା ରେ ୩୨୬୫ ଜଣ, ଦ୍ରୁତଗତି ଗାଡି ଚାଳନା ନିମନ୍ତେ ୨୫୫୬, ବିନା ସିଟ ବେଲ୍ଟ ଗାଡି ଚାଳନାରେ ରେ ୮୯, ମୋବାଇଲ ଫୋନ ବ୍ୟବହାର ସହ ଗାଡି ଚାଳନାରେ ୨୪୭, ମାଲ ବୁହା ଗାଡ଼ିରେ ଯାତ୍ରୀ ପରିବହନ ସକାଶେ ୯୨, ଏବଂ ମଦ୍ୟପ ଗାଡିଚାଳନାରେ ୧୩୭ଜଣଙ୍କୁ ଧରାଯାଇଥିବା ବେଳେ ୧୨୮୭ ଜଣଙ୍କ ଗାଡି ଚାଳନା ପଞ୍ଜିକରଣକୁ ରଦ୍ଦ କରାଯାଇ ଥିବା ପରିବହନ ଅଧିକାରୀ ସୂଚନା ଦେଇଛନ୍ତି । ସେହିପରି ୨୦୨୩ ବର୍ଷ ଉପରୋକ୍ତ ସମୟ ସୁଦ୍ଧା ସମୁଦାୟ ୪୫ଟି ସଡ଼କ ଦୁର୍ଘଟଣା ଘଟି ୩୬ ଜଣଙ୍କ ଅକାଳ ବିୟୋଗ ହୋଇଥିବା ସୂଚୀତ କରିଛନ୍ତି । ଜିଲ୍ଲପାଳ ଏହି ଅବସରରେ ସମସ୍ତ ଜିଲ୍ଲାବାସୀଙ୍କୁ ସଡ଼କ ସୁରକ୍ଷାର ସମସ୍ତ ନିୟମ କୁ ପାଳନ କରିବା ସହିତ ଜିଲ୍ଲାରୁ ଦୁର୍ଘଟଣା ଜନିତ ମୃତ୍ୟୁ କୁ ହ୍ରାସ କରିବାରେ ଗାଡି ଚାଳକ ତଥା ଜନସାଧାରଣ ଯତ୍ନବାନ ହେବାକୁ ଅନୁରୋଧ କରିଛନ୍ତି ।

# ଯୁବ ସମ୍ବାଦ-ଭାରତ ୨୦୪୭ କାର୍ଯ୍ୟକ୍ରମ ଅନୁଷ୍ଠିତ

କନ୍ଧମାଳ, ୨୮/୦୭ (ନି.ପ୍ର): କଲ୍ୟାଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଫୁଲବାଣୀ, କନ୍ଧମାଳ ଏବଂ ନେହେରୁ ଯୁବ କେନ୍ଦ୍ର ସଂଗଠନ ଫୁଲବାଣୀ, କନ୍ଧମାଳର ମିଳିତ ଆନୁକୂଲ୍ୟରେ ଯୁବ ସମ୍ବାଦ-ଭାରତଅ୨୦୪୭ କାର୍ଯକ୍ରମ ଏସ୍. ଏମ୍ ସରକାରୀ ମହିଳା ମହାବିଦ୍ୟାଳୟ ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଖଜୁରୀପଡ଼ା ଚେୟାରମ୍ୟାନ୍ ଅନିମା କହଁର ଉପସ୍ଥିତ ଥିଲା ବେଳେ ଅନ୍ୟାନ୍ୟ ଅତିଥିମାନଙ୍କ ମଧରେ ମୁଖ୍ୟ ବକ୍ତ ଭାବେ ଶ୍ରୀ ଦେବାଶିଷ ମିଶ୍ର ଏଚ୍. ଆଇ. ଭି. ଏ.ଆଇ.ଡି ଏସ୍ ପରାମର୍ଶଦାତା ଶ୍ରୀ ମତି ଜ୍ୟୋସ୍ନା ମହାନ୍ତି ପିଏଚ୍‌ଇଓ, ଗୁମାଗଡ, ତନୁଜା ସିଂ ଅଧକ୍ଷା ମହିଳା ମହାବିଦ୍ୟାଳୟ ଫୁଲବାଣୀ , ଆକ୍ସନ ଏଡ୍‌ର ଜିଲ୍ଲା ସଂଜଯକ ଶ୍ରୀମତୀ ସନ୍ଧ୍ୟା ନାୟକ, ଅବସରପ୍ରାପ୍ତ ସେନା ଅଧିକାରୀ ବିଷ୍ଣୁ ଚରଣ ମିଶ୍ର, ଜଳନ୍ଧର ବେହେରା, ଶ୍ରୀମତୀ କମଳିନୀ ନାୟକ, ସୁପର୍ଭାଇଜର୍ , ମୋନଜ ପଟ୍ଟନାୟକ, ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ର ଜିଲ୍ଲା ଯୁବ ଅଧିକାରୀ ନବନୀତ୍ କୁମାର ଉପସ୍ଥିତ ଥିଲେ । ସର୍ବ ପ୍ରଥମେ କଲ୍ୟାଣୀ ସଂସ୍ଥା ର ସମ୍ପାଦିକା ଶ୍ରୀମତୀ ରାଜଲକ୍ଷ୍ମୀ ସାହୁ ମୁଖ୍ୟ ଅତିଥି ମୁଖ୍ୟ ବକ୍ତା ଏବଂ ଅନ୍ୟାନ୍ୟ ମଂଚାସିନ ଅତିଥି ମାନଙ୍କୁ ସ୍ୱାଗତ ଜଣାଇ ସୋଭା କାର୍ଯ୍ୟ ଆରମ୍ଭ କରିଥିଲେ । ଏଥିରେ କଲେଜ ର ପ୍ରାୟ ୨୫୦ ଜଣ ଛାତ୍ରୀ ଉପସ୍ଥିତ ଥିଲେ । ଏଥିରେ ନେହେରୁ ଯୁବ କେନ୍ଦ୍ରର କର୍ମକର୍ତା ସତ୍ୟବାନ୍ ଦଳବେହେରା ଉପସ୍ଥିତ ଥିଲା ବେଳେ କଲ୍ୟାଣୀ ର କର୍ମକର୍ତା କବିତା କର ଏଥିରେ ସୋହଜଗ କରିଥିଲେ । ସମସ୍ତ ମଂଚାସିନ ଅତିଥି ଆଜି ମୁଖ୍ୟ କାର୍ଯକ୍ରମ ପଂଚ ପ୍ରାଣ ଉପରେ ଛାତ୍ରୀ ମାନଙ୍କୁ ଆଲୋକପାତ କରିଥିଲେ ଏବଂ ଭବିଷ୍ୟତରେ ବିଦ୍ୟାର୍ଥି ହିସାବରେ ପାଠ ପଢି ଭବିଷ୍ୟତରେ ଜଣେ ସୁନାଗରିକ ହୋଇ କିପରି ନିଜର ଅଧିକାର ଓ କର୍ତବ୍ୟ ସୁଚାରୁ ରୂପେ ସମ୍ପାଦନା କରିବା ସହିତ ଭାରତକୁ କିପରି ବିକଶିତ କରିପାରିବ ସେ ଉପରେ ସମ୍ୟକ ଧାରଣା ଦେଇଥିଲେ । ସର୍ବଶେଷରେ ମୋନଜ କୁମାର ପଟ୍ଟନାୟକ ସମସ୍ତ ଙ୍କୁ ଧନ୍ୟବାଦ୍ ଦେଇଥିଲା ବେଳେ କଲ୍ୟାଣୀ ସଂସ୍ଥା ର ସମ୍ପାଦିକା ସଭା କାର୍ଯ୍ୟ ଭଙ୍ଗ କରିଥିଲେ ।

# ସ୍ଥାୟୀ ବିକାଶ ଲକ୍ଷ୍ୟରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ତାଲିମ୍

ବଲାଙ୍ଗିର, ୨୮/୦୭ (ନି.ପ୍ର): ଗ୍ରାମ ପଂଚାୟତରୁ ବେରୋଜଗାର ଦୂର କରିବା ପାଇଁ ଗ୍ରାମସଭା, ପଲ୍ଲୀ ସଭାରେ ତଥ୍ୟ ଉପସ୍ଥାପନ କରି ପଂଚାୟତର ସମସ୍ତ କାର୍ଯ୍ୟକୁ ସଫଳ କରାଯାଇପାରିବ ସେନେଇ ଦୀର୍ଘ ସ୍ଥାୟୀ ବିକାଶ ଲକ୍ଷ୍ୟ ନିମନ୍ତେ ଦାରିଦ୍ର୍ୟ ଦୂରୀକରଣ ପାଇଁ ତାଲିମ ଶିବିର ବଲାଙ୍ଗିର ଜିଲ୍ଲା ପଂଚାୟତ ଦକ୍ଷତା ବିକାଶ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗିର ଜିଲ୍ଲା ପରିଷଦ ତରଫରୁ ଆୟୋଜିତ ଦେଓଗାଁର ଅର୍ଜୁନପୁର, ବଡବନ୍ଧ, ବଡବାହାଲ, ବ୍ରାହ୍ମଣୀଜୋର, ବନ୍ଧପଡା ତଥା ଆଗଲପୁରର ଆଗଲପୁର, ବାବୁଫାସଡ, ବୁଦୁଲା ପଂଚାୟତ ପାଇଁ ଏହି ତାଲିମ ଶିବିରରେ ଗ୍ରାମ ପଂଚାୟତର ପିଇଓ, ସରପଂଚ, ସମିତି ସଭ୍ୟ, ଆଶା କର୍ମୀ, ମହିଳା ଅଙ୍ଗନବାଡି କର୍ମୀ, ଶିକ୍ଷକ, ପ୍ରାଣୀମିତ୍ର, ବ୍ୟାଙ୍କ ମିତ୍ର, ଗ୍ରାମ ରୋଜଗାର ସେବକ, ପ୍ରାଣୀଧନ ନୀରିକ୍ଷକ, ଗ୍ରାମ୍ୟ କୃଷି କର୍ମୀ, ଉଦ୍ୟାନ କର୍ମୀ, ଗୋଷ୍ଠୀ ସାଧନ କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି, ସଂପାଦକ ତଥା ଗ୍ରାମ ପଂଚାୟତରେ ଆଗଧାଡିରେ କାର୍ଯ୍ୟ କରୁଥିବା ଲୋକମାନଙ୍କୁ ଦୀର୍ଘ ସ୍ଥାୟୀ ବିକାଶ ଲକ୍ଷ୍ୟ ଓ ଉନ୍ନତ ଜୀବିକାଯୁକ୍ତ ପଂଚାୟତ ଗଠନ କିପରି କରାଯାଇପାରିବ ସେ ସଂପର୍କରେ ତାଲିମ ପ୍ରଦାନ କରାଯାଇଥିଲା ।ତାଲିମ କାର୍ଯ୍ୟକ୍ରମରେ ତାଲିମ ପ୍ରଦାନ କରିଥିଲେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପରିଚାଳକ ଅଭିଜିତ ପଣ୍ଡା, ରାଷ୍ଟ୍ରୀୟ ଗ୍ରାମୀଣ ସଶକ୍ତିକରଣ ଅଭିଯାନର କାର୍ଯ୍ୟକ୍ରମ ପରିଚାଳକ ବିନୟ କୁମାର ସାହୁ, ଜିଲ୍ଲା ପଂଚାୟତ ଦକ୍ଷତା ବିକାଶ କେନ୍ଦ୍ର ପ୍ରଶିକ୍ଷିକା କବିତା ପ୍ରଧାନ, ମିଶନ ଶକ୍ତି କାର୍ଯ୍ୟକ୍ରମ ପରିଚାଳକ କୈଳାସ ଚନ୍ଦ୍ର ସାହୁ, ବଲାଙ୍ଗିର ବ୍ଲକର କାର୍ଯ୍ୟକ୍ରମ ପରିଚାଳକ ତିର୍ଥ ବାଗ୍ ।

# ସ୍ୱାଧୀନତା ଦିବସ-୨୦୨୩ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୨୮/୦୭ (ନି.ପ୍ର): ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ୨୦୨୩ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ସେହିଦିନ ପ୍ରତ୍ୟୁଷ ୪.୩୦ ମିନିଟ୍ ସମୟରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ପୌରାଂଚଳରେ ରାମଧୂନ୍ ପରିବେଷଣ କରାଯିବା ସହ ବିଭିନ୍ନ ବ୍ଲକ୍ ଓ ପୌରାଂଚଳରେ ଯଥାକ୍ରମେ ସଂପୃକ୍ତ ବ୍ଲକ୍‌ର ବିଡିଓ ଓ ନିର୍ବାହୀ ଅଧିକାରୀ ରାମ୍‌ଧୂନ୍ ପ୍ରଚାର କରାଇବାକୁ ନିଷ୍ପତି ହୋଇଛି । ପ୍ରଭାତଫେରୀ ପାଇଁ ସକାଳ ୬ଟା ସମୟ ସ୍ଥିର ହୋଇଥିବା ବେଳେ ବିଦ୍ୟାଳୟରେ ପତାକା ଉତୋଳନର ସମୟ ହେଉଛି ସକାଳ ୭ ଘଟିକା । ସକାଳ ୭.୩୦ ମିନିଟ୍‌ରେ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବାଣିଜ୍ୟାନୁଷ୍ଠାନ ଓ ନିଜସ୍ୱ ଗୃହ ମାନଙ୍କରେ ଜାତୀୟ ପତାକା ଉତୋଳନ କରାଯାଇ ସଂଧ୍ୟା ପୂର୍ବରୁ ସମ୍ମାନର ସହ ପତାକା ଅବତରଣ କରାଯିବ । ସକାଳ ୯.୧୫ ମିନିଟ୍ ସମୟରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତୋଳନ ଓ ପରେ ପରେ ଅଭିଭାଷଣ ପ୍ରଦାନ କରାଯିବା ସହ କୃତି ପ୍ରତିଯୋଗୀ ମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯିବ । ଏହି ଜାତୀୟ ଦିବସ କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ବାହିନୀ ବ୍ୟାଣ୍ଡ ପାର୍ଟି ତରଫରୁ ରାଷ୍ଟ୍ରୀୟ ସଙ୍ଗୀତ ପରିବେଷଣ କରାଯିବ । ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ସମ୍ବର୍ଦ୍ଧନା ପରେପରେ କଏଦୀ ମାନଙ୍କୁ ମିଷ୍ଟାନ୍ନ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ରୋଗୀ ମାନଙ୍କୁ ଫଳ ବଂଟନ କରାଯିବା ପାଇଁ ନିଷ୍ପତି ହୋଇଛି । ଜିଲ୍ଲା ଶିକ୍ଷାଧିକାରୀ ଙ୍କ ଦ୍ୱାରା ବକ୍ତୃତା, ଦେଶଭକ୍ତି ସଂଗୀତ, ଚିତ୍ରକଳା ଓ ଦଳଗତ ଦେଶଭକ୍ତି ନୃତ୍ୟ ପ୍ରତିଯୋଗିତା କରାଯାଇ କୃତି ଛାତ୍ରଛାତ୍ରୀ ଚୟନ କରାଯିବ । ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସର୍ବଶିକ୍ଷା ଅଭିଯାନ, କେନ୍ଦ୍ରାପଡ଼ାଙ୍କ ଦ୍ୱାରା ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପ୍ରତିଯୋଗିତା କରାଇବା ପାଇଁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଏହି ଜାତୀୟ ଦିବସରେ ଜିଲ୍ଲାର ବିଭିନ୍ନ ବିଭାଗ ପକ୍ଷରୁ ସରକାରଙ୍କର ବିଭିନ୍ନ ଉନ୍ନୟନ ମୂଳକ ଓ ଜନ କଲ୍ୟାଣକାରୀ ଯୋଜନା ପ୍ରଜ୍ଞାପନ ମେଢ଼ ମାଧ୍ୟମରେ ପ୍ରଦର୍ଶିତ କରିବା ପାଇଁ ସ୍ଥିର କରାଯାଇଛି । ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, ତହସିଲ୍‌ଦାର୍ ଅଞ୍ଜଳୀ ତରାଇ, ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ଧୀରେନ୍ଦ୍ର କୁମାର ନାୟକ, କେନ୍ଦ୍ରାପଡ଼ା ପୌରପରିଷଦର ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ପୂର୍ତବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ, ଡା ନୃପେନ୍ଦ୍ର କୁମାର ଶତପଥି, କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାଧୀନତା ସଂଗ୍ରାମ ସମିତିର ସଭାପତି ଶ୍ରୀ ବିଦ୍ୟାଧର ମୁଦୁଲି, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ରଞ୍ଜିତ କୁମାର ଦାସ, ଏନ୍‌ସିସି ଅଫିସର୍ ସୀମା ମହାନ୍ତି, ରିଜର୍ଭ ଇନିସ୍‌ପେକ୍ଟର ଶ୍ରୀ ହେମନ୍ତ କୁମାର ଦାସ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି, ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ବ୍ଲକ ଶିକ୍ଷାଧିକାରୀ ଓ ବହୁ ଅଧିକାରୀବୃନ୍ଦ ଯୋଗ ଦେଇଥିଲେ । ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ଅଶୋକ ବଳିଆରସିଂ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ୱାସ୍ଥ୍ୟସେବାରେ ଉନ୍ନତି ସକାଶେ ସ୍ୱାସ୍ଥ୍ୟସେବା ଅନ୍ତର୍ଗତ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଝାରସୁଗୁଡା, ୨୮/୦୭ (ନି.ପ୍ର): ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ସକାଶେ ସ୍ୱାସ୍ଥ୍ୟ ସେବା ଅନ୍ତର୍ଗତ କାର୍ଯ୍ୟକ୍ରମ ଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ଆବୋଲୀ ସୁନିଲ ନରୱଣେ ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳଙ୍କ ଅଧକ୍ଷତାରେ ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଜିଲ୍ଲାରେ ମାତୃ ଓ ଶିଶୁ ମୃତ୍ୟୁହାର, ଶିଶୁକନ୍ୟା ସଂଖ୍ୟା କମ ଥିବା ଅଂଚଳରେ ସଚେତନତା ସୃଷ୍ଟି ସହ ପ୍ରଶିକ୍ଷଣ, ଆମ ହସ୍ପିଟାଲ କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକର ଉନ୍ନତିକରଣ, ଅଣ ସଂକ୍ରାମକ ରୋଗ ଚିକିତ୍ସା,ମ୍ୟାଲେରିଆ ତଥା ଡେଙ୍ଗୁ ନିରାକରଣ ଓ ପରିବାର ନିୟୋଜନ ଆଦି ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶୀଘ୍ର ଟ୍ରମାକେଅାର ୟୁନିଟ, ମିଶନ ଶକ୍ତି କାଫେ, ପ୍ରତୀକ୍ଷାଳୟ ଓ ରୋଗୀ ପରିଚାରକଙ୍କ ସକାଶେ ବିଶ୍ରାମ ଗୃହ କାର୍ଯ୍ୟକ୍ଷମ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ମ୍ୟାଲେରିଆ ନିରାକରଣ ସକାଶେ ପ୍ରତି ଘରକୁ ଘର ବୁଲି ବଟିକା ପ୍ରଦାନ ସହ ବେଦାନ୍ତ, ଓପିଜିସି ଓ ଟି ଆର ଏଲ୍ ଆଦି ଶିଳ୍ପ ସଂସ୍ଥାମାନଙ୍କରେ ଥିବା କଲୋନୀମାନଙ୍କରେ ମଧ ସମସ୍ତେ ଯେପରି ବଟିକା ସେବନ କରିବେ ସେ ଦିଗରେ ଯତ୍ନବାନ ପୂର୍ବକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ପ୍ରଦାନ ସହ ଶିଳ୍ପ ସଂସ୍ଥା ଗୁଡ଼ିକର ଏ ଦିଗରେ ସହଯୋଗ କାମନା କରାଯାଇଛି । ଶିଶୁକନ୍ୟା ହ୍ରାସ ତଥା ମାତୃ ଓ ଶିଶୁ ମୃତ୍ୟୁହାର ସମ୍ପର୍କରେ ଆଲୋଚନା କରି ଜିଲ୍ଲାପାଳ ସବିଶେଷ ବିବରଣୀ ଦାଖଲ ପାଇଁ ଜିଲ୍ଲାପାଳ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବାହାର ରାଜ୍ୟରୁ ଆସୁଥିବା ଲୋକଙ୍କ ପାଖରେ ଡେଙ୍ଗୁ ଲକ୍ଷଣର ଆଶଙ୍କା ଥିବାରୁ ଏଥି ପ୍ରତି ସତର୍କତାର ଆବଶ୍ୟକତା ରହିଛି ବୋଲି କହିଥିଲେ । ବୈଠକରେ ଆଇଏଏସ୍ ପ୍ରସେଶନାରି, ସିଡ଼ିଏମ୍‌ଓ ଡାକ୍ତର ଡୋଳାମଣି ପଟେଲ, ଡିଏମ୍‌ଓ ତଥା ସୁପରିଟେଣ୍ଡେଂଟ ଡାକ୍ତର ମହେଶ ମୋହନ ପଣ୍ଡା, ଏଡିପିଏଚ୍‌ଓ ଡାକ୍ତର ସୁପ୍ରଭା ବାରିକ,ଡାକ୍ତର ରାଧାରମଣ ବିର୍ଡିଆ,ଡିପିଏମ ବୁଲୁନାଥ ସାହୁ,ହସ୍ପିଟାଲ ମ୍ୟାନେଜର ଅଭିଷେକଙ୍କ ସମେତ ସମସ୍ତ ସିଏଚ୍ ସି ଓ ପିଏଚ୍ ସି ର ମେଡ଼ିକାଲ ଅଫିସରମାନେ ଉପସ୍ଥିତ ଥିଲେ ।


# ମହିଳା ଓ ଶିଶୁ ବିକାଶ ବିଭାଗର ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା, ୨୮/୦୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗର ଏକ ସମୀକ୍ଷା ବୈଠକ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା ଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଡି.ଏସ.ଡବ୍ଲୁ.ଓ ସତ୍ୟଭାମା ସେଠୀ, ପିଓ ସଂଯୁକ୍ତା ମିଶ୍ର, ଡିପିସି ମମତା ମନୋରଞ୍ଜନ ଦାସ, ଡିପିସି ପୋଷଣ ସଂଜୟ ପାତ୍ରଙ୍କ ସମେତ ଜିଲ୍ଲାର ସମସ୍ତ ସିଡିପିଓ, ସୁପର ଭାଇଜର ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାରେ ଅଙ୍ଗନୱାଡି କେନ୍ଦ୍ର ଓ ପୋଷଣ ଏବଂ ମମତା ଯୋଜନା ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଥିଲା । ଜିଲ୍ଲାର କେତେକ ବ୍ଲକରେ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନଥିବା ଏବଂ ଅଧପନ୍ତରିଆ ହୋଇଥିବା ନିର୍ମାଣ କାର୍ଯ୍ୟ ଶେଷ କରିବା ଏବଂ ନୂତନ ଅଙ୍ଗନୱାଡି ଗୃହ ନିର୍ମାଣ କରିବା ସଂପର୍କରେ ଆଲୋଚନା କରାଯାଇ ଥିଲା । ଶିଶୁ ମାନଙ୍କ ପାଇଁ ମମତା ଓ ପୋଷଣ ଯୋଜନା ସଂପର୍କରେ ଆଲୋଚନା କରାଯାଇ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରାଯାଇ ଥିଲା । ଶିଶୁ ମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଉପଯୁକ୍ତ ଦୃଷ୍ଟି ଦେବା ସହିତ ଶିଶୁମାନେ ଘରୋଇ ଶିକ୍ଷାକେନ୍ଦ୍ର କୁ ନଯାଇ କିଭଳି ଅଙ୍ଗନୱାଡି କେନ୍ଦ୍ରକୁ ଯିବେ ସେଥିପ୍ରତି ଦୃଷ୍ଟି ଦେବା ପାଇଁ ଉପ ଜିଲ୍ଲାପାଳ ଶ୍ରୀ ବେହେରା ସିଡ଼ିପିଓ ଓ ସୁପର ଭାଇଜର ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ବନାନୀ କଳାସଙ୍ଗମଠାରେ କାର୍ଗିଲ ଶହୀଦମାନଙ୍କୁ ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି

କନ୍ଧମାଳ, ୨୮/୦୭ (ନି.ପ୍ର): ମିଳିତ ନାଗରିକ କମିଟି ଓ ଜିଲ୍ଲା ବରିଷ୍ଠ ନାଗରିକ ସଂଘ , କନ୍ଧମାଳ ପକ୍ଷରୁ କାର୍ଗିଲ ବିଜୟ ଦିବସ ଫୁଲବାଣୀ ବନାନୀ କଳାସଂଗମଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶହୀଦ ମାନଙ୍କୁ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଦୀପପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ମିଳିତ ନାଗରିକ କମିଟିର ଆବାହକ ଅଶୋକ ପରିଡାଙ୍କ ସଂଯୋଜନାରେ ବରିଷ୍ଠ ନାଗରିକ ନବୀନ କିଶୋର ପଣ୍ଡା, ଅବସରପ୍ରାପ୍ତ ସେନା ଅଧିକାରୀ ବିଷ୍ଣୁ ଚରଣ ମିଶ୍ର, ପ୍ରେସକ୍ଲବ ସଭାପତି ସୁନିଲ ପଟ୍ଟନାୟକ, ଆଇନଜୀବୀ ବିଜୟ କୃଷ୍ଣ ପଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କାର୍ଗିଲ ଯୁଦ୍ଧ ଓ ବିଜୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସୂଚନାଯୋଗ୍ୟ ଯେ ୧୯୯୯ ମେ ୩ତାରିଖରେ ଆରମ୍ଭ ହୋଇଥିବା କାର୍ଗିଲ ଯୁଦ୍ଧ ୨ ମାସରୁ ଅଧିକ ସମୟ ଧରି ଚାଲିଥିବା ବେଳେ ଏହି ଯୁଦ୍ଧରେ ୫୨୭ଜଣ ଭାରତୀୟ ଯବାନ ଦେଶପାଇଁ ପ୍ରାଣବଳି ଦେଇଥିଲେ । ତାପମାତ୍ରା ବିଯୁକ୍ତ ୧୦ ଡିଗ୍ରୀରେ କାର୍ଗିଲ ଯୁଦ୍ଧକରି ଦୁଇ ମାସ ପରେ ଜୁଲାଇ ୨୬ତାରିଖରେ ଭାରତୀୟ ସୈନ୍ୟ ପାକିସ୍ତାନ ସୈନ୍ୟଙ୍କ ଉପରେ ବିଜୟ ଲାଭ କରିଥିଲେ । ତେଣୁ ଭାରତୀୟ ଯବାନଙ୍କ ବଳିଦାନ, ତ୍ୟାଗ ଓ ବିଜୟ ଗାଥାକୁ ମନେ ପକାଇ ଜୁଲାଇ ୨୬ତାରିଖରେ ବନାନୀ କଳାସଙ୍ଗମଠାରେ ମିଳିତ ନାଗରିକ କମିଟି ଓ ଜିଲା ବରିଷ୍ଠ ନାଗରିକ କମିଟି କାର୍ଗିଲ ବିଜୟ ଦିବସ ପାଳନ କରାଯାଇଛି ।ଶହୀଦ ବୀର ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେମାନଙ୍କ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରାଯାଇଛି । ତତ୍କାଳୀନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳବିହାରୀ ବାଜପେୟୀଙ୍କ ଦୃଢ ପଦକ୍ଷେପକୁ ପ୍ରଶଂସା କରାଯାଇଛି ।ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସୋମନାଥ ସାହୁ,ବଂଶୀଧର ପଣ୍ଡା, ନବ କିଶୋର ରଥ,ରାଜ କିଶୋର ପାଢ଼ୀ ପ୍ରମୁଖ ଶହୀଦ ଯବାନଙ୍କ ପ୍ରାଣବଳୀକୁ ସମ୍ମାନ ଜଣାଇ ବିଜୟ ପାଇଁ ଶ୍ରେୟ ଦେଇଥିଲେ ।ବିଜୟ ଦିବସରେ ଜୟସେନ ପରିଡା,ମନୋଜ ଚୌଧୁରୀ, ପ୍ରଶନ୍ନ ପଣ୍ଡା ,ବିକାଶ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ।

# ଡାକ୍ତର କିରଣ ଗୁଈଁଙ୍କ 'ପଥିକର ଅନୁଚିନ୍ତା' ପୁସ୍ତକ ଲୋକାର୍ପିତ



ଭଦ୍ରକ, ୨୮/୦୭ (ନି.ପ୍ର): ଜଣେ ଚିକିତ୍ସକ ଯେ କେବଳ ରୋଗ ନିରୂପଣ କରି ସମାଜର ସେବା କରେ ତାହା ନୁହେଁ, ସେ ମଧ ବର୍ତ୍ତମାନର ଅବକ୍ଷୟମୁଖୀ ମାନବ ସମାଜରେ ସ୍ନେହ, ପ୍ରେମ ସଂଚାର ପୂର୍ବକ ବିଭିନ୍ନ ଧର୍ମର ଜୟଗାନ କରିଥାଏ। ତାହା ଡାକ୍ତର କିରଣ ଗୁଈଁଙ୍କ ଦ୍ୱାରା ରଚିତ ପୁସ୍ତକ 'ପଥିକର ଅନୁଚିନ୍ତା' ରୁ ଅନୁଭବ କରିହୁଏ। କେବଳ ଜଣେ ଡାକ୍ତର ନୁହଁନ୍ତି ଜଣେ ସାହିତ୍ୟିକ ଭାବେ ତାଙ୍କର ଏହି ପୁସ୍ତକ ଓଡ଼ିଶାର ସାଧନା ସାହିତ୍ୟ ଏକାଡେମୀ ଦ୍ୱାରା ଉନ୍ମୋଚିତ ହୋଇଛି ଭଦ୍ରକର କୁଆଁସ୍ଥିତ ସାଧନା ପୀଠରେ। ଏହି ମନୋଜ୍ଞ ଲୋକାର୍ପଣ ଓ କବିତା ପାଠୋତ୍ସବରେ ଅନୁଷ୍ଠାନର ସାଧାରଣ ସଂପାଦକ ପଣ୍ଡିତ ଦୈତ୍ୟାରି ମହାପାତ୍ର ସଭା ପରିଚାଳନା କରି ଏକାଡେମୀର ସଭାପତି ଦିବଂଗତ ବିଧାୟକ ବିଷ୍ଣୁଚରଣ ସେଠୀଙ୍କ ସଂପର୍କରେ ସ୍ମୃତିଚାରଣ କରି ଅନୁଷ୍ଠାନର ସଂପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ଇଂ ଅଭୟ ସୁତାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବ ପ୍ରାରମ୍ଭରେ ଅଖଣ୍ଡ ଭାରତ ବ୍ରାହ୍ମଣ ପରିଷଦର ସାଧାରଣ ସଂପାଦକ ସଂଜୟ ପାଢ଼ୀଶର୍ମାଙ୍କ ନେତୃତ୍ୱରେ ବିପ୍ରମାନଙ୍କ ଦ୍ୱାରା ବେଦ ଓ ଉପନିଷଦ ପାଠ କରାଯାଇଥିଲା। ସାଂସ୍କୃତିକ ସଂପାଦିକା ରଶ୍ମିତା ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଏକାଡେମୀର କାର୍ଯ୍ୟକାରୀ ସଦସ୍ୟ ଶରତ ଚନ୍ଦ୍ର ଜେନା ଅତିଥିମାନଙ୍କୁ ମଂଚ ଆମନ୍ତ୍ରଣ କରିଥିଲେ। ଅନୁଷ୍ଠାନର ସଂଗଠନ ସଂପାଦକ କବି ପ୍ରମୋଦ ରାୟ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ଭାବେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ସ୍ମିତପ୍ରଜ୍ଞଙ୍କ ଦ୍ୱାରା ଡ. ଗୁଈଙ୍କ ପୁସ୍ତକଟି ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ବିଧାୟକ ଶ୍ରୀ ସୂରଜ ନିଜ ବକ୍ତବ୍ୟରେ ପିତାଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ସାଧନା ସାହିତ୍ୟ ଏକାଡେମୀର ବିକାଶ ଦିଗରେ ସମସ୍ତ ସହଯୋଗ ଓ ସଦିଚ୍ଛା ରହିବ ବୋଲି ସୂଚାଇ ଆଗାମୀ ଦିନରେ ଏହା କିପରି କେବଳ ଆମ ରାଜ୍ୟ ନୁହେଁ, ସମଗ୍ର ଭାରତବର୍ଷରେ ସୁନାମ ଅର୍ଜନ କରିବ, ସେ ଦିଗରେ ପୂର୍ଣ୍ଣ ସହଯୋଗ କରିବେ ବୋଲି କହିଥିଲେ। ଏହି ଉତ୍ସବରେ ବରେଣ୍ୟ ଅତିଥି ଭାବେ ପ୍ରଫେସର ଗୋଲକ ବିହାରୀ ସାହୁ, ପ୍ରାକ୍ତନ ଅଧକ୍ଷ ରାମଚନ୍ଦ୍ର ପଣ୍ଡା, ଶିଶୁ ସାହିତ୍ୟିକ ଡ. ମନୀନ୍ଦ୍ର ମହାନ୍ତି, ପ୍ରାକ୍ତନ ଅଧକ୍ଷ ପବିତ୍ର ପାଣିଗ୍ରାହୀ, ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ପ୍ରଧାନ ଆଚାର୍ଯ୍ୟ ଭାଗବତ ମହାଳିକ ପ୍ରମୁଖ ଯୋଗଦେଇ ସାଧନା ସାହିତ୍ୟ ଏକାଡେମୀର ଏଭଳି ମହାନ୍ ପ୍ରୟାସକୁ ଭୂୟସୀ ପ୍ରଶଂସା କରିବା ସହିତ ଡ. ଗୁଈଙ୍କ ପୁସ୍ତକ ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଡାକ୍ତର କିରଣ ଚନ୍ଦ୍ର ଗୁଈଁ, ସାହିତ୍ୟିକ ବିଭୂତି ଭୂଷଣ ସେନାପତି, ଶିକ୍ଷକ ନିରଂଜନ ବାରିକ ଓ କବୟିତ୍ରୀ ଦମୟନ୍ତୀ ରାଉତଙ୍କୁ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ଉଷାରାଣୀ ଗୁଈଁ କାର୍ଯ୍ୟକ୍ରମରେ ସହଯୋଗ କରିଥିବାବେଳେ ଅଧାପିକା ମମତା ସାହୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଭଦ୍ରକର ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ମୁହଁ ଖୋଲିଲେ ପୂର୍ବତନ ସରପଂଚ : ବାଧ୍ୟତାମୂଳକ ଶିକ୍ଷା ବ୍ୟବସ୍ଥାର ବୟସ ୧୮ ବର୍ଷକୁ ବୃଦ୍ଧି ପାଇଁ କରିଲେ ଦାବି

ଉଦଳା , ୨୮/୦୭ (ନି.ପ୍ର): ଓଡ଼ିଶା ସରକାର ମାଗଣା ଓ ବାଧତା ମୂଳକ ଶିକ୍ଷା ବ୍ୟବସ୍ଥାର ବୟସ ସିମାକୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ରଖିଛନ୍ତି । ଫଳରେ ୧୪ ବର୍ଷ ବୟସ ପରେ ବହୁ ପିଲା ପାଠ ପଢ଼ା ଛାଡ଼ି ଦେଉଥିବାର ଦେଖିବାକୁ ମିଳିଛି । ତେଣୁ ଏହି ବୟସ ସିମାକୁ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ କପ୍ତିପଦା ଗ୍ରାମପଂଚାୟତର ପୂର୍ବତନ ସରପଂଚ ରେଣୁବାଳା ପାତ୍ର ଦାବି ଜଣାଇଛନ୍ତି । ସେ ଆହୁରି ମଧ କହିଛନ୍ତି ବିଶେଷ କରି ଏହି ବୟସର ଝିଅ ମାନେ ବେଶୀ ମାତ୍ରାରେ ପାଠ ପଢ଼ା ଛାଡୁଛନ୍ତି । ପାଠ ସହିତ ଏହି ବୟସର ପିଲାଙ୍କୁ ବାନ୍ଧି ନରଖିବା ଫଳରେ ବାଲ୍ୟ ବିବାହ ମାତ୍ରା ବଢ଼ିବାରେ ଲାଗିଛି । ମାଗଣା ଓ ବାଧତା ମୂଳକ ଶିକ୍ଷା ବ୍ୟବସ୍ଥାର ବୟସ ସୀମାକୁ ରାଜ୍ୟ ସରକାର ୧୮ ବର୍ଷ ବୟସକୁ ବୃଦ୍ଧି କଲେ ବାଲ୍ୟ ବିବାହର ମାତ୍ରା କମିଯିବା ସହିତ ପିଲାଙ୍କ ପାଇଁ ପାଠ ପଢ଼ାର ଭଲ ପରିବେଶଟିଏ ତିଆରି ହୋଇଯିବ ବୋଲି ମତ ଦେଇଛନ୍ତି । ଆସନ୍ତା ଶିକ୍ଷା ବର୍ଷ ଠାରୁ ଏହାକୁ ଲାଗୁ କରିବା ପାଇଁ ରେଣୁବାଳା ଦାବି କରିଛନ୍ତି ।

# ଥାନାରୁ ନ୍ୟାୟ ନପାଇ ନିର୍ଯ୍ୟାତିତାଙ୍କ ପରିବାର ସୁରକ୍ଷା ପାଇଁ ଏସ୍‌ପିଙ୍କୁ ଭେଟିଲେ

## ତଦନ୍ତ ପାଇଁ ଏସ୍‌ଡିପିଓ ନିଯୁକ୍ତ, ଆମରଣ ଅନଶନ ଚେତାବନୀ



ଭଦ୍ରକ, ୨୮/୦୭ (ନି.ପ୍ର): ପୂର୍ବ ପୁରୁଷରୁ ପୁରୁଷାନୁକ୍ରମେ ରହିଆସୁଥିବା ଏକ ପରିବାର ଅନ୍ୟ ଗ୍ରାମରୁ ଉଠିଆସି ଘର କରିଥିବା ଅନ୍ୟ ଏକ ପରିବାର ଦ୍ୱାରା ନିର୍ଯ୍ୟାତନାର ସମ୍ମୁଖୀନ ହୋଇଆସୁଥିଲେ ମଧ ସ୍ଥାନୀୟ ପୁଲିସ୍ ସେମାନଙ୍କୁ ନ୍ୟାୟ ନଦେଇ ସେମାନଙ୍କୁ ଘଣ୍ଟ ଘୋଡାଇବା ପ୍ରତିବାଦରେ ଆଜି ସେମାନେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଶରଣାପନ୍ନ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ତେବେ ଏହି ନିର୍ଯ୍ୟାତିତା ପରିବାର ପକ୍ଷରୁ ଶୋଭାବତୀ ଦାସ ଆରକ୍ଷୀ ଅଧୀକ୍ଷକଙ୍କୁ ଦେଇଥିବା ଅଭିଯୋଗ ପତ୍ର ମୂଳେ ତାଙ୍କ ପରିବାର ଧୁଷୁରୀ ଥାନା ଅଧୀନସ୍ଥ ଖପରପଦା ପଞ୍ଚାୟତର ଲେଙ୍କାସାହିରେ ପୁରୁଷାନୁକ୍ରମେ ରହିଆସୁଛନ୍ତି। ମାତ୍ର ତିହିଡି ଥାନା ଅଧୀନସ୍ଥ ଇଶ୍ୱରପୁର ନିବାସୀ ଉଗ୍ରସେନ ମଳିକ ନାମକ ଜଣେ ବ୍ୟକ୍ତି ଗତ ୨୫ ବର୍ଷ ପୂର୍ବେ ତାଙ୍କ ଘର ପାଖରେ ଜମି କିଣି ରହିଥିଲେ। କିନ୍ତୁ ଉଗ୍ରସେନଙ୍କ ପରିବାର ମୂଳ ବାସିନ୍ଦା ଶୋଭାବତୀଙ୍କ ସ୍ୱାମୀ ସନାତନ ଦାସଙ୍କ ପୈତୃକ ସ୍ଥାନକୁ ସ୍ଥାନୀୟ କେତେକ କୁଚକ୍ରୀ ବ୍ୟକ୍ତିଙ୍କ ପ୍ରରୋଚନାରେ ଜୋର ଜବରଦସ୍ତ ଦଖଲ କରିଥିଲେ। ଫଳରେ ସନାତନ ଏହାର ପ୍ରତିବାଦ କରିବାରୁ ଉକ୍ତ ପରିବାର ସେମାନଙ୍କ ପ୍ରତି ଅଶ୍ଳୀଳ ଭାଷା ପ୍ରୟୋଗ ପୂର୍ବକ ହତ୍ୟା କରିବାର ଚେତାବନୀ ଦେଇଥିଲେ। ଯେଉଁଥିପାଇଁ ସନାତନଙ୍କ ପତ୍ନୀ ଶୋଭାବତୀ ସ୍ଥାନୀୟ ଧୁଷୁରୀ ଥାନାରେ ସମସ୍ତ ଅଭିଯୁକ୍ତଙ୍କ ନାମରେ ଏକ ମାମଲା ରୁଜୁ କରିଥିଲେ। ପ୍ରଥମେ ପୁଲିସ୍ ଉଭୟପକ୍ଷଙ୍କୁ ଡକାଇ ଘଟଣାର ସମାଧାନ କରିଥିଲେ ମଧ ଉଗ୍ରସେନଙ୍କ ପରିବାର ଥାନାରେ ସହମତି ପ୍ରକାଶ କରି ପରବର୍ତ୍ତୀ ସମୟରେ ପୂର୍ବପରି ନିର୍ଯ୍ୟାତନା ଦେଇଥିଲେ। ସନାତନ ଏ ଘଟଣା ସଂପର୍କରେ ପୁଲିସ୍‌କୁ ପଚାରିବାରୁ ସେମାନେ ଓଲଟି ତାଙ୍କୁ ଧମକ ଚମକ ଦେଇ ଘଟଣାର ରଫାଦଫା କରିବାକୁ କହିଥିଲେ। ଫଳରେ ସନାତନ ଏ ସଂପର୍କରେ ଏସ୍‌ପିଙ୍କ କାର୍ଯ୍ୟାଳୟରେ ସୂଚନା ଅଧିକାର ଆଇନ୍ ମୂଳେ ତଥ୍ୟ ମାଗିଥିଲେ ମଧ ସଂପୃକ୍ତ ଅଧିକାରୀ ତାଙ୍କୁ ଭୁଲ୍ ତଥ୍ୟ ପ୍ରଦାନ କରିଥିଲେ। ଯାହାକୁ ନେଇ ସନାତନଙ୍କ ପରିବାର ଭୟଭୀତ ହୋଇ ଆଜି ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ସନାତନଙ୍କ ପତ୍ନୀଙ୍କ ଅଭିଯୋଗ ପତ୍ର ମୂଳେ ସମସ୍ତ ବିଷୟ ଅବଗତ ହୋଇ ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଜଣେ ଏସ୍‌ଡିପିଓଙ୍କୁ ନିଯୁକ୍ତ କରିଥିବାର ଜଣାପଡିଛି।


C-930

OFFICE OF THE MUNICIPAL COUNCIL, BHADRAK
BHADRAK-756100 (ODISHA)
Tel.No. 06784-251519(O), Fax No. 06784-251221
E-mail:-eobdkmunicipality@gmail.com

Letter No. 5135 Date 26/07/2023

QUOTATION CALL NOTICE

1. Name of the work : "Hiring of Private 53 No's (Fifty Three) of Light Commercial Vehicle (LCV) preferably TATA ACE/Force/Mahindra or Equivalent hydraulic Hopper tipper dumper of BS _VI vehicle emission compliance with capacity of 2 cum and above having two company built separate container of dry & wet waste compartments/tipper body with mike announcement using pre-recorded voice / GPS tracking system including driver and one manpower each per vehicle for door to door collection of segregated waste from households in SWM work of Bhadrak Municipality on monthly hire basis"
2. Date of sale of bid document : From 10.00 AM dt.1.8.23 up to 5.00 PM of dt.16.8.23
3. Last date & time of receipt of bid documents : Up to 12.00 Noon of dt.19.8.23
4. Date and time of opening of bid documents : At 12.30 PM of dt.19.8.23
5. Mode of deposit towards cost of Bid document & EMD : As per detailed quotation call notice
6. Name and address of the Officer Inviting quotation : Executive Officer, Bhadrak Municipality, Bhadrak.

Further details can be had from the web site "www.bhadrakmunicipality.nic.in" from 10.00 AM of dt.1.8.23 to 5.00 PM of dt.16.8.23 or from the office of the undersigned during office hours on all working days.

OIPR: 13152/11/0004/2324

Executive Officer
Bhadrak Municipality


# ଅଗଷ୍ଟ ୧ରେ ସମ୍ବଲପୁରୀ ଦିନ ପାଳିବ ପଶ୍ଚିମାଂଚଳ ଏକତା ମଂଚ

ସମ୍ବଲପୁର /ଭୁବନେଶ୍ୱର, ୨୮/୦୭ (ନି.ପ୍ର): ଦିନକୁ ଦିନ ସମ୍ବଲପୁରୀ ଦିନ୍ ପଶ୍ଚିମାଂଚଳ ବାସୀଙ୍କର ଅସ୍ମିତାର ଦିନ ଭାବେ ଗ୍ରହଣୀୟ ହୋଇଚାଲିଛି । ଚଳିତ ବର୍ଷ ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ଖୋଲା ମଂଚ ରେ ସମ୍ବଲପୁରୀ ଦିନ ପାଳନ ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ସମ୍ବଲପୁରୀ ସଂସ୍କୃତି ର ପୁରୋଧା ଗୁରୁଶ୍ରୀ ସତ୍ୟ ନାରାୟଣ ବହିଦାରଙ୍କ ର ଜନ୍ମଶତବାର୍ଷିକୀ ୨୦୧୩ ରେ ପଶ୍ଚିମାଂଚଳ ଏକତା ମଂଚ ଗଠନ କରାଯାଇ ଅଗଷ୍ଟ - ୧ ତାରିଖ ରେ ସମ୍ବଲପୁରୀ ଦିନ ଭାବରେ ପାଳନ ଆରମ୍ଭ ହୋଇ ଚଳିତ ବର୍ଷ ୧୧ ବର୍ଷରେ ପଦାର୍ପଣ କରିବାକୁ ଯାଉଛି । ଗୁରୁଶ୍ରୀ ବହିଦାର ସମ୍ବଲପୁରୀ ସାଧକ କବି କଳାକାର ମାନଙ୍କୁ ଏକଜୁଟ କରିବା ସହ ଭାଷା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସାରା ଜୀବନ ବଳିଦାନ ଦେଇଥିଲେ। ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ସମ୍ବଲପୁର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ତାଙ୍କର ଜନ୍ମଦିନ ରେ ସମ୍ବଲପୁରୀ ଦିନ ଭାବରେ ଆୟୋଜନ କରିଆସୁଛି। ମଂଚ ସମ୍ବଲପୁର ରେ ପ୍ରତି ବର୍ଷ ରାଜ୍ୟ ସ୍ତରୀୟ ସମ୍ବଲପୁରୀ ଦିନର ଆୟୋଜନ କରିଆସୁଛି। ସ୍ଥାନୀୟ ମହାନଦୀ କ୍ଲବ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ସମ୍ବଲପୁରୀ ଦିନର ଆୟୋଜନ ଉପରେ ସୂଚନା ଦିଆଯାଇଥିଲା । ଜୁଲାଇ ୩୦ ତାରିଖରେ ତମନ୍ନା ଫାଉଣ୍ଡେସନ ପକ୍ଷରୁ ରଙ୍ଗୋଲି, ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯିବ। ସେହିଦିନ ବାଇକ ରେଲି ପାଇଁ ଯୋଜନା କରାଯାଇଛି। ସମ୍ବଲପୁରୀ ଦିନ ଅବସରରେ ତାଲବ ଗାଁରେ ରକ୍ତଦାନ ଶିବିର ଅନୁଷ୍ଠିତ ହେବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ଓଏସ୍ଏସ୍‌ସି ପ୍ରଶ୍ନ ପତ୍ର ....

ଏକ ବିବାଦୀୟ ସ୍ଥିତିରେ ଓଡିଶା ଷ୍ଟାଫ୍ ସିଲେକ୍ସନରେ ନିଯୁକ୍ତି ଦିଆଯାଇଥିଲା । ସେହିଭଳି ସେଠାରେ ଜଣେ ସଦସ୍ୟଙ୍କର ବ୍ୟକ୍ତିଗତ ସହାୟକ "ମନି ଫର୍ ଜବ୍" ର୍ୟାକେଟରେ ସାମିଲ ଥାଇ ପ୍ରଶ୍ନ ପତ୍ର ବିକ୍ରି କରି ଧରାପଡିଥିଲେ । ତେଣୁ ଏହି ତିନି ଜଣଙ୍କୁ ତୁରନ୍ତ ସରକାର ବହିଷ୍କାର କରିବା ଦରକାର । ବିଜୁ ଜନତା ଦଳର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ନେତାମାନେ ଯେଉଁମାନେ ସଚିବଙ୍କ ଚାଟୁକାରିତା କରିବାକୁ ରାଜନୀତି ଭାବନ୍ତି, ସଚିବଙ୍କ ଫଟୋକୁ ଟ୍ୱିଟରରେ କିଏ ଆଗେ ପକାଇବ ତାକୁ ନେଇ ପ୍ରତିଯୋଗିତା କରନ୍ତି ସେମାନେ ଆଜି ଦିନରେ ଓଡିଶାର ୨୦ ରୁ ୩୦ ବର୍ଷର ଯୁବକ ଯୁବତୀଙ୍କ ଦୁଃଖ ବୁଝିପାରି ନାହାନ୍ତି । ସେଥିପାଇଁ ସେମାନେ ଓଡିଶାର ଶିକ୍ଷିତ ଚାକିରୀ ଆଶାୟୀ ବେକାରୀମାନଙ୍କ ପ୍ରତି ଅପଶବ୍ଦ ପ୍ରୟୋଗ କରୁଛନ୍ତି । ଓଡିଶାରେ ସରକାରୀ ନିଯୁକ୍ତିରେ ଦୁର୍ନୀତି ନବୀନ ବାବୁଙ୍କର ୨୩ ବର୍ଷର ଶାସନରେ କଳଙ୍କର ଟୀକା ହୋଇ ରହିଥିବ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ଉପସ୍ଥିତ ଥିଲେ । ବାଲେଶ୍ୱର ପ୍ରଶ୍ନପତ୍ର ଲିକ୍ ଘଟଣାରେ ଆକ୍ସନ ମୋଡରେ ପୁଲିସ୍। ଲିକ୍ ପ୍ରଶ୍ନ ପତ୍ରରେ ସମ୍ପୃକ୍ତ ୮୮ ପରୀକ୍ଷାର୍ଥୀଙ୍କୁ ଆଜୀବନ ବ୍ୟାନ୍ ଲାଗି ଓଏସ୍ଏସ୍‌ସିକୁ ସୁପାରିଶ କରିଛନ୍ତି ବାଲେଶ୍ୱର ଏସପି। ସେପଟେ ଡଝଝଉକୁ କାହିଁକି ତଦନ୍ତ ପରିସରଭୁକ୍ତ କରାଯିବନି ବୋଲି ପ୍ରଶ୍ନ ଉଠାଇଛନ୍ତି ପରୀକ୍ଷାର୍ଥୀ ଓ ପୂର୍ବତନ ପୁଲିସ୍ ଅଧିକାରୀ। ଆଉ ବିରୋଧୀ ଘଟଣାରେ ସରକାରଙ୍କ ତଦନ୍ତକୁ କଡା ସମାଲୋଚନା କରି ସତସାହସ ଥିଲେ ସିବିଆଇ କିମ୍ବା ଏସଆଇଟି ସ୍ତରୀୟ ତଦନ୍ତ ପାଇଁ ଦାବି କରିଛନ୍ତି। ଖାଲି ସେତିକି ନୁହେଁ ମୁଖ୍ୟ ଅଭିଯୁକ୍ତ ବୀରେନ୍ଦ୍ର ସିଂ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଲାଗି ସେ ଚାକିରୀ କରୁଥିବା ପାଟନା ଆକାଉଣ୍ଟାଣ୍ଟ ଜେନେରାଲଙ୍କୁ ବି ଚିଠି ଲେଖିଛନ୍ତି ବାଲେଶ୍ୱର ଏସପି। ଗିରଫ ହୋଇଥିବା କନ୍ଧମାଳର ଶିକ୍ଷକ ଗୋବିନ୍ଦ ତ୍ରିପାଠୀ ଓ ଯାଜପୁରର ଶିକ୍ଷକ ସୁଶାନ୍ତ ସାହୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ବି ଦୁଇ ଜିଲ୍ଲାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏସପି ଚିଠି ଲେଖିଛନ୍ତି। ଆବଶ୍ୟକ ହେଲେ ରାଜ୍ୟ ବାହାରର ଯେଉଁ ପ୍ରିଣ୍ଟିଂ ପ୍ରେସରୁ ପ୍ରଶ୍ନପତ୍ର ଲିକ୍ ହୋଇଥିଲା ,ସେଠାକାର ସିସିଟିଭି ଫୁଟେଜ୍ ଚେକ୍ କରାଯିବା ସହ ପ୍ରେସ୍ ମାଲିକଙ୍କୁ ବି ତଦନ୍ତ ପରିସର ଭୁକ୍ତ କରାଯିବ ବୋଲି ସୂଚନା ଦେଇଛନ୍ତି ଏସପି ସାଗରିକା ନାଥ। ତେବେ ଏଠି ପ୍ରଶ୍ନ ଉଠୁଛି ଏତେ ବଡ ସ୍କାମ୍ ରେ ଓଏସ୍ଏସ୍‌ସି କାହିଁକି ତଦନ୍ତ ପରିସରଭୁକ୍ତ ନହେବ ଓଏସ୍ଏସ୍‌ସି କର୍ମଚାରୀଙ୍କ ବିନା ସମ୍ପୃକ୍ତିରେ ପ୍ରଶ୍ନ ପତ୍ର ଲିକ୍ ହେବା କଣ ସମ୍ଭବ ? ସେପଟେ ଓଏସ୍ଏସ୍‌ସି ପ୍ରଶ୍ନ ପତ୍ର ଲିକ୍ ଘଟଣାକୁ ନେଇ ସରକାରଙ୍କୁ ଘେରିଛନ୍ତି ବିରୋଧୀ। ବିଜେପି ରାଜ୍ୟ ସଭାପତି ସିଧାସଳଖ ଟାର୍ଗେଟ କରି ରାଜ୍ୟ ସରକାରଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ଲଗାଇଛନ୍ତି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି,ସରକାରଙ୍କ ଯଦି ସତସାହସ ଅଛି ତେବେ ନିରପେକ୍ଷତା ପାଇଁ ସିବିଆଇକୁ ତଦନ୍ତ ଭାର ଦିଅନ୍ତୁ। ନଚେତ୍ ଏହାର ସିବିଆଇ ତଦନ୍ତ କିପରି ହେବ ସେଥିନିମନ୍ତେ ବିଜେପି ପଦକ୍ଷେପ ନେବ। କଂଗ୍ରେସ ବି ସମାନ ଢଙ୍ଗରେ ଆକ୍ରମଣ କରି ଘଟଣାର ଏସ୍ଆଇଟି ତଦନ୍ତ ଦାବି କରିଛି। କେନ୍ଦ୍ର ଆଡ଼କୁ ପରୋକ୍ଷରେ ଅଙ୍ଗିତ କରି ବିଜେଡି କହିଛି, ଘଟଣାର ମାଷ୍ଟର ମାଇଣ୍ଡ ବୀରେନ୍ଦ୍ର ସିଂ କେନ୍ଦ୍ର ସରକାରଙ୍କ କର୍ମଚାରୀ। ସେଣ୍ଟ୍ରାଲ ଷ୍ଟାଫ୍ ସିଲେକ୍ସନରେ ମଧ୍ୟ ଏହି ରାକେଟ୍ ସମ୍ପୃକ୍ତ। ତେଣୁ ପୁଲିସ୍ ତଦନ୍ତ ଠିକ୍ ବାଟରେ ଚାଲିଛି, ରାଜନୀତି କରାନଯାଉ ବୋଲି ଦଳ କହିଛି। କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର କହିଛନ୍ତି, ବିନା ଓଏସ୍ଏସ୍‌ସି ଭିତିରି ସହଯୋଗ ବିନା ପ୍ରଶ୍ନପତ୍ର ଲିକ୍ ହେବା ମୁସକିଲ। ତେଣୁ ହାଇକୋର୍ଟର ଜଣେ ବିଚାରପତିଙ୍କ ନିରୀକ୍ଷଣରେ ଘଟଣାର ଏସ୍ଆଇଟି ତଦନ୍ତ କରାଯାଉ। ବିରୋଧୀଙ୍କ ବିରୋଧକୁ ସମାଲୋଚନା କରି ବିଜେଡି ମୁଖପାତ୍ର ଗୌତମ ବୁଦ୍ଧଦାସ କହିଛନ୍ତି, ଯେଉଁ ମୁଖ୍ୟ ଅଭିଯୁକ୍ତ ଧରାପଡ଼ିଛି ସେ କେନ୍ଦ୍ର ସରକାରଙ୍କ କର୍ମଚାରୀ। ତେଣୁ ଏହି ଘଟଣାକୁ ନେଇ ବିଜେପି ପ୍ରଥମେ ରାଜନୀତି କରିବା ବନ୍ଦ କରୁ। ସୂଚନା ଥାଉକି, ଏହି ମାମଲାରେ ଏଯାଏଁ ୧୭ ଜଣଙ୍କୁ ଗିରଫ କରାଯାଇଛି। ତେବେ ଦେଖିବାର କଥା ବାଲେଶ୍ୱର ଏସପିଙ୍କ ସୁପାରିସ୍ ପରେ ଓଏସ୍ଏସ୍‌ସି ସମ୍ପୃକ୍ତ ୮୮ ପରୀକ୍ଷାର୍ଥୀଙ୍କ ଉପରେ କେବେ ବ୍ୟାନ୍ ଲଗାଉଛି। ଆଉ ଓଏସ୍ଏସ୍‌ସିକୁ ତଦନ୍ତ ପରିସରଭୁକ୍ତ କରାଯାଉଚି ନା ନାହିଁ।

## ବିଜେଡି ଓ ମୁଖ୍ୟମନ୍ତ୍ରୀଙ୍କ ....

ଗୁଣ୍ଡା ଲଗେଇ ଏଠାରେ ସମସ୍ତଙ୍କୁ ଧମକାଇ ସବୁ କାମ ନିଜେ କରୁଥିଲା । ଏଭଳିକି ବାଲି ବେପାର, ଆସ୍ ପରିବହନ ଓ ଅନ୍ୟାନ୍ୟ ଟ୍ରାନ୍ସପୋର୍ଟରେ ତାଙ୍କର ଗାଡ଼ି ଲାଗୁଥିଲା ଓ ଧମକଚମକ ଦେଇ ଆଉ କାହାର ଗାଡ଼ି ଚଲେଇ ଦେଉନଥିଲା । ତେଣୁ ସେଭଳିଆ ଲୋକ ଯଦି ବଂଚି ରୁହେ ତେବେ ସମାଜର ଅରାଜକତା ବଢ଼ିଯିବ । ୨୦୦୯ ମସିହାରୁ ଝାରସୁଗୁଡ଼ା ଜିଲ୍ଲାରେ ଏଏସଆଇ ଭାବେ କାର୍ଯ୍ୟରତ ଥିଲି । ବଡ଼ମାଳ ଥାନାରେ ପୋଷ୍ଟିଂ ହୋଇଥିବାବେଳେ ୨୦୧୪ ନିର୍ବାଚନ ଆଗରୁ ଏମଭି ଚେକିଂ କରୁଥିବା ସମୟରେ ନବ ଦାସଙ୍କ ଆଗରେ ଯାଉଥିବା ଗାଡ଼ିକୁ ଅଟକାଇ ଚେକିଂ କରିଥିଲି । ସେତେବେଳେ ସେହି ଗାଡ଼ିରେ କାର୍ଟୁନ ଭିତରେ ଟଙ୍କା ଦେଖିବାକୁ ପାଇଥିଲି । ସେଇଟା କାହା ଟଙ୍କା, କୁଆଡ଼େ ନେଉଛ ବୋଲି ପଚାରିବାରୁ ନବ ଦାସ ଅନ୍ୟ ଗାଡ଼ିରୁ ଓହ୍ଲାଇ ଆସି ନାଲି ଆଖି ଦେଖାଇ ବିରକ୍ତି ପ୍ରକାଶ କରିଥିଲେ । ତା'ପରେ ନବ ଦାସଙ୍କ ପିଲାମାନେ ଏବାବଦରେ ତୁମେ ପଡ଼ ନାହିଁ ବୋଲି କହିବାରୁ ଡରି ଯାଇ ତାଙ୍କ ଗାଡ଼ିକୁ ଛାଡ଼ି ଦେଇଥିଲି । ନବ ଦାସଙ୍କ ପିଲାମାନେ ବହୁ ଆଇନ ବିରୁଦ୍ଧ କାମ କରୁଥିଲେ । ଲୋକଙ୍କ ପ୍ରତି ଅନ୍ୟାୟ କରୁଥିଲେ । ପୁଲିସ ବିଭାଗରେ ଥିବାରୁ ଏସବୁ କାରନାମାକୁ ସହି ପାରୁନଥିଲି, ତେଣୁ ତାଙ୍କର କିଛି ପିଲାଙ୍କୁ ବାଡ଼ାବାଡ଼ି କରିଥିଲି । ସେଥିପାଇଁ ନବ ଦାସ ମୋ ଉପରେ ରାଗି ଯାଇଥିଲେ । ତାଙ୍କର ପିଲାମାନେ ମୋତେ ଦେଖିନେବେ ବୋଲି ଧମକ ଦେଇଥିଲେ । କିଛିଦିନ ତଳେ ମୋର ବଡ଼ଭାଇ, ମୁଁ ଓ ମନୋଜ ବରିହା ମିଶି ଭୋଜିଭାଜ କରୁଥିଲୁ । ସେଠାରେ ମନୋଜ ବରିହା କହିଥିଲା ଦାଦା(ନବ ଦାସ) ତୁମ ଉପରେ ରାଗିଛନ୍ତି । ତୁମେ ଟିକେ ଦେଖିକି ଚଳିବ । ତୁମ ଜୀବନ ପ୍ରତି ବିପଦ ଅଛି । ସେହି କଥାଶୁଣି ମୋ ପ୍ୟାଣ୍ଟରେ ଝାଡ଼ା ପରିସ୍ରା ପଡ଼ିଗଲା । ତେଣୁ ଧୀରେ ଧୀରେ ଜୀବନକୁ ଭୟ ଆସିଲା । କିଛିଦିନ ତଳେ ମନ୍ତ୍ରୀଙ୍କ ପିଲାମାନେ କ୍ୱାଟର୍ସ ଆଗରେ ରାତିରେ ପରିସ୍ରା କରି ଗାଳି ଗୁଲଜ କରିଥିଲେ । ଆଜି ନହେଲେ କାଲି ମୋତେ ମାରିଦେବେ ବୋଲି ଭାବି ମୋତେ ମାରିବା ଆଗରୁ ତାଙ୍କୁ ମାରିବି ବୋଲି ନିଷ୍ପତ୍ତି ନେଲି । କ'ଣ ପାଇଁ ନବ ଦାସଙ୍କୁ ମାରିଲି ତା'ର କାରଣ ୨୫ରୁ ୩୦ଟି ଛୋଟ ମେଡ଼ିସିନ ପ୍ରେସକ୍ରିପସନ କାଗଜରେ ଲେଖିଥିଲି । ଏସବୁ କଥା ଲୋକଲୋଚନକୁ ଆଣିବା ପାଇଁ ଆଗରୁ କାଗଜରେ ଲେଖିଥିଲି । ଘଟଣାଦିନ ସେହି କାଗଜଗୁଡ଼ିକ ମୋ'ର ଅନ୍ତବସ୍ତ୍ର ଭିତରେ ଲୁଚେଇ ରଖିଥିଲି । ନିଜେ ବଂଚିବାକୁ ଯାଇ ତାଙ୍କୁ ଗୁଳି କରି ମାରିଦେଲି ବୋଲି ଗୋପାଳ ତା'ର ଜମାନବନ୍ଦୀରେ ଉଲ୍ଲେଖ କରିଥିବା ନେଇ କ୍ରାଇମବ୍ରାଂଚ ଡିଏସପି ଶ୍ରୀ ଦୋରା ରେକର୍ଡ କରିଥିବାର ଦସ୍ତାବିଜ ପଦାକୁ ଆସିଛି । ତେବେ ଏହି ଦସ୍ତାବିଜ ପଦାକୁ ଆସିବା ପରେ ଏହା କ୍ରାଇମବ୍ରାଂଚର ଆଉ ଗୋଟିଏ 'ଶୁଆଶାରୀ' ଗପ ସଦୃଶ ହୋଇଛି ।

## ପ୍ରଥମ ଯାତ୍ରୀ ଭାବେ....

ତେବେ ସଂପୃକ୍ତ ବସ୍ ମାଲିକଙ୍କୁ ଜରିମାନା କରାଯିବ। ରାଜ୍ୟ ପରିବହନ ବିଭାଗ ସଚିବ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏନେଇ ସବୁ ଆରଟିଓମାନଙ୍କୁ ସଚିବ ଚିଠି କରିଛନ୍ତି। ତା'ସହ ନିୟମିତ ଯାଂଚ କରିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେଉଁଠି ଯଦି ମହିଳାଙ୍କୁ ପ୍ରଥମେ ବସ୍ ଉପରେ ଚଢ଼ିବା ପାଇଁ ବାରଣ କରାଯାଏ, ତେବେ ସଂପୃକ୍ତ ବସ୍ ମାଲିକଙ୍କ ବିରୋଧରେ ଇ-ଚାଲାଣ କାଟିବାକୁ ରାଜ୍ୟ ପରିବହନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

## ରାମ ମନ୍ଦିର କେବେ....

ଏହାର ଅର୍ଥ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବରେ ଲକ୍ଷାଧିକ ଲୋକ ସାମିଲ ହେବେ। ରାୟ କହିଛନ୍ତି, ସେମାନେ ପ୍ରାଣ ପ୍ରତିଷ୍ଠା ପାଇଁ ଜାନୁଆରୀ ୧୫ରୁ ୨୪ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କୁ ସମୟ ଦେଇଛନ୍ତି। କିନ୍ତୁ ପ୍ରକୃତ ତାରିଖ ନିଜେ ପ୍ରଧାନମନ୍ତ୍ରୀ ସ୍ଥିର କରିବେ। ଆଉ ଗୋଟିଏ ବଡ଼ ହୋଟେଲର ମାଲିକଙ୍କ କହିବା କଥା ଯେ ଟ୍ରାଭେଲ ଏଜେଣ୍ଟମାନେ ଅଧିକ ଦାମରେ ପୂରା ହୋଟେଲକୁ ବୁକିଂ କରିବାକୁ ପ୍ରସ୍ତାବ ଦେଉଛନ୍ତି। ସେମାନେ ଏବେ ଠାରୁ ଭଡ଼ା ବାବଦରେ ସବୁ ଅର୍ଥ ଦେବାକୁ ମଧ ରାଜି। ଟ୍ରାଭେଲ ସଂସ୍ଥାଗୁଡ଼ିକ ସେମାନଙ୍କ ସ୍ଥାନୀୟ ଏଜେଣ୍ଟମାନଙ୍କୁ ବୁକିଂ ନିଶ୍ଚିତ କରିବା କାମରେ ଲାଗାଇଥିବା ସେ କହିଛନ୍ତି। ଅଯୋଧ୍ୟାରେ ବର୍ତ୍ତମାନ ୧୦୦ରୁ ଅଧିକ ହୋଟେଲ ରହିଛି। ଏହି ହୋଟେଲ ଗୁଡ଼ିକ ମଧ୍ୟରୁ ଗୋଟିଏ ପଞ୍ଚ ତାରକା ହୋଇଥିବା ବେଳେ ୨ଟି ଫୋର ଷ୍ଟାର ଓ ୧୨ଟି ଥ୍ରୀ ଷ୍ଟାର। ହୋଟେଲ ବ୍ୟତୀତ ୫୦ଟି ଗେଷ୍ଟ ହାଉସ ଓ ପ୍ରାୟ ୬୦ଟି ଧର୍ମଶାଳା ରହିଛି। ହୋଟେଲ, ଗେଷ୍ଟ ହାଉସ ଓ ଧର୍ମଶାଳା ବ୍ୟତୀତ ସ୍ଥାନୀୟ ଲୋକମାନେ ମଧ ନିଜ ଘରକୁ ଅସ୍ଥାୟୀ ଭାବେ ଷ୍ଟେହୋମରେ ପରିଣତ କରି ଭଡ଼ାରେ ଲଗାଇବାର ନଜିର ରହିଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ଚାଲ: ନିଳଗିରି ବ୍ଲକରୁ ଗୋଟାଏ ଦିନପାଇଁ ସମୂହ ଛୁଟିରେ ଗଲେ ୧୧ଜଣ ଆଉଟ୍ ସୋର୍ସିଂ କର୍ମଚାରୀ

ନୀଳଗିରି, ୨୮/୦୭ (ନି.ପ୍ର): ଓଡ଼ିଶା ସରକାରି ଆଉଟ୍ ସୋର୍ଶିଂ କର୍ମଚାରୀ ମହାସଂଘ ପକ୍ଷରୁ ଆସନ୍ତା ୩୧ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ଚାଲ ଡାକରା ଦେଇଥିବା ବେଳେ ଆଜି ନିଳଗିରି ବ୍ଲକର ୧୧ଜଣ ଆଉଟ୍ ସୋର୍ଶିଂ କର୍ମଚାରୀ ଆସନ୍ତା ୩୧ତାରିଖରେ ମହାସଂଘ ଡାକରାରେ ସମାବେଶରେ ଯୋଗ ଦେବା ପାଇଁ ଉକ୍ତ ତାରିଖରେ ସମୂହ ଛୁଟି ପାଇଁ ନୀଳଗିରି ବିଡ଼ିଓ ରାହୁଲ୍ ମଣ୍ଡଳଙ୍କୁ ଏକ ମେମୋରେଣ୍ଡମ୍ ପ୍ରଦାନ କରିଛନ୍ତି। ଦରମା ବଢ଼ାଇବା, ସମାନ କାମକୁ ସମାନ ଦରମା, ଯୋବ ସେକ୍ୟୁରିଟୀ ଆଦି ୧୦ଦଫା ଦାବୀ ନେଇ ଆଲୋଚନା କରାଯିବାର ମହାସଂଘ ପକ୍ଷରୁ ଡାକରା ଦିଆଯାଇଥିବାର ସୂଚନା ଦେଇଛନ୍ତି। ନିଳଗିରି ବ୍ଲକରୁ ଅନନ୍ତ କୁମାର ପରିଡ଼ା, ଦିଲ୍ଲୀପ କୁମାର ପଣ୍ଡିତ, ଦେବାଶିଷ ପରିଡ଼ା, ରାଜୀବ କୁମାର ଜେନା, ଜଗବନ୍ଧୁ ଜେନା, ଚିନ୍ତାମଣି ନାୟକ, ଶାସ୍ୱତି ମହାନ୍ତି,ପ୍ରଶାନ୍ତ କୁମାର ବେହେରା, ପ୍ରୀତିବେଦଶି ଦାସ, ଶାନ୍ତିଲତା ମହାପାତ୍ର, ମହେଶ୍ୱେତା ପାତ୍ର ପ୍ରମୁଖ ଗୋଟାଏ ଦିନପାଇଁ ସମୂହ ଛୁଟିରେ ଯିବାର ନିଷ୍ପତ୍ତି ଗ୍ରହଣ କରିଛନ୍ତି।

## ମହାପ୍ରଭୁଙ୍କ ବନକଲାଗି ନୀତି ନହୋଇ ପାରିବା ନେଇ କଂଗ୍ରେସର କ୍ଷୋଭ

ଭୁବନେଶ୍ୱର, ୨୮/୦୭ (ନି.ପ୍ର): ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ସରିବା ଆନୁମାନିକ ୨୮ଦିନ ହୋଇଯିବ। ଠାକୁରମାନେ ଶ୍ରୀମନ୍ଦିରକୁ ପ୍ରବେଶ କରିବାପରେ ମୁଖଶୃଙ୍ଗାର ପାଇଁ ବନକଲାଗି ଗୁପ୍ତସେବା ହୋଇଥାଏ। ଏହି ସେବାପାଇଁ ଭକ୍ତଙ୍କ ଦର୍ଶନ ପାଇଁ, ମନ୍ଦିର ଅନ୍ୟୁନ ୩-୪ ଘଂଟା ବନ୍ଦ ରହିଥାଏ। କିନ୍ତୁ ଦୁଃଖ ଏବଂ ପରିତାପର ବିଷୟ ଦତ ମହାପାତ୍ର ସେବାୟତ ମାନେ ତାଙ୍କ କାର୍ଯ୍ୟକୁ ଠିକଣା ଭାବେ, ଶ୍ରୀମନ୍ଦିର ପ୍ରଶାସନ କରିବାକୁ ଦେଉନାହାନ୍ତି ବୋଲି ଆଣିଥିବା ଅଭିଯୋଗ ଅତ୍ୟନ୍ତ ସମ୍ବେଦନଶୀଳ। ଶୁକ୍ରବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ କଂଗ୍ରେସ ଭବନ ଠାରେ ପିସିସି ମୁଖପାତ୍ର ଡଃ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଏକ ସାମ୍ବାଦିକ ସମ୍ମିଳନୀରେ କିହଲେ ଯେ ଦୀର୍ଘ ୨୮ ଦିନ ହେବ ମହାପ୍ରଭୁ ମାନଙ୍କ ସୁନ୍ଦର ଶ୍ରୀମୁଖ ଭକ୍ତମାନେ ଦେଖିବାକୁ ପାଉନାହାନ୍ତି। ପ୍ରଶାସନ ଓ ସେବାୟତଙ୍କ ବ୍ୟକ୍ତିଗତ ଅହଂ ପାଇଁ ଆଜି ଏଭଳି ଅବସ୍ଥା ଉପୁଜୁଛି। କଂଗ୍ରେସ ଦଳ ଏହାକୁ ଦୃଢ଼ ଭାବେ ନିନ୍ଦା କରୁଛି। ଶ୍ରୀ ଜଗନ୍ନାଥ ଭକ୍ତଙ୍କ ଭାବାବେଗ ସହ ଆଉ ନଖେଳିବାକୁ ପ୍ରଶାସନକୁ କଂଗ୍ରେସ ଦଳ ସର୍ତକ କରାଇ ଦେଇଛି। ମୁଖ୍ୟ ପ୍ରଶାସକ ଜଣେ ଅତ୍ୟନ୍ତ ଦକ୍ଷବ୍ୟକ୍ତି, ସେ ଏ କାର୍ଯ୍ୟକୁ ପ୍ରଭୁଙ୍କର ଏକାନ୍ତ କାର୍ଯ୍ୟ ଭାବେ ଭାବି, ତୁରନ୍ତ ଏହାର ସମାଧାନ କରନ୍ତୁ। ଡ. ଜ୍ଞାନେନ୍ଦ୍ର ଜିଲ୍ଲା ପ୍ରଶାସନ ତୁରନ୍ତ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା ପାଇଁ ଓ ଭିତର ରତ୍ନ ଭଣ୍ଡାର ଖୋଲି ତୁରନ୍ତ ରତ୍ନର ଗଣତି କରିବାପାଇଁ ପୁନଃ ଦାବି କରିଛନ୍ତି। ଜିଲ୍ଲାପାଳଙ୍କ ପରିକ୍ରମା ମାର୍ଗ ବାହାନାରେ ଦକ୍ଷିଣ ଉତର ଦ୍ୱାର ବନ୍ଦକୁ କୌଣସି ପ୍ରକାର ଗ୍ରହଣ କରାଯାଇ ପାରିବ ନାହିଁ। ସରକାର ଓ ପ୍ରଶାସନ ଶ୍ରୀଜଗନ୍ନାଥ ଭକ୍ତଙ୍କ ଭାବାବେଗ ପ୍ରତି ସଚେତନ ରହିବାକୁ କଂଗ୍ରେସ ଦଳ ଚେତାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟତମ ମୁଖପାତ୍ର ଶ୍ରୀମତୀ ରଶ୍ମି ମହାପାତ୍ର ଉପସ୍ଥିତ ଥିଲେ।

# ରକ୍ତଦାନ କରନ୍ତୁ, ଅନ୍ୟର ମୁଖରେ ହସ ଫୁଟାନ୍ତୁ : ରୋଟାରୀ କ୍ଲବ ଉଦଳା

ଉଦଳା, ୨୮/୦୭ (ନି.ପ୍ର): ଉଦଳା ରୋଟାରୀ କ୍ଲବ ତରଫରୁ ଆସନ୍ତା ଅଗଷ୍ଟ ମାସ ୨ ତାରିଖ ବୁଧବାର ଦିନ ସ୍ଥାନୀୟ ଉପଖଣ୍ଡ ସରକାରୀ ଚିକିତ୍ସାଳୟ ପରିସରରେ ସକାଳ ୯ ଘଟିକା ଠାରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଛି । ଉକ୍ତ ଶିବିରରେ ବହୁ ସଂଖ୍ୟାରେ ରକ୍ତଦାନ କରି ଶିବିରକୁ ସଫଳ କରିବାକୁ କ୍ଲବର ସଭାପତି ରୋଟାରିଆନ ମନୋରଂଜନ ପାଢ଼ି ଅନୁରୋଧ ଜଣାଇଛନ୍ତି। ସେ ଆହୁରି ମଧ କହିଛନ୍ତି ଉଦଳା ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସାଧିନ ରକ୍ତହୀନତା ରୋଗୀ ଓ ଥାଲାସେମିଆ ପିଲାମାନେ ବଂଚି ରହିବା ପାଇଁ ରକ୍ତ ଉପରେ ନିର୍ଭର କରିଥାନ୍ତି । ସେମାନଙ୍କୁ ବଂଚାଇ ରଖିବା ଓ ତାଙ୍କ ମୁଖରେ ହସ ଫୁଟାଇବା ପାଇଁ ଆମେ ମିଳିମିଶି ରକ୍ତଦାନ କରିବା ଉଚିତ। ସେହିପରି କ୍ଲବର ସଂପାଦକ ରୋଟାରିଆନ ସୁଶାନ୍ତ କୁମାର ପଟ୍ଟନାୟକ କହିଛନ୍ତି ରକ୍ତଦାନ କରୁଥିବା ବ୍ୟକ୍ତି ନିଜେ ସୁସ୍ଥ ରହିବା ସହିତ ଅନେକ ଗୁଡ଼ିଏ ରୋଗରୁ ମୁକ୍ତି ପାଇଥାନ୍ତି । ତେଣୁ ସମସ୍ତେ ରକ୍ତଦାନ କରିବାର ଆବଶ୍ୟକତା ରହିଛି । ସମସ୍ତଙ୍କ ମୁଖରେ ହସ ଫୁଟାଇବା ଓ ପୃଥିବୀକୁ



ସ୍ୱର୍ଗରେ ପରିଣତ କରିବା ପାଇଁ ରୋଟାରି କ୍ଲବ ଚଳାଇଥିବା ଉଦ୍ୟମ ବାସ୍ତବରେ ପ୍ରଶଂସନୀୟ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି ।

## ଦୋକାନ ଭଙ୍ଗା ବନ୍ଦ ଓ ଥଇଥାନ ଦାବିରେ ଉଠା ଦୋକାନୀଙ୍କ ରାସ୍ତାରୋକ

ଭୁବନେଶ୍ୱର, ୨୮/୦୭ (ନି.ପ୍ର): ଏଆଇଟିୟୁସି ସହ ଅନୁବନ୍ଧିତ ରାଜଧାନୀର ଉଠା ଦୋକାନୀମାନେ ଚଳିତ ସପ୍ତାହରେ ଦ୍ୱିତୀୟ ଥର ପାଇଁ ରାସ୍ତାକୁ ଓହ୍ଲାଇଛନ୍ତି । ଉଠା ଦୋକାନ ଭଙ୍ଗା ଅଭିଯାନ ବନ୍ଦ କରି ତୁରନ୍ତ ସେମାନଙ୍କୁ ଥଇଥାନ କରିବା ଦାବିରେ ଆଜି ଅଶୋକନଗର, ମାଷ୍ଟରକ୍ୟାଂଟିନ, ଜାଗମରା, ଖଣ୍ଡଗିରି ଓ ପଟିଆ ଅଂଚଳର ଶହ ଶହ ଉଠା ଦୋକାନୀ ଭଗବତୀ ଭବନଠାରେ ଏକାଠି ହୋଇଥିଲେ। ସେଠାରୁ ଏକ ଶୋଭାଯାତ୍ରା ବାହାରି ରାଜମହଲ ଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାପରେ ବିକ୍ଷୋଭକାରୀମାନେ ଶୋଭାଯାତ୍ରାରେ ଯାଇ ମାଷ୍ଟରକ୍ୟାଂଟିନଠାରେ ରାସ୍ତା ରୋକ କରିଥିଲେ। ସେଠାରେ ଭୁବନେଶ୍ୱର ଉଠା ଦୋକାନୀ ବ୍ୟବସାୟୀ ସଂଘର ସଭାପତି ସୁର ଜେନା ଉଦ୍‌ବୋଧନ ଦେଇ କହିଲେ- ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶରେ ପାର୍ଲାମେଂଟ ଉଠା ଦୋକାନୀଙ୍କ ଥଇଥାନ ପାଇଁ ଆଇନ ପାଶ୍ କଲା। ଓଡ଼ିଶା ହାଇକୋର୍ଟ ମଧ ଥଇଥାନ ପାଇଁ ନିର୍ଦ୍ଦେଶ ଦେଲେ। ବିଏମ୍‌ସି ସର୍ଭେ କରି ଷ୍ଟ୍ରିଟ୍ ଭେଣ୍ଡର କାର୍ଡ ପ୍ରଦାନ କଲା। ତା’ ପରେ ସେମାନଙ୍କୁ ଥଇଥାନ ନ କରି ଦୋକାନ ଭଙ୍ଗା ଚାଲିଛି କାହିଁକି? ଏଣୁ ଦୋକାନ ଭଙ୍ଗା ବନ୍ଦ କରି ଉଠା ଦୋକାନୀଙ୍କୁ ଥଇଥାନ କରାଯିବା ପର୍ଯ୍ୟନ୍ତ ଏ ଆନ୍ଦୋଳନ ଚାଲିବ ଏବଂ ଆସନ୍ତା ସୋମବାର ଦିନ ଠେଲାଗାଡ଼ି ସହ ବିଏମ୍‌ସି ଅଫିସ୍ ଘେରାଉ ହେବ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଶ୍ରମିକ ନେତା ଶଙ୍କର ବାରିକ, ଦେବ ସାହୁ, ପ୍ରଶାନ୍ତ ମହାପାତ୍ର, ଜଗା ପ୍ରଧାନ, ଅଶୋକ ବାରିକ, ବଟକୃଷ୍ଣ ସାହୁ, ନାରୀ ନେତ୍ରୀ ଅନ୍ନପୂର୍ଣ୍ଣା ପ୍ରଧାନ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

## ଷ୍ଟେସନ ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବସ୍ତା, ୨୮/୦୭ (ନି.ପ୍ର): ଦକ୍ଷିଣ ପୂର୍ବ ରେଳବାଇ ର ବସ୍ତା ରେଳ ଷ୍ଟେସନ ୩ ନମ୍ବର ପ୍ଲାଟଫର୍ମର ରେଳ ଧାରଣାରୁ ଜନୈକ ଯୁବକଙ୍କ ମୃତ ଦେହ ଉଦ୍ଧାର ହୋଇଛି। ଶୁକ୍ରବାର ସକାଳେ ମୃତ ଦେହ ଟି ଦୁଇଖଣ୍ଡ ଅବସ୍ଥା ରେ ପଡ଼ିଥିବା ଦେଖିବାକୁ ପାଇ ରେଳବାଇ ପୁଲିସ କୁ ଖବର ଦିଆ ଯାଇଥିଲା । ରେଳବାଇ ପୁଲିସ ଘଟଣା ସ୍ଥଳ ରେ ପହଞ୍ଚି ଶବକୁ ଜବତ କରି ତଦନ୍ତ ଚଳାଇଛି। ପୁଲିସ ସୂତ୍ର ରୁ ମିଳିଥିବା ସୂଚନା ଅନୁସାରେ ମୃତ ଯୁବକର ନାମ ଶ୍ରୀକାନ୍ତ ଭୂୟାଁ (୩୦) ଓ ତାର ଘର ପଶ୍ଚିମବଙ୍ଗ ରାଜ୍ୟ ଝାଡଗ୍ରାମ ଅଞ୍ଚଳର ସାତପତି ଗ୍ରାମର ବୋଲି ଜଣା ପଡିଛି।

## ବିଜେଡି ଛାଡ଼ି ନିଜ ଘର ବିଜେପିକୁ ଫେରିଲେ ଗୟାଧର

ନୀଳଗିରି, ୨୮/୦୭ (ନି.ପ୍ର): କିଛି ଦିନ ପୂର୍ବରୁ ବିଜେପି ଦଳ ଛାଡ଼ି ବିଜେଡିରେ ଯୋଗ ଦେଇଥିବା ଈଶ୍ୱରପୁର ପଞ୍ଚାୟତର ୱାର୍ଡ ମେମ୍ବର ଗୟାଧର ବିଶ୍ୱାଳ ଆଜି ବିଜେଡି ଦଳ ଛାଡ଼ି ନିଜ ଘର ବିଜେପି ଦଳରେ ଯୋଗ ଦେଇଛନ୍ତି । ବିଜେପି କାର୍ଯ୍ୟାଳୟରେ ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକଙ୍କ ଉପସ୍ଥିତିରେ ବିଜେପିରେ ପୁନର୍ବାର ସାମିଲ ହୋଇଛନ୍ତି। ବିଜେପି ଦଳର ନୀତି ଆଦର୍ଶ କୁ ଭୁଲି ନପାରି ଦଳକୁ ଫେରିଥିବାର ସୂଚନା ଦେଇଛନ୍ତି। ଏହି ଅବସରରେ ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ବରିଷ୍ଠ ବିଜେପି ନେତା



ଗଙ୍ଗାଧର ମିଶ୍ର, କରୁଣାକର ପଣ୍ଡା, ସମାଜସେବୀ ସୁଧା ମଲିକ, ଭାଗବତ ଖିଲାର ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଓଏସ୍‌ଡିଙ୍କ ଏମ୍ସ ଭୁବନେଶ୍ୱର ପରିଦର୍ଶନ

ଭୁବନେଶ୍ୱର, ୨୮/୦୭ (ନି.ପ୍ର): ଗୌରବମୟ ପ୍ରଥମ ଦଶନ୍ଧିର ଯାତ୍ରା ଅବସରରେ ଏମ୍ସ ଭୁବନେଶ୍ୱର ଓଡ଼ିଶା ତଥା ପଡୋଶୀ ରାଜ୍ୟର ଜନସାଧାରଣଙ୍କୁ ଗୁଣବତାପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାରେ ଅଗ୍ରଣୀ ଭୂମିକା ନିର୍ବାହ କରିଛି। ରୋଗୀସେବା କ୍ଷେତ୍ରରେ ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଦେଶରେ ଏକ ନୂତନ ବ୍ରାଣ୍ଡ୍ ସୃଷ୍ଟି କରିଛି ଏବଂ ଅନ୍ୟାନ୍ୟ ଜାତୀୟ ସ୍ୱାସ୍ଥ୍ୟାନୁଷ୍ଠାନଗୁଡିକ ପାଇଁ ଅନୁକରଣୀୟ ହୋଇପାରିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଓଏସ୍‌ଡି ସୁଧାଂଶ ପନ୍ତ ପ୍ରକାଶ କରିଛନ୍ତି। ଶ୍ରୀ ପନ୍ତ ଆଜି ଏମ୍ ?ସ ଭୁବନେଶ୍ୱର ପରିଦର୍ଶନ କରିବା ଅବସରରେ ଏପରି ମତବ୍ୟକ୍ତ କରିଛନ୍ତି। ଏମ୍ସରେ ସ୍ୱାସ୍ଥ୍ୟସେବାର ସମୀକ୍ଷା କରିବା ସହିତ ଏହି ଗସ୍ତ ସମୟରେ ଶ୍ରୀ ପନ୍ତ ରୋଗୀଙ୍କ ସହ ସିଧାସଳଖ ବାର୍ତାଳପ କରିବା ସହିତ ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କର ମତାମତ ଲୋଡ଼ିଥିଲେ। ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଶ୍ରୀ ପନ୍ତଙ୍କୁ ସ୍ୱାଗତ କରିବା ସହିତ ଏହି ପ୍ରମୁଖ ଜାତୀୟ ଅନୁଷ୍ଠାନର ବିଭିନ୍ନ କୃତିତ୍ୱ ଏବଂ ଭବିଷ୍ୟତର ଯୋଜନା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ରୋଗୀମାନଙ୍କ ସହ କଥାବାର୍ତା ସମୟରେ ଶ୍ରୀ ପନ୍ତ ଏମ୍ସରେ ପ୍ରଦାନ କରାଯାଉଥିବା ସ୍ୱାସ୍ଥ୍ୟସେବା ସମ୍ବନ୍ଧରେ ସେମାନଙ୍କ ମତାମତକୁ ଧ୍ୟାନର ସହ ଶୁଣିଥିଲେ। ରୋଗୀଙ୍କୁ ସହୃଦୟତାର ସହିତ ପ୍ରଦାନ କରାଯାଉଥିବା ଉତମ ଚିକିତ୍ସା ସେବା ନିମନ୍ତେ ଏମ୍ସର ଚିକିତ୍ସକ ଏବଂ କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ଏହି ଅବସରରେ ଶ୍ରୀ ପନ୍ତ ମେଡିସିନ୍ ବିଭାଗ ସମେତ ଏକାଧିକ ୱାର୍ଡ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଥିଲେ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଓଏସ୍‌ଡି ଏମ୍ସ ଭୁବନେଶ୍ୱରରେ ପ୍ରଦାନ କରାଯାଉଥିବା ବିଭିନ୍ନ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ବୁଲି ଦେଖିବା ସହିତ ଜଟିଳ ରୋଗର ଚିକିତ୍ସାରେ ବ୍ୟବହୃତ ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପର୍କରେ ସୂଚନା ସଂଗ୍ରହ କରିଥିଲେ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ କରି ଜନସାଧାରଣଙ୍କୁ ସୁବିଧା ପ୍ରଦାନ କରିବାର ପ୍ରତିବଦ୍ଧତା ନିମନ୍ତେ ଏମ୍ସର ପଦକ୍ଷେପକୁ ସାଧୁବାଦ ଜଣାଇଥିଲେ ଶ୍ରୀ ପନ୍ତ।

## ଏମ.କେ.ସି. ହାଇସ୍କୁଲରେ ନୀଳଚକ୍ର ପୁରସ୍କାର ପ୍ରଦାନ ସମାରୋହ

ବାରିପଦା, ୨୮/୦୭ (ନି.ପ୍ର): ବିଷ୍ଣୁପ୍ରିୟା ଶତପଥୀ ଓ ଡ. ଲଡୁକେଶ୍ୱର ଶତପଥୀଙ୍କ ସ୍ମୃତିରେ ଆମେରିକାରେ ରହୁଥିବା ଏମକେସି ହାଇସ୍କୁଲର ପୁରାତନ ଛାତ୍ର ପ୍ରଫେସର ଶଶି ଶେଖର ଶତପଥୀଙ୍କ ଦ୍ୱାରା ପ୍ରଦତ୍ତ ନୀଳଚକ୍ର ପୁରସ୍କାର ପ୍ରଦାନ ସମାରୋହ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାସନ୍ତୀ ଟୁଡୁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଗବେଷକ ଓ ଲେଖକ ଡ. ମୋହିତ କୁମାର ଷଡ଼ଙ୍ଗୀ ଯୋଗ ଦେଇ ଷଷ୍ଠ ରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସର୍ବୋଚ୍ଚ ନମ୍ବର ରଖିଥିବା



ପ୍ରଥମ ଓ ଦ୍ୱିତୀୟ ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପୁରାତନ ଛାତ୍ର ସଂସଦର ସଭାପତି ପୂର୍ଣ୍ଣେନ୍ଦୁ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିବା ବେଳେ ପୁରାତନ ଛାତ୍ର ଅମିତାଭ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ. ବରିଷ୍ଠ ଶିକ୍ଷୟତ୍ରୀ କୁଞ୍ଜବାଳା ମହାନ୍ତ, ଶିକ୍ଷକ ରାଜୀବ ଲୋଚନ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷୟତ୍ରୀ ଗାୟତ୍ରୀ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ. ଶିକ୍ଷକ ଲକ୍ଷ୍ମୀ ନାରାୟଣ ମହାନ୍ତ, ବୁଦ୍ଧିରାମ ସିଂହ, କୁମୁଦିନୀ ସି ଓ ସୋନାଲି ପରିଡା କାର୍ଯ୍ ?ଯକ୍ରମ ପରିଚାଳନାରେ ସହଯୋଗ କରି ଥିବା ବେଳେ, ପୁରାତନ ଛାତ୍ର ଇଂ ମାନସ ଷଡ଼ଙ୍ଗୀ, ଇଂ ପ୍ରଦୀପ୍ତ କିଶୋର ମହାନ୍ତି, ଆଶିଷ ବସା, ସୌମ୍ୟ କର ମହାପାତ୍ର, ନଚିକେତା ଦାସ ସୌରଭ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ । ପୁରସ୍କୃତ ହୋଇ ଥିବା କୃତୀ ଛାତ୍ର ଛାତ୍ରୀ ମାନେ ହେଲେ ବିଭୁ କିଶୋର ମଲିକ, ମିତେଶ ଗୋଚ୍ଛାୟତ, ସ୍ନେହ । ଜେନା, ଦିବ୍ୟାଂଶୁ ଧଳ, ଆଦ୍ୟାଶା ସିଂହରାୟ, ସମୀତା ସାହୁ, ନିବେଦିତା ମୁଖି, ତୁଷାର ଶାହା, ଆର୍ଚ୍ୟସମାନ ଦାସ, ଓ ଗୁଞ୍ଜନ କୁମ୍ଭକାର । ଏହି ଅବସରରେ ବିଦ୍ୟାଳୟ ତରଫରୁ ନିକଟ ଅତୀତରେ ଭୂମି ଗୌରବ ସମ୍ମାନରେ ସମ୍ମାନୀତ ହୋଇ ଥିବା ବିଦ୍ୟାଳୟର ୧୯୬୦ ବ୍ୟାଚର ପ୍ରାକ୍ତନ କୃତୀ ଛାତ୍ର ଡ. ମୋହିତ କୁମାର ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ମଣିପୁର ଘଟଣା ପାଇଁ ସୂଚନା ଅଧିକାର ସଂଘର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ବାଲିଆପାଳ, ୨୮/୦୭ (ନି.ପ୍ର): ଦୀର୍ଘଦିନ ଧରି ମଣିପୁରରେ ଜାରି ରହିଥିବା ହିଂସା ଏବଂ ପରବର୍ତୀ ସମୟରେ ଦୁଇ ମହିଳାଙ୍କ ପ୍ରତି ହୋଇଥିବା ଦୁର୍ବ୍ୟବହାର ସାରା ଦେଶକୁ ସ୍ତବ୍ଧ କରିଦେଇଛି । ଏଥିରେ ସଂପୃକ୍ତ ଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନର ଦାବି ଦେଶର କୋଣ ଅନୁକୋଣରୁ ବିଭିନ୍ନ ସଂଗଠନ ତରଫରୁ କରାଯାଉଥିବା ବେଳେ ଆଜି ବାଲିଆପାଳ ବ୍ଲକ ସୂଚନା ଅଧିକାର ସଂଘ ପକ୍ଷରୁ ଦାବି କରାଯାଇଛି । ସୂଚନା ଅଧିକାର ସଂଘର କର୍ମମାନେ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଆସି ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବାଲିଆପାଳ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ସୂଚନା ଅଧିକାର ସଂଘର ସଭାପତି ଅନୁଜ କୁମାର ମହାପାତ୍ର, କୁଶଧ୍ୱଜଜେନା, ଦେବେନ୍ଦ୍ରଦାଶ, ଗୋପୀନାଥ ଗଙ୍ଗାଇ, ବଳରାମ ମାଝୀ, ବିପିନ ଦାସ, ସୟ କୁମାର ମାଝୀ, ସେକ ଜଲାନୁଦ୍ଦିନ, ଅକ୍ଷୟ ଦାସ,କାହ୍ନୁଚରଣ ପାତ୍ର, ଶରତ କୁମାର ପାତ୍ର, ପ୍ରହ୍ଲାଦ ଘଡାଇ, ପ୍ରଶାନ୍ତ ଜେନା ପ୍ରମୁଖ ସୂଚନା କର୍ମୀ ଉପସ୍ଥିତ ଥିଲେ ।

## ଡ. ଆଶିଷ ଘୋଷ ହେଲେ ଟ୍ରିପଲ ଆଇଟିର ନିର୍ଦ୍ଦେଶକ

ଭୁବନେଶ୍ୱର, ୨୮/୦୭ (ନି.ପ୍ର): ଭୁବନେଶ୍ୱର ସ୍ଥିତ ଟ୍ରିପଲ ଆଇଟିର ନୂଆ ନିର୍ଦ୍ଦେଶକ ହୋଇଛନ୍ତି ଡ. ଆଶିଷ ଘୋଷ । ଇଂଟରନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇନଫରମେସନ୍ ଟେକ୍ନୋଲୋଜି (ଆଇଆଇଆଇଟି) ର ନିର୍ଦ୍ଦେଶକ ଭାବେ ଡ. ଘୋଷଙ୍କୁ ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲ୍ ନିଯୁକ୍ତି ଦେଇଛନ୍ତି। ସେ ଏହି ଦାୟିତ୍ୱରେ ୫ ବର୍ଷ ପାଇଁ ରହିବେ। ଡ. ଆଶିଷ ଘୋଷଙ୍କର ରହିଛି ୧୮ ବର୍ଷର ଅଧ୍ୟାପନା ଅଭିଜ୍ଞତା। ସେ ବର୍ତମାନ କୋଲକାତାର ଟେକ୍ନୋଲୋଜି ଇନୋଭେସନ୍ ହବ୍ ର ପ୍ରଫେସର ଓ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ।

## ମାଙ୍କଡ କାମୁଡାରେ ୨ଆହତ: ଆତଙ୍କିତ ଗ୍ରାମବାସୀ

ବସ୍ତା, ୨୮/୦୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ରଘୁନାଥ ପୁର ପଞ୍ଚାୟତ ଅସ୍ତି ଗ୍ରାମରେ ମାଙ୍କଡ ଆତଙ୍କ ରେ ଭୟଭିତ ଗ୍ରାମବାସୀ। ମାଙ୍କଡ ଆକ୍ରମଣରେ ସେକ କାହୁ ଓ ରଞ୍ଜୟ କୁମାର ଦାସ , ଗୁରୁତର ହୋଇଛନ୍ତି । ମାଙ୍କଡ ମାନଙ୍କର ଉପଦ୍ରବରେ ଭୟଭିତ ହୋଇ ପିଲାଙ୍କ ପାଠ ପଢା ଏକ ପ୍ରକାର ବନ୍ଦ ହୋଇଯାଇଛି।, ଭୟରେ ପିଲା ମାନେ ସ୍କୁଲ କିମ୍ବା ଅଙ୍ଗନୱାଡ଼ି ଯାଉନାହାନ୍ତି। ଆବଶ୍ୟକ ସ୍ଥଳେ ଗ୍ରାମ ବାସୀ ହାତରେ ଠେଙ୍ଗା,ଲାଠି, ମାରଣା ଅସ୍ତ୍ର ଧରି ଦୁଇରୁ ତନିଜଣ ହୋଇ ଘରୁ ବାହାରକୁ ବାହାରୁ ଛନ୍ତି । ଖବର ପାଇ ବନ ବିଭାଗ କର୍ମଚାରୀ ଗାଁରେ ପହଞ୍ଚି ପରିସ୍ଥିତି ଅନୁଧାନ କରିବା ସହିତ ମାଙ୍କଡ କୁ କାବୁ କରିବାକୁ ଉଦ୍ୟମ କରି ବାରେ ବିଫଳ ହୋଇଛନ୍ତି । ଗ୍ରାମ ବାସୀ ଭୟଭୀତ ଆତଙ୍କିତ ଅବସ୍ଥାରେ ରହିଥିବା ବେଳେ, ତୁରନ୍ତ ମାଙ୍କଡ କୁ କାବୁ କରିବାକୁ ଜିଲ୍ଲା ପ୍ରଶାସନ ଓ ବନ ବିଭାଗ ନିକଟରେ ଗ୍ରାମବାସୀ ଦାବୀ କରଚନ୍ତି।

# ନିଯୁକ୍ତିପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀମାନଙ୍କର ଗାନ୍ଧୀମାର୍ଗରେ ମହାସମାବେଶ ଜୁଲାଇ ୩୧ରେ

ଭୁବନେଶ୍ୱର, ୨୮/୦୭ (ନି.ପ୍ର): ଓଡ଼ିଶାର ସମସ୍ତ ବେସରକାରୀ ଅନୁଦାନ ଓ ଅଣଅନୁଦାନ (+୨ ଓ +୩) ମହାବିଦ୍ୟାଳୟମାନଙ୍କରେ ପରିଚାଳନା କମିଟି ଦ୍ୱାରା ତା ୦୧.୦୬.୨୦୦୮ରିଖ ରୁ ତା ୩୦.୧୧.୨୦୧୩ରିଖ ମଧ୍ୟରେ ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ତା ୧୮.୭.୨୦୨୩ରିଖଠାରୁ ଆଜକୁ ୧୧ଦିନ ହେଲା ଅନୁଦାନ ପାଇଁ ଗାନ୍ଧୀମାର୍ଗର ରାଜରାସ୍ତାରେ ବର୍ଷାରେ ଭିଜି ଅହୋରାତ୍ର ଧାରଣା ଦେଇଚାଲିଛନ୍ତି। ଏହିଭଳି ଦିନପରେ ଦିନ ବିତିଯାଇଥିଲେ ମଧ ଏପର୍ଯ୍ୟନ୍ତ ସରକାର ଆମ ସହିତ କୌଣସି ଆଲୋଚନା କରିନାହାନ୍ତି, ଏହା ଅତି ଦୁଃଖର ବିଷୟ । ଆମ୍ଭେମାନେ ସ୍ୱଳ୍ପ ଦରମାରେ ଦିନ ମଜୁରୀଆଠାରୁ ବି କମ୍ ହାରରେ ଦୀର୍ଘ ୧୫ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ନିଷ୍ଠାର ସହ ଶିକ୍ଷା ପ୍ରଦାନ କରିଆସୁଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସରକାରଙ୍କ ଅନୁଦାନରୁ ବଂଚିତ ହୋଇଅଛୁ । ସରକାର ବାରମ୍ବାର ଦେଇ ଆସୁଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ କରିବାରେ ବିଫଳ ମଧ ହୋଇଛନ୍ତି । ନିକଟ ଅତୀତରେ ତା ୨୪.୦୬.୨୦୨୩ ରିଖରେ ନୂତନ ଅନୁଦାନ ନୀତିର ପ୍ରକ୍ରିୟାକରଣ ପାଇଁ ଏକ ଚିଠି ପ୍ରକାଶ ପାଇଥିଲା ଏବଂ ତାହା ପୁଣି ତା ୨୮.୬.୨୦୨୩ରିଖରେ ବିଭିନ୍ନ କାରଣ ଦର୍ଶାଇ ଉଚ୍ଚଶିକ୍ଷା ବିଭାଗ ତରଫରୁ ଉକ୍ତ ଚିଠିଟି ପ୍ରତ୍ୟାହାର କରିନିଆଗଲା । ସରକାରଙ୍କର ଏହିଭଳି ନୀତିକୁ ଶିକ୍ଷକ ମହଲରେ ତୀବ୍ର ନିନ୍ଦା କରାଯାଉଛି । ସରକାର ଆମ କଥାକୁ ବିଚାର କରି ଏକମାତ୍ର ଦାବି ନୂତନ ଅନୁଦାନ (ଜି.ଆଇ.ଏ.) ନୀତିକୁ ପ୍ରଦାନ ନ କରନ୍ତି, ତେବେ ଆମେ ବାଧ ହୋଇ ଆସନ୍ତା ତା ୩୧.୭.୨୦୨୩ରିଖରେ ଗାନ୍ଧୀମାର୍ଗଠାରେ ଏକ ମହାସମାବେଶ କରିବୁ ବୋଲି ସଂଘ ତରଫରୁ ନିଷ୍ପତି ନିଆଯାଇଛି ଏବଂ ଯାହା କିଛି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ସରକାର ଦାୟୀ ରହିବେ । ଉକ୍ତ ବୈଠକରେ ସଭାପତି ଡଃ ଦେବ ବିଜୟ ମିଶ୍ର, ସମ୍ପାଦକ ଅଭୟ ପ୍ରଧାନ, ଦିବ୍ୟକାନ୍ତ ତ୍ରିପାଠୀ, ଦମୟନ୍ତୀ ଷଣ୍ଢ, ରବି ନାରାୟଣ କରଣ, ଶକୁନ୍ତଳା ଭୂୟାଁ, ଚିତ୍ରସେନ ପଣ୍ଡା, ତପନ ତରେଇ, ବିଭୂ ମିଶ୍ର, ସୂର୍ଯ୍ୟ ପଣ୍ଡା, ସୁକାନ୍ତ ବେହେରା, ବିଜୟ ଦାସ ଆଦି ସମସ୍ତ ଜିଲ୍ଲାର କର୍ମକର୍ତାମାନେ ଉପସ୍ଥିତ ଥିଲେ ।

## ଫସଲବୀମା ପଞ୍ଜିକରଣ ସମୟ ଅଗଷ୍ଟ ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଉ: କଂଗ୍ରେସ

ଭୁବନେଶ୍ୱର, ୨୮/୦୭ (ନି.ପ୍ର): ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଚାଷୀଙ୍କ ନାମ ପଞ୍ଜିକରଣ ସମୟ ଚଳିତମାସ ୩୧ ତାରିଖ ସୁଦ୍ଧା ସରିବ। ପ୍ରଧାନମନ୍ତ୍ରୀ ଫସଲବୀମା ସର୍ତ୍ତାବଳୀ ଅନୁଯାୟୀ ଅନ୍ତତଃ ପକ୍ଷେ ୨ ମାସ ପୂର୍ବରୁ ଚାଷୀ ବୀମାକରଣ କରିବାକୁ ସରକାର ବିଜ୍ଞପ୍ତି ପ୍ରକାଶ କରିବା କଥା। କିନ୍ତୁ ବହୁ ବିଳମ୍ବରେ ଗତ ଅଳ୍ପ କିଛି ଦିନ ହେଲା ବିଜ୍ଞପ୍ତି ପ୍ରକାଶ କରିଛନ୍ତି ଯାହା ଫଳରେ ଲକ୍ଷ ଲକ୍ଷ ଚାଷୀ ବୀମା ସମୟ ସୀମା ଜାଣି ପାରି ନାହାନ୍ତି। ଗୋଟିଏ ପଟେ ରାଜ୍ୟ ସରକାର ଚାଷୀଙ୍କ ପାଇଁ ପ୍ରିମିୟମ ଦେବାକୁ ବ୍ୟବସ୍ଥା କରୁଥିବା ବେଳେ ଅନ୍ୟ ପଟେ ଜାଣିଶୁଣି ଚାଷୀ ଫସଲବୀମା ପଞ୍ଜିକରଣ ସମୟର ଅବଧି ଖୁବ୍ କମ୍ ଦିନ ରଖିଛନ୍ତି। ଯାହା ଫଳରେ ବହୁ ଚାଷୀ ଫସଲ ବୀମା ପଞ୍ଜିକରଣରୁ ବଞ୍ଚିତ ହେବେ ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧକ୍ଷ ଅମିୟ କୁମାର ପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି। ଏବର୍ଷ ମୌସୁମୀ ବିଳମ୍ବିତ ଏବଂ ଅନେକ ଜିଲ୍ଲାରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ବର୍ତମାନ ମୌସୁମୀ କିଛି ଦିନ ହେଲା ସକ୍ରିୟ ଥିଲେ ମଧ ୮୫ ପ୍ରତିଶତ ଚାଷ ଆରମ୍ଭ କରାଯାଇନାହିଁ। ଏଥିପାଇଁ ଫସଲ ବୀମା କରାଇବା ଏକାନ୍ତ ଜରୁରୀ। ବୀମା ପୋର୍ଟାଲରେ ମଧ ବିଭିନ୍ନ କାରଣରୁ ପଞ୍ଜିକରଣ ବିଳମ୍ବିତ ହେଉଛି।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo